# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୭/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 27/2025 | Page 16 | ₹ 7.00 | DHENKANAL

୫୨ଶ ଭାଗ ୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 34 | ମୂଲ୍ୟ₹୭/-






To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

ଧରିତ୍ରୀ 52 Years
ଭୁବନେଶ୍ୱର, ଶନିବାର
୨୭ ଡିସେମ୍ବର, ୨୦୨୫

# ଅଭୁଲା ୨୦୨୫




# ଜେନ ଜି : ଅଧିକାର ପାଇଁ ବିପ୍ଳବ

ବିଦାୟୀ ବର୍ଷ ୨୦୨୫ ବିଶ୍ୱ ଇତିହାସରେ ବିପ୍ଳବର ନୂଆ ହସ୍ତାକ୍ଷର ଲେଖିଛି । ଜେନ ଜି (Generation Z) ଭାବେ ପରିଚିତ ଯୁବବର୍ଗ ବିଭିନ୍ନ ଦେଶରେ ରାଜନୈତିକ ଅସ୍ଥିରତା, ଦୁର୍ନୀତି, ଅର୍ଥନୈତିକ ଅସମାନତା, ବେକାରି ସମସ୍ୟା ଏବଂ ସରକାରୀ ଅବହେଳା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି । ଯେତେବେଳେ ରାସ୍ତାରେ ନିନାଦିତ ସ୍ୱର ଶାସକବର୍ଗଙ୍କ କର୍ଣ୍ଣ କୁହରରେ ପ୍ରବେଶ କରିପାରୁ ନାହିଁ ବୋଲି ଏହି ବର୍ଗ ହୃଦ୍‌ବୋଧ କରୁଛି, ସେତେବେଳେ ଶାସକ ବା ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ କାର୍ଯ୍ୟାଳୟ ଓ ବାସଭବନକୁ ଧସେଇ ପଶି ଛାରଖାର କରୁଛି । ଫଳରେ ସ୍ଥିତି ଭୟଙ୍କର ହେଉଛି । ଶାନ୍ତିଶୃଙ୍ଖଳାର ପ୍ରତିବାଦ ହିଂସାର ରୂପ ନେବା ପରେ ଜୀବନ ପ୍ରତି ବିପଦ ଆଶଙ୍କା କରି କେଉଁଠି ଶାସକ ଇସ୍ତଫା ଦେଇଛନ୍ତି କିମ୍ବା ପଳାୟନ କରିବାକୁ ଶ୍ରେୟସ୍କର ମଣିଛନ୍ତି । ଏହାର ପରିଣତି ଆଣିଛି ନୂତନ ସଂସ୍କାର କିମ୍ବା ନୂଆ ଶାସନ। ଏସିଆ ମହାଦେଶର ନେପାଳରେ 'ଜେନ୍ ଜି' ବିପ୍ଳବ ବ୍ୟାପକ ରୂପ ଧାରଣ କରି ଯେତେବେଳେ ଅନ୍ୟ ରାଷ୍ଟ୍ରରେ ପହଞ୍ଚିଛି, ସେତେବେଳେ ତାହାର ଆଉ ଏକ ନାମ ବାହାରିଛି 'ଏସିଆନ ସ୍ପ୍ରିଙ୍ଗ୍' ।

ବିଭିନ୍ନ ସମୟରେ ପୃଥିବୀରେ ଭିନ୍ନ ଭିନ୍ନ ବିପ୍ଳବ ଦେଖାଦେଇଛି। ପ୍ରଜାମେଳିକୁ ରାଜା ପାରିନାହାନ୍ତି। ପ୍ରତିବାଦ ଓ ବିକ୍ଷୋଭ ତୀବ୍ର ହେଲେ ତାହା ବିପ୍ଳବରେ ପରିଣତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ୨୦୨୫ରେ ଯେଉଁ 'ଜେନ୍ ଜି' ବିକ୍ଷୋଭ ଦେଖାଗଲା ତାହା ବିପ୍ଳବ ପଦବାଚ୍ୟ ହେବ ନା ପ୍ରତିବାଦରେ ରହିଯିବ, ସେ ନେଇ ବ୍ୟାଖ୍ୟାକାରମାନେ ତାହାର ସଂଜ୍ଞା ଦେବାରେ ବ୍ୟସ୍ତ। ବିପ୍ଳବର ଆକ୍ଷରିକ ଅର୍ଥ ବିଚାରିଲେ ଗୋଟେ ନିର୍ଦ୍ଦିଷ୍ଟ ବର୍ଗ ନୂଆ ବ୍ୟବସ୍ଥା ଆଣିବା ପାଇଁ କୌଶଳ କରି ବା ବଳପୂର୍ବକ ଏକ ସରକାର କିମ୍ବା ସାମାଜିକ ବ୍ୟବସ୍ଥାକୁ ଫିଙ୍ଗିଦେବାକୁ ବୁଝାଇଥାଏ । ଏହି ସଂଜ୍ଞାନୁଯାୟୀ ନେପାଳଠୁ ଆରମ୍ଭ କରି ମାଡାଗାସ୍କର, ଇଣ୍ଡୋନେସିଆ, ଫିଲିପାଇନ୍ସ, ପେରୁ ଆଦି ଅନେକ ରାଷ୍ଟ୍ରରେ ହୋଇଥିବା ବିକ୍ଷୋଭ ହିଁ ବିପ୍ଳବର ରୂପ ନେଇଥିଲା ବୋଲି କୁହାଯାଇପାରେ । ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ନୂଆ ପିଢ଼ି କରିଥିବା ବିଦ୍ରୋହ ବିଶ୍ୱବ୍ୟାପୀ ବିପ୍ଳବର ନୂଆ ପରିଭାଷା ସୃଷ୍ଟି କରିଛି।



## କାହିଁକି ବିପ୍ଳବ

- ପ୍ରିୟାପ୍ରୀତି ତୋଷଣ(ପରିବାରବାଦ) ଓ ଦୁର୍ନୀତି
- ଶିକ୍ଷିତ ବେକାରିଙ୍କ ସଂଖ୍ୟା ବୃଦ୍ଧି
- ଅର୍ଥନୈତିକ ଦୁଃସ୍ଥିତି
- ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଭିତ୍ତିଭୂମିର ଅଭାବ
- ସୋସିଆଲ ମିଡିଆ ଉପରେ ସରକାରୀ ନିଷେଧାଜ୍ଞା ଓ ସେନ୍ସରଶିପ୍

## ପ୍ରତିବାଦର ମାଧ୍ୟମ

ସୋସିଆଲ ମିଡିଆ (ଟିକଟକ, ଡିସକର୍ଡ, ଫେସବୁକ, 'X') ମାଧ୍ୟମରେ ସଙ୍ଗଠିତ ହୋଇଥିଲା । ଅନେକ ପ୍ରତିବାଦରେ ଜାପାନୀ ଆନିମେ "ୱାନ୍ ପିସ୍"ର ଷ୍ଟ୍ର ହ୍ୟାଟ ପାଇରେଟ୍ସ ଫ୍ଲାଗ (ଷ୍ଟ୍ର ହ୍ୟାଟ ସହିତ ଜଲି ରୋଜର୍) ପ୍ରତୀକ ଭାବେ ବ୍ୟବହୃତ ହୋଇଥିଲା ।

## ନେପାଳ

ରାଜତନ୍ତ୍ରରୁ ଗଣତନ୍ତ୍ର ଆଡ଼କୁ ଆସିବା ପାଇଁ ନେପାଳ ଦେଖିଥିଲା ଅନେକ ଘଟଣା । ଗଣତନ୍ତ୍ର ସ୍ଥାପନ ପରେ ମଧ୍ୟ ରାଜତନ୍ତ୍ର ପ୍ରତିଷ୍ଠା ପାଇଁ ଅନେକ ପ୍ରୟାସ ହୋଇଛି। ତେବେ ଗଣତନ୍ତ୍ର ନାମରେ ହେଉଥିବା ଶାସନ ସମୟକ୍ରମେ ଏକଛତ୍ରବାଦ ଆଡ଼କୁ ମୁହାଁଉଥିବା ଦେଖାଯାଇଥିଲା । ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ 'ଜେନ୍ ଜି' ବର୍ଗ ଏହାକୁ ଖୁବ୍ ନିକଟରୁ ଠଉରାଇ ପାରିଥିଲା । ବେକାରି ସମସ୍ୟା ବୃଦ୍ଧି, ଦରଦାମ ବହୁମାତ୍ରାରେ ବଢ଼ିଯିବା, ଶାସକ ଗୋଷ୍ଠୀଙ୍କ ପ୍ରିୟାପ୍ରୀତି ଓ ଦୁର୍ନୀତି ଶିଖର ଛୁଇଁବାରୁ ଏହି ବର୍ଗ ଅତିଷ୍ଠ ହୋଇ ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରତିବାଦକୁ ଜୋରଦାର କରିଥିଲା । ଏହାର ବେଗକୁ ହ୍ୱାଟ୍‌ସଆପ୍, ଫେସ୍‌ବୁକ୍, ୟୁଟ୍ୟୁବ୍ ତୀବ୍ରତର କରୁଥିବା ଲକ୍ଷ୍ୟ କରିବା ପରେ ସରକାର ସେଗୁଡ଼ିକ ଉପରେ ନିଷେଧାଦେଶ ଲାଗୁ କରିଥିଲେ । 'ନିଆଁରେ ଘିଅ' ଢାଳିଲା ପରି ସରକାରୀ ନିଷ୍ପତ୍ତି 'ଜେନ୍ ଜି'କୁ ଅଧିକ କ୍ରୋଧିତ କରିଥିଲା । ତାହା ବିପ୍ଳବରେ ପରିଣତି ହୋଇ ଶାସକଙ୍କୁ ଗାଦିଚ୍ୟୁତ କରିଥିଲା । ୯ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ତାଙ୍କ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥିଲେ । ୧୨ ସେପ୍ଟେମ୍ବରରେ ସୁଶୀଳା କାର୍କି ଅନ୍ତରୀଣ ପ୍ରଧାନମନ୍ତ୍ରୀ ହେବା ପରେ ୧୩ ତାରିଖରେ ପ୍ରତିବାଦ ଆପାତତଃ ପ୍ରଶମିତ ହୋଇଥିଲା । ହେଲେ ସେତେବେଳକୁ ଅତିକମ୍‌ରେ ୭୬ ଜଣଙ୍କ ଜୀବନ ଯାଇଥିଲା । ଗୁଳିମାଡ଼ ଖାଇବାରୁ ପ୍ରାୟ ୩୪ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଥିଲା । ବେସରକାରୀ ତଥ୍ୟ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି କହିଥିଲା ।



## ପେରୁ



ଜେନ୍ ଜି ବିକ୍ଷୋଭ ୨୦୨୫ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିଲା । ଦୁର୍ନୀତି, ଅପରାଧ ଓ ପେନ୍‌ସନ ନିୟମ ବିରୋଧରେ ପ୍ରତିବାଦ ବ୍ୟାପକ ରୂପ ଧାରଣ କରିଥିଲା । ବିଶେଷକରି ସରକାର ପେନ୍‌ସନ ସଂସ୍କାର ଆଇନ ଆଣିଥିଲେ, ଯେଉଁଥିରେ ଯୁବବର୍ଗଙ୍କୁ ବାଧ୍ୟତାମୂଳକ ପେନ୍‌ସନ ଫଣ୍ଡରେ ଯୋଗଦାନ କରିବାକୁ ବାଧ କରୁଥିଲେ। ସ୍ୱଳ୍ପ ଆୟକାରୀ ଓ ସାମୟିକ ଚାକିରି କରୁଥିବା ଯୁବକମାନଙ୍କୁ ଏହା ପ୍ରଭାବିତ କରିବାରୁ ବିକ୍ଷୋଭ ବଡ଼ ଆକାର ଧାରଣ କଲା। ଜେନ୍ ଜି ରାଷ୍ଟ୍ରପତି ଦିନା ବୋଲୁଆର୍ତେଙ୍କ ଇସ୍ତଫା ଦାବି କଲା । ବିଦ୍ରୋହୀମାନେ ଆନିମେ 'One piece'ର ପାଇରେଟ୍ ଫ୍ଲାଗ (ଷ୍ଟ୍ର ହ୍ରାଟ୍ ସହ ଖପୁରି) ବ୍ୟବହାର କରୁଥିଲେ, ଯାହା ସ୍ୱାଧୀନତା ଓ ବିଦ୍ରୋହର ପ୍ରତୀକ ଥିଲା। ପ୍ରତିବାଦର ଫଳସ୍ୱରୂପ କଂଗ୍ରେସ ରାଷ୍ଟ୍ରପତି ବୋଲୁଆର୍ତେଙ୍କ ବିରୋଧରେ ମହାଭିଯୋଗ ଆଣି ଜୋସେ ଜେରିଙ୍କୁ ଅସ୍ଥାୟୀ ରାଷ୍ଟ୍ରପତି କରିଥିଲା । ପୋଲିସ ସହ ସଂଘର୍ଷରେ ଅନେକ ଆହତ ହୋଇଥିଲେ । ଅକ୍ଟୋବରରେ ଜଣେ ପ୍ରତିବାଦକାରୀଙ୍କ ମୃତ୍ୟୁ ଘଟିଥିଲା । ସରକାର ରାଜଧାନୀ ଲିମାନେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ ମଧ୍ୟ ଯୁବବର୍ଗ ପ୍ରତିବାଦ ଜାରି ରଖିଥିଲା। ଡିସ୍‌କର୍ଡ ଭଳି ସୋସିଆଲ ମିଡିଆରେ ହୋଇଥିବା ଆନ୍ଦୋଳନ ବାସ୍ତବରେ ନେତୃତ୍ୱହୀନ ଥିଲା।




## ମାଡାଗାସ୍କର

ଆଫ୍ରିକୀୟ ଦେଶ ମାଡାଗାସ୍କର ମଧ୍ୟ ଚଳିତବର୍ଷ ଦେଖିଥିଲା 'ଜେନ୍ ଜି ମାଡ୍‌ଗାସ୍କର' । ସେପ୍ଟେମ୍ବର ୨୫ରେ 'ଜେନ୍ ଜି' ବର୍ଗ ରାଷ୍ଟ୍ରପତି ଆଣ୍ଡ୍ରି ରାଜୋଏଲିନାଙ୍କ ନେତୃତ୍ୱ ପ୍ରତି ଅସନ୍ତୋଷ ବ୍ୟକ୍ତ କରି ଆରମ୍ଭ କରିଥିଲେ ପ୍ରତିବାଦ। ଧୀରେ ଧୀରେ ଶ୍ରମିକ ସଙ୍ଗଠନ ଓ ଭଦ୍ର ସମାଜ ସେମାନଙ୍କ ସହ ସାମିଲ ହୋଇଥିଲେ। ବିଦ୍ୟୁତ୍ ଓ ପାଣି ଅଭାବଜନିତ ସମସ୍ୟା, ଦାରିଦ୍ର୍ୟ, ସରକାରୀ ତହବିଲରୁ ଅର୍ଥ ହଡ଼ପ, ବ୍ୟାପକ ଦୁର୍ନୀତିକୁ ବିରୋଧ କରି ହୋଇଥିବା ପ୍ରତିବାଦ ତୀବ୍ର ହେବାରୁ ସରକାର ରାତ୍ରି କର୍ଫ୍ୟୁ ଜାରି କରିଥିଲେ । କିନ୍ତୁ ବିଦ୍ରୋହର ବଳ ରାଷ୍ଟ୍ରପତି ଆଣ୍ଡ୍ରି ରାଜୋଏଲିନାଙ୍କୁ ବହିଷ୍କାର କରିଥିଲା। ଜାତିସଂଘ ରିପୋର୍ଟ ଅନୁଯାୟୀ ବିକ୍ଷୋଭଜନିତ ହିଂସାରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିଲା।



## ଇଣ୍ଡୋନେସିଆ

ଇଣ୍ଡୋନେସିଆରେ ଅର୍ଥନୈତିକ ଦୁଃସ୍ଥିତି ଓ ପାର୍ଲାମେଣ୍ଟ ସଦସ୍ୟଙ୍କ ପାଇଁ ହାଉସିଂରେ ଦିଆଯାଉଥିବା ସବ୍‌ସିଡିକୁ ବିରୋଧ କରି ଜେନ୍ ଜି ରାସ୍ତାକୁ ଓହ୍ଲାଇଥିଲା। ସେହିପରି ଇଣ୍ଡୋନେସିଆ ନ୍ୟାଶନାଲ ପୋଲିସରେ ସଂସ୍କାର ଓ ପୋଲିସ ମୁଖ୍ୟ ଲିଷ୍ଟୋ ସିଗିତ୍ ପ୍ରାବୱୋଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଇଥିଲେ। ପ୍ରଥମେ ଏହା ରାଜଧାନୀ ଜାକର୍ତ୍ତାରେ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଦେଶସାରା ବ୍ୟାପିଥିଲା।



## ଫିଲିପାଇନ୍ସ

ଫିଲିପାଇନ୍ସରେ ବ୍ୟାପକ ଦୁର୍ନୀତି, ବନ୍ୟା ନିୟନ୍ତ୍ରଣ ପାଇଁ ସରକାରୀ ପାଣ୍ଠି ପରିଚାଳନାରେ ଘୋର ଅନିୟମିତତା ସେଠାକର ଜେନ୍ ଜିଙ୍କୁ ୨୦୨୫ରେ କ୍ଷୁବ୍ଧ କରିଥିଲା। ଯଦିଓ ବିକ୍ଷୋଭର ମୂଳଦୁଆ ୨୦୨୪ରେ ପଡ଼ିଥିଲା, ଭିତ୍ତିଭୂମି ଖର୍ଚ୍ଚରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଦାବି କରି ଯୁବବର୍ଗ ୨୦୨୫ ସେପ୍ଟେମ୍ବର ୨୧ରେ ସରକାର ବିରୋଧୀ ପ୍ରତିବାଦକୁ ଜୋରଦାର କରିଥିଲେ।




## ମରକ୍କୋ:

ବିଦାୟୀ ବର୍ଷର ସେପ୍ଟେମ୍ବର ୨୭ରେ ମରକ୍କୋରେ ଯୁବ ବିକ୍ଷୋଭ ଦେଖା ଦେଇଥିଲା। 'ଜେନ୍ ଜି ୨୧୨' ନାମରେ ହୋଇଥିବା ପ୍ରତିବାଦରେ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଅଧିକ ଅର୍ଥ ଦାବି କରାଯାଇଥିଲା। ସରକାରଙ୍କ ଅନାବଶ୍ୟକ ଖର୍ଚ୍ଚ ଉପରେ 'ମରକ୍କୋ ୟୁଥ୍ ଭଏସ୍'ର ସ୍ୱର ଦେଶସାରା ପ୍ରତିଧ୍ୱନିତ ହୋଇଥିଲା।



## କେତେଦୂରରେ ଭାରତ

ଭାରତରେ ଜେନ୍ ଜି'ର ରହିଛି ବିଶାଳ ଶକ୍ତି। ନେପାଳ ଓ ଅନ୍ୟ କେତେକ ଦେଶରେ ଏହି ବିକ୍ଷୋଭ ବିପ୍ଳବର ରୂପ ନେବା ପରେ ଭାରତ ଉପରେ ତାହାର କ'ଣ ପ୍ରଭାବ ପଡ଼ିବ ତାହା ବିତର୍କ ସୃଷ୍ଟି କରିଛି। ଚାରିକଡ଼େ ବିକ୍ଷୋଭ ଓ ଆନ୍ଦୋଳନ ଦେଖା ଦେବାରୁ ଭାରତୀୟ ଜେନ୍ ଜି ଶାସନରେ ସ୍ୱଚ୍ଛତା, ଅର୍ଥନୈତିକ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି, ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଗୁରୁତ୍ୱ ଦେବା ବିଷୟ ଉଠାଇଛି। ବାହ୍ୟ ଘଟଣା ଭାରତୀୟଙ୍କ ଉପରେ ପ୍ରତିଫଳିତ ହେବା ସ୍ୱାଭାବିକ । କିନ୍ତୁ ଏହାର ଏକ ମନସ୍ତାତ୍ତ୍ୱିକ ପ୍ରଭାବ ରହିଛି । ଭାରତୀୟ ଯୁବବର୍ଗ ଦେଖୁଛି ଯେ, ଯେତେବେଳେ ଏକ ପିଢ଼ି ମଧ୍ୟରେ ଏକତା ଓ ସାହସ ଆସିଯିବ ସେତେବେଳେ ପରିବର୍ତ୍ତନ ଆସିପାରିବ।

## ବିତର୍କ

ନେପାଳର ଜେନ୍ ଜି ବିକ୍ଷୋଭ ବିଶ୍ୱବ୍ୟାପୀ ଚହଳ ପକାଇଥିଲେ ମଧ୍ୟ ଏହାର ପ୍ରାକ୍-ଦୃଶ୍ୟକୁ ଅବଲୋକନ କଲେ ଜୁଲାଇ ୨୦୨୪ରେ ବାଂଲାଦେଶରେ ଏହାର ନିଅଁ ପଡ଼ିଥିବା ଆଲୋଚନାକୁ ଆସେ। ଅନୁରୂପ ଭାବେ ୨୦୨୪ରୁ କେନିଆରେ ଚାଲିଥିବା ବିକ୍ଷୋଭ, ତିମୋର-ଲେଷ୍ଟେ, ମାଳଦୀପ, ମେକ୍ସିକୋ ଆଦି ରାଷ୍ଟ୍ରରେ ସମାନ ଆନ୍ଦୋଳନ ଦେଖାଦେବା ସୂଚାଇ ଦେଇଛି ଯେ ନେତୃତ୍ୱ ନେଉଥିବା ବର୍ଗ ଭୁଲ କଲେ ଜେନ୍ ଜି ଜାଗ୍ରତ ହେବ। ଏହାର ନେତୃତ୍ୱ କେହି ନେବା ପୂର୍ବରୁ ପ୍ରତ୍ୟେକ ନିଜର ଅଧିକାର ସାବ୍ୟସ୍ତ ପାଇଁ ସ୍ୱର ଉଠାଇଲେ ତାହା ଲୟରେ ପରିଣତ ହେବାକୁ ବେଶି ସମୟ ଲାଗିବ ନାହିଁ। ଏତେସବୁ ଭଲ ଗୁଣ ଭିତରେ ଅବିଗୁଣଟି ହେଲା ଜେନ୍ ଜି ଧୈର୍ଯ୍ୟଠାରୁ କୋଶେ ଦୂରରେ। ସ୍ଲୋଗାନରେ ଦାବି ପୂରଣ ନ ହେଲେ ଜାତୀୟ ସମ୍ପତ୍ତି ନଷ୍ଟ କରି ଅରାଜକତା/ ହିଂସା ମାଧ୍ୟମରେ ନାଗରିକର ଜୀବନ ନେବା ଖରାପ ପରମ୍ପରା ସୃଷ୍ଟି କରୁଛି ବୋଲି ଗୋଟେ ସମାଲୋଚନା ଚାଲିଲାଣି। ଅତଏବ ଜେନ୍ ଜି ନ୍ୟାୟସଙ୍ଗତ ଭାବେ ସଂସ୍କାର ବା ଶାସନ ପରିବର୍ତ୍ତନ କରିବାକୁ ପ୍ରୟାସ କରି ପ୍ରତିବାଦର ନୂଆ ସଂସ୍କୃତି ସୃଷ୍ଟି କରିବାର ଆବଶ୍ୟକତା ପଡ଼ିଲାଣି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years






# ସ୍କୁଲ ପିଲାଙ୍କୁ ମାଗଣା ବସ୍ ସେବା

ନୂଆବର୍ଷ ପୂର୍ବରୁ ସ୍କୁଲ ପିଲାଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ଘୋଷଣା କରିଛନ୍ତି । ରାଜ୍ୟବ୍ୟାପୀ ସ୍କୁଲ ପିଲାମାନେ ମାଗଣାରେ ବସ୍ ଯୋଗେ ବିଦ୍ୟାଳୟ ଯାଇପାରିବେ। ସ୍କୁଲରେ ଛାତ୍ରୀଛାତ୍ରଙ୍କ ଶତ ପ୍ରତିଶତ ଉପସ୍ଥିତି ସୁନିଶ୍ଚିତ କରିବା ସହ ଡ୍ରପ୍ଆଉଟ ହାର ରୋକିବା ଲକ୍ଷ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି । ତଦନୁଯାୟୀ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍ବିଏସ୍) ଯୋଜନାରେ ଛାତ୍ରୀଛାତ୍ରମାନେ ଉଭୟ ଏସି, ନନ୍-ଏସି ବସ୍‌ରେ ସ୍କୁଲ ଯାଇପାରିବେ। ହେଲେ ବସ୍‌ରେ ଯାତ୍ରାବେଳେ ସେମାନେ ବୈଧ ସ୍କୁଲ ପରିଚୟପତ୍ର ଦେଖାଇବେ କିମ୍ବା ୟୁନିଫର୍ମ ପିନ୍ଧିବା ଜରୁରୀ । ଛାତ୍ରୀଛାତ୍ରଙ୍କୁ ଏହି ସୁବିଧା ଯୋଗାଇବା ପାଇଁ ବର୍ତ୍ତମାନର ବସ୍ ରୁଟ୍ ଓ ଟାଇମିଂରେ ସଂଶୋଧନ କରିବାକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି)କୁ କୁହାଯାଇଛି, ଯେପରି କି ସଂଶୋଧିତ ରୁଟ୍‌ରେ ସର୍ବାଧିକ ସ୍କୁଲ ଥିବା ରାସ୍ତା ସାମିଲ ହୋଇପାରିବ।

- ଡ୍ରପ୍ଆଉଟ୍ ହାର ରୋକିବା, ଛାତ୍ରଙ୍କ ଉପସ୍ଥାନ ବଢ଼ାଇବା ଲକ୍ଷ୍ୟ
- ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ
- ଉଭୟ ଏସି, ନନ୍-ଏସି ବସ୍‌ରେ ଯାଇପାରିବେ ଛାତ୍ରୀଛାତ୍ର
- ଅଧିକ ବିଦ୍ୟାଳୟ ଥିବା ରାସ୍ତା ଦେଇ ଗଡ଼ିବ ବସ୍

**ଭୁବନେଶ୍ୱର, ୨୬।୧୨ (ସୁନିତ୍ ମିଶ୍ର)**

ଛାତ୍ରୀଛାତ୍ରମାନେ ଘରୁ ବାହାରି ସ୍କୁଲରେ ପହଞ୍ଚିବାରେ ଦୂରତା ଏକ ମୁଖ୍ୟ ସମସ୍ୟା ଏବଂ ଏହା ଡ୍ରପ୍ଆଉଟ୍‌ର ପ୍ରମୁଖ କାରଣ ବୋଲି ଚଳିତବର୍ଷ ସିଏଜି ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ବିଦ୍ୟାଳୟରେ ପିଲାମାନଙ୍କ ଶତପ୍ରତିଶତ ଉପସ୍ଥିତି ଦ୍ୱାରା ଡ୍ରପ୍ଆଉଟ ହାର ରୋକାଯାଇପାରିବ ବୋଲି ଅନେକେ ମତ ଦେଇଥିଲେ। ଏସବୁକୁ ସରକାର ଗୁରୁତ୍ୱର ସହ ବିଚାରକୁ ନେଇଥିଲେ। ଗତ ଜୁନ୍ ୨ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଜରିଆରେ ରାଜ୍ୟରେ ପିଲାମାନଙ୍କୁ ମାଗଣାରେ ସ୍କୁଲ ଯିବା ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାକୁ ରାଜ୍ୟ ସରକାର ଗ୍ରହଣ କରିନେଇଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତ ଅଗଷ୍ଟ ୨୧ରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରସ୍ତାବକୁ ଗ୍ରହଣ କରାଯିବା ପରେ ସ୍କୁଲ ପିଲାଙ୍କୁ ମାଗଣାରେ ବିଦ୍ୟାଳୟ ଯିବା ଲାଗି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗତ ୨୪ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି।

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଦସ୍ତଖତରେ ଜାରି କରାଯାଇଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ପିଲାମାନେ ଅଧିକ ମାତ୍ରାରେ ସ୍କୁଲ ସାଙ୍ଗରେ ଯୋଡି ହେବା ଦିଗରେ ଏହା ସହାୟକ ହେବ। ପିଲାମାନଙ୍କୁ ଘର ଠାରୁ ସ୍କୁଲ ପର୍ଯ୍ୟନ୍ତ ଯିବା ଅଧିକ ଦୂରତା କାରଣରୁ ଡ୍ରପ୍ଆଉଟ୍ ପରିମାଣ ବଢୁଛି। ଏମ୍ବିଏସ୍ ଯୋଗେ ପିଲାମାନେ ମାଗଣାରେ ସ୍କୁଲ ଯିବା ଆସିବା କଲେ ଏହି ସମସ୍ୟାର ସମାଧାନ ହେବ। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ମାଧ୍ୟମରେ ପିଲାଙ୍କୁ ଏଣିକି ମାଗଣାରେ ସ୍କୁଲ ଯିବାରେ ସୁବିଧା ହେବ। ପୂର୍ବରୁ ପିଲାମାନଙ୍କୁ ୫୦ ପ୍ରତିଶତ ଅର୍ଥ ଦେଇ ଉଭୟ ଏସ୍‌ସି ଏବଂ ନନ୍ ଏସ୍‌ସି ବସ୍‌ରେ ଯିବାର ଯେଉଁ ବ୍ୟବସ୍ଥା ଥିଲା ସେଥିରେ ପରିବର୍ତ୍ତନ କରାଯାଇ ତାକୁ ସମ୍ପୂର୍ଣ୍ଣ ମାଗଣା କରାଗଲା। ପିଲାମାନେ ବସ୍‌ରେ ଯାତାୟାତ କରିବା ସମୟରେ ଇଲେକ୍ଟ୍ରୋନିକ୍ ଟିକେଟ ଇସ୍ୟୁ ମେଶିନ(ଇଟିଆଇଏମ୍) ଦ୍ୱାରା ଏକ ଜିରୋ ଟିକେଟ ବ୍ୟବସ୍ଥା ହେବ। ଏଥିଲାଗି ଓଏସ୍ଆର୍‌ଟିସି ତା'ର ସଫ୍ଟୱେୟାର ଆପ୍ଲିକେସନ୍‌ରେ ପରିବର୍ତ୍ତନ କରିବ। ହେଲେ ପିଲାମାନେ ଯାତାୟାତ ସମୟରେ ସେମାନଙ୍କ ସ୍କୁଲର ୟୁନିଫର୍ମ କିମ୍ବା ଆଇକାର୍ଡ ରଖିଥିବା ଜରୁରୀ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଚାଲୁଥିବା ବସ୍‌ଗୁଡ଼ିକର ସମୟ ଏବଂ ରୁଟ୍‌ରେ ପରିବର୍ତ୍ତନ କରାଯିବ। ଯେଉଁସବୁ ରାସ୍ତାରେ ସ୍କୁଲ ସଂଖ୍ୟା ଅଧିକ ଥିବ ସେହି ରାସ୍ତା ଦେଇ ଏମ୍ବିଏସ୍ ବସ୍‌ଗୁଡ଼ିକ ଯାତାୟାତ କରିବାକୁ ବିଜ୍ଞପ୍ତିରେ କୁହାଯାଇଛି।

ସୂଚନାଯୋଗ୍ୟ, ନିକଟରେ ସିଏଜିଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ଅଭାବ, ସ୍କୁଲଗୁଡ଼ିକ ତୁଳନାରେ କମ୍ ଶିକ୍ଷକ ରହିବା ଆଦି କାରଣ ଓଡ଼ିଶାରେ ଡ୍ରପ୍ଆଉଟ୍ ବୃଦ୍ଧିର ପ୍ରମୁଖ କାରଣ। ଭଦ୍ରକ, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାର ୧୨ଟି ବ୍ଲକର ୧୦୮ଟି ସ୍କୁଲର ପ୍ରଦର୍ଶନକୁ ନେଇ ଏକ ସମୀକ୍ଷା କରିଥିଲେ। ଏହି ଅଡିଟ୍ ୨୦୧୮-୧୯ ଏବଂ ☞ପୃଷ୍ଠା-୨

# ମହିଳା ମ୍ୟାନେଜରଙ୍କୁ ଚଳନ୍ତା କାର୍‌ରେ ଗଣବଳାତ୍କାର

## ଆଇଟି କମ୍ପାନୀ ସିଇଓଙ୍କ ସମେତ ୩ ଗିରଫ

**ଉଦୟପୁର, ୨୬।୧୨**

ରାଜସ୍ଥାନର ଉଦୟପୁରରେ ଏକ ଘରୋଇ ଆଇଟି କମ୍ପାନୀର ମହିଳା ମ୍ୟାନେଜରଙ୍କୁ ଉକ୍ତ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏବଂ କାର୍ଯ୍ୟନିର୍ବାହୀ ମୁଖ୍ୟଙ୍କ ସ୍ୱାମୀ ଚଳନ୍ତା କାର୍‌ରେ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଅପରାଧ କାର୍ଯ୍ୟ ଚାଲିଥିବାବେଳେ ମହିଳା କାର୍ଯ୍ୟନିର୍ବାହୀ ମୁଖ୍ୟ ମଧ୍ୟ କାର୍‌ରେ ଉପସ୍ଥିତ ଥିଲେ। ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଗତ ୨୦ ତାରିଖରେ ସହରର ସୁଖେରଠାରେ ଏହି ଗଣବଳାତ୍କାର ଘଟିଛି। ସେଦିନ କମ୍ପାନୀ ସିଇଓଙ୍କ ଜନ୍ମଦିନ ଏବଂ ନୂଆବର୍ଷ ଉତ୍ସବରେ ମହିଳା ମ୍ୟାନେଜର ଜଣକ ଯୋଗ ଦେଇଥିଲେ। ରାତି ୯ଟାରେ ଶୋଭାଗପୁରାସ୍ଥିତ ଏକ ହୋଟେଲରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପାର୍ଟିରେ ମଦ ପିଇ ମହିଳା ମ୍ୟାନେଜର ଜଣକ ଏକପ୍ରକାର ବେହୋସ ଅବସ୍ଥାକୁ ଆସିଯାଇଥିଲେ। ସିଇଓ, କାର୍ଯ୍ୟନିର୍ବାହୀ ମୁଖ୍ୟ ଏବଂ ତାଙ୍କ ସ୍ୱାମୀ ଏହାର ସୁଯୋଗ ନେଇଥିଲେ। ଅନ୍ୟ ଅତିଥିମାନେ ଘରକୁ ଯିବା ପରେ ସେମାନେ ମହିଳା ମ୍ୟାନେଜରଙ୍କୁ ଘରେ ଛାଡ଼ିଦେବାକୁ କହି କାର୍ଯ୍ୟନିର୍ବାହୀ ମୁଖ୍ୟଙ୍କ କାର୍‌ରେ ନେଇଥିଲେ। ତେବେ ସେମାନେ ମ୍ୟାନେଜରଙ୍କୁ ତାଙ୍କ ଘରକୁ ନ ନେଇ ବାଟରେ ସିଗାରେଟ୍ ଭଳି ଏକ ଜିନିଷ କିଣିଥିଲେ। ଏହାକୁ ସେମାନେ ଜବରଦସ୍ତ ମ୍ୟାନେଜରଙ୍କୁ ଖାଇବାକୁ ଦେଇଥିଲେ। ଫଳରେ ମ୍ୟାନେଜର ବେହୋସ ହୋଇଯାଇଥିଲେ। ଚେତା ଫେରିବା ପରେ ମହିଳା ଜଣକ ଜାଣିପାରିଥିଲେ ଯେ, ସିଇଓ ତାଙ୍କୁ ଅସଦାଚରଣ କରୁଥିବାବେଳେ କାର୍ଯ୍ୟନିର୍ବାହୀଙ୍କ ସ୍ୱାମୀ ବଳାତ୍କାର କରୁଛନ୍ତି। ଘରେ ଛାଡ଼ିଦେବା ପାଇଁ ସେ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ସେମାନେ ଭୋର ୫ଟା ପର୍ଯ୍ୟନ୍ତ ଛାଡ଼ି ନ ଥିଲେ ବୋଲି ପୀଡ଼ିତା ଜଣକ ପୋଲିସକୁ ଜଣାଇଛନ୍ତି। ସୁରକ୍ଷା ଭୟରେ ମହିଳା ଜଣକ ୩ ଦିନ ☞ପୃଷ୍ଠା-୨

# ବାବୁ ସମ୍ପତ୍ତି ତାଲିକା ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ

## କେନ୍ଦ୍ରର କଟ୍ଅଫ୍ ଜାନୁଆରୀ ୩୧

**ନୂଆଦିଲ୍ଲୀ, ୨୬।୧୨ (ପି.ଟି.)**

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀମାନେ ଉପଯୁକ୍ତ ସମୟ ମଧ୍ୟରେ ନିଜ ସମ୍ପତ୍ତି ତାଲିକା ଦାଖଲ କରିବେ। ଏଥିରେ ବିଫଳ ହେଲେ ବାବୁମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ସେମାନଙ୍କ ପଦୋନ୍ନତି ମଧ୍ୟ ବନ୍ଦ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଗିଦ କରାଯାଇଛି।

କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ଦେଶର ସମସ୍ତ ଆଇଏଏସ୍ ଅଫିସରଙ୍କ ପାଇଁ ବାର୍ଷିକ ସ୍ଥାବର ସମ୍ପତ୍ତି ଦାଖଲ (ଆଇପିଆର୍) ସମୟସୀମା ଆସନ୍ତା ବର୍ଷ ଜାନୁଆରୀ ୩୧ ଧାର୍ଯ୍ୟ କରାଯାଇଛି। ପର୍ଯ୍ୟାପ୍ତ ଯଥାର୍ଥ କାରଣ ନ ଥାଇ ଏଥିରେ କେହି ବିଫଳ ହେଲେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉଚିତ ସମୟରେ ଆଇପିଆର୍ ଫାଇଲିଂକୁ ବାଧ୍ୟତାମୂଳକ କରାଯିବା ସମ୍ପର୍କିତ ନିୟମରେ ସଂଶୋଧନ ଅଣାଯାଇଛି, ଯାହାକି ଅଫିସରମାନଙ୍କ ପରବର୍ତ୍ତୀ ପଦୋନ୍ନତି କ୍ଷେତ୍ରରେ ବିଚାରଯୋଗ୍ୟ ହେବ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

୨୦୧୭ ଜାନୁଆରୀରେ କାର୍ମିକ ଓ ତାଲିମ ବିଭାଗ ଏସ୍‌ପିଏଆର୍‌ଆର୍‌ଓଡବ୍ଲ୍ୟୁ ମଡ୍ୟୁଲ ଜରିଆରେ ଆଇଏଏସ୍ ଅଫିସରମାନଙ୍କ ଆଇପିଆର୍ ଅନ୍‌ଲାଇନ୍ ଫାଇଲିଂ ବ୍ୟବସ୍ଥା କରିଥିଲା। ତେବେ ସେମାନଙ୍କ ସମ୍ପତ୍ତି ବିବରଣୀ ସମ୍ପର୍କିତ ଦସ୍ତାବିଜ ଇଲେକ୍ଟ୍ରୋନିକାଲି କିମ୍ବା ଆନୁଆଲି ଦାଖଲ କରିବା ପାଇଁ ଗତ ୨୩ରେ କେନ୍ଦ୍ର ସରକାରଙ୍କ ସବୁ ସଚିବ ଓ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି କରାଯାଇଛି। ୨୦୨୬ ଜାନୁଆରୀ ୩୧ ପରେ ୨୦୨୫ ବର୍ଷର ଆଇପିଆର୍ ଅନ୍‌ଲାଇନ୍ ମଡ୍ୟୁଲ ସ୍ୱତଃ ବନ୍ଦ ହୋଇଯିବ। ତେଣୁ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ପରାମର୍ଶ ଦିଆଯାଇଛି।



ମହାରାଷ୍ଟ୍ରର ଗୋଣ୍ଡିଆ ଜିଲାସ୍ଥିତ ନଭେଗାଓଁ ନାଗଜିରା ଟାଇଗର ରିଜର୍ଭ (ଏନ୍ଏନ୍‌ଟିଆର୍)ର ବଫର ଅଞ୍ଚଳରେ ଶୁକ୍ରବାର ପର୍ଯ୍ୟଟକମାନେ ଏକ ବାଘର ଫଟୋ ଉଠାଉଛନ୍ତି।

# ୱାର୍ଡସଭ୍ୟାଙ୍କ ସ୍ୱାମୀଙ୍କ ମୁଣ୍ଡକୁ ଛେଚି ହତ୍ୟା

**ସୋନପୁର, ୨୬।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଲୁପୁରସିଂହା ଗ୍ରାମରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଲଛିପୁର ପଞ୍ଚାୟତ ୧୫ନମ୍ବର ୱାର୍ଡର ସଭ୍ୟା ତପ ମଲ୍ଲିକଙ୍କ ସ୍ୱାମୀ ଦାସ ମଲ୍ଲିକ(୬୫)ଙ୍କ ମୁଣ୍ଡକୁ ଛେଚି କେହି ହତ୍ୟା କରିଛି। ଏହି ହତ୍ୟା ଘଟଣାରେ ଦାସଙ୍କ ସାନ ଭାଇ ସୁରୁ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଘଟଣା ପରେ ସୁରୁ ମଲ୍ଲିକଙ୍କ ପରିବାର ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି।

ସୂଚନା ଅନୁଯାୟୀ ଜମି ବାଗବଣ୍ଟାକୁ କେନ୍ଦ୍ରକରି ଦୁଇ ଭାଇ ଦାସ ଓ ସୁରୁଙ୍କ ଭିତରେ ସବୁବେଳେ ଝଗଡା ଲାଗି ରହୁଥିଲା। ଗୁରୁବାର ରାତିରେ ଦାସଙ୍କୁ ସାନ ଭାଇ ସୁରୁ ଗାଳିଗୁଲଜ କରିଥିଲେ। ତେବେ ଦାସ ଏକାକୀ ଘର ଅଗଣାରେ ଶୋଇଥିବା ବେଳେ ତାଙ୍କ ମୁଣ୍ଡକୁ ଓଜନିଆ ଜିନିଷରେ ଛେଚି ହତ୍ୟା କରାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ଶୁକ୍ରବାର ସକାଳେ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଦାସଙ୍କ ପୁଅ ବିଘ୍ନରାଜ ଲଛିପୁର ଥାନାରେ କକା ସୁରୁ ଓ ଖୁଡ଼ୀଙ୍କ ନାମରେ ଅଭିଯୋଗ କରିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** କାର୍ଯ୍ୟରେ ବିଳମ୍ବ

# ଶ୍ରମିକଙ୍କୁ ମିଳିବ ୯୮ ଟଙ୍କାର ଟପ୍‌ଅପ୍

## ୩୦ ବ୍ଲକରୁ ଘୁଞ୍ଚିବ ଦାଦନ ଦୁଃଖ

**ଭୁବନେଶ୍ୱର, ୨୬।୧୨ (ରବିନାରାୟଣ ଜେନା)**

ରାଜ୍ୟକୁ ଦାଦନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା ରହିଛି। ରାଜ୍ୟ ସରକାର ବଲାଙ୍ଗୀର ଅଞ୍ଚଳର ଶ୍ରମିକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ତଥା ରାଜ୍ୟରେ ବାନ୍ଧି ରଖିବା ଲାଗି ୯୮ ଟଙ୍କାର ଅତିରିକ୍ତ ମଜୁରି(ଟପ୍‌ଅପ୍)ପ୍ରଦାନ କରିବାକୁ ଚିନ୍ତା କରିଛନ୍ତି। ଏ ସଂକ୍ରାନ୍ତରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ଲାଗି ପ୍ରେରିତ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏହାକୁ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୯ଟି ଜିଲାର ୩୦ଟି ଦାଦନ ବ୍ଲକରେ ଦାଦନ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ତଥା ଭାରତ ସରକାରଙ୍କ ପକ୍ଷରୁ ଏବେ ଏହାର ପରିବର୍ତ୍ତିତ ନାମ ଭିବିଜିରାମ ଜି ଅଧୀନରେ ସରକାରଙ୍କ ପକ୍ଷରୁ ଯେତିକି ଟଙ୍କା ମଜୁରି ଦେବାପାଇଁ ରହିଛି, ଏହା ବାଦ୍ ରାଜ୍ୟ ସରକାର ଅତିରିକ୍ତ ୯୮ ଟଙ୍କାର ଟପ୍‌ଅପ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି। କେବଳ ସେତିକି ନୁହେଁ, ଏହି ୩୦ ବ୍ଲକରେ ୧୦୦ଦିନର ନିଶ୍ଚିତ କାର୍ଯ୍ୟ ସହିତ ଆଉ ୨୦୦ଦିନର ଅତିରିକ୍ତ କାର୍ଯ୍ୟଦିବସ ଯୋଗାଇ ଦିଆଯିବ। ଏହି ବର୍ଦ୍ଧିତ ୨୦୦ଦିନର କାର୍ଯ୍ୟ ପାଇଁ ସରକାରଙ୍କ ଧାର୍ଯ୍ୟ ମଜୁରି ସହିତ ଅତିରିକ୍ତ ଟପ୍‌ଅପ୍ ୯୮ଟଙ୍କା ଲେଖାଏ ପ୍ରଦାନ କରାଯିବ। ଫଳରେ ଏହି ୩୦ ବ୍ଲକରେ ଶ୍ରମିକମାନଙ୍କୁ ୩୦୦ଦିନର କାମ ମିଳିବା ସହିତ ଅତିରିକ୍ତ ମଜୁରି ବାବଦକୁ ୯୮ଟଙ୍କା ପ୍ରଦାନ କରାଯିବ। ତେବେ ଏହି ଯୋଜନାର ଅବଧି ୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯିବ କି ଏହାଠାରୁ ଅଧିକ ସେନେଇ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ବିଚାରାଧୀନ ରହିଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

ବିଭାଗୀୟ ସୂଚନା ଅନୁଯାୟୀ, ୨୦୨୪ରେ ରାଜ୍ୟରୁ ୭୦,୧୪୨ ଶ୍ରମିକ ରାଜ୍ୟ ବାହାରକୁ କାମଧନ୍ଦା ପାଇଁ ଯାଇଥିବାବେଳେ ☞ପୃଷ୍ଠା-୨

# ଜାନୁଆରୀ ୨୧ରେ ଓଏସ୍ଏସ୍‌ଟିଇଟି

**କଟକ, ୨୬।୧୨ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି) ଆସନ୍ତା ଜାନୁଆରୀ ୨୧ ତାରିଖ (ବୁଧବାର)ରେ ଅନୁଷ୍ଠିତ ହେବ। ଉକ୍ତ ଦିନ ପେପର-୧ ଓ ପେପର-୨ ପରୀକ୍ଷା ଗୋଟିଏ ସିଟିଂରେ ହେବ। ସେଦିନ ଉଭୟ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ୩୦ରେ ଶେଷ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ କାର୍ଡ ଜାନୁଆରୀ ୧୦ ତାରିଖରୁ ଅନ୍‌ଲାଇନରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ନିଜ ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରି ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଖାଦ୍ୟ ମହୋତ୍ସବ ୨୦୨୫, ସ୍ଥାନ: ଇଡକୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ବୀର ସୁରେନ୍ଦ୍ର ସାଇ ନଗର, ସମୟ: ପୂର୍ବାହ୍ନ ୧୧ଟା ।

## ଖୋର୍ଦ୍ଧା

- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।

## ବାଲେଶ୍ୱର

- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୮ଟା ।
- ମୋ ଅନୁଷ୍ଠାନ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ସକାଳ ୯ଟା ।
- ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ସୋର ଆନୁକୂଲ୍ୟରେ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଚକବାରାହାପୁର ସ୍କୁଲ ପଡ଼ିଆ, ସୋର, ସମୟ: ସକାଳ ୯ଟା ।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଶୀତ ମହୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: କୁପାରୀ ପଡ଼ିଆ, ଖଇରା, ସମୟ: ଅପରାହ୍ନ ୫ଟା ।
- କୋଶମ୍ବ ମେଳାର ଷଷ୍ଠ ସନ୍ଧ୍ୟା, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ଜାତୀୟସ୍ତରୀୟ କଳା ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଗୋଲପୁରସ୍ଥିତ ସ୍କୁଲ ପରିସର, ଭଦ୍ରକ, ସମୟ: ଅପରାହ୍ନ ୨ଟା ୩୦ ।
- ଆଗରପଡ଼ା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା ।
- ବାଣିଜ୍ୟ ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।
- ଖ୍ୱାଜା ଗରିବ ନୱାଜ କମିଟିର ୪୨ତମ ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଖାନ୍‌କା ସରିଫ, ଭଦ୍ରକ, ସମୟ: ରାତି ୧୦ଟା ।

## ମୟୂରଭଞ୍ଜ

- ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ବନ୍ଧୁ ମିଳନ, ସଭାକାର୍ଯ୍ୟ, ପପୁ ପମ୍‌ପମ୍‌ଙ୍କ କମେଡି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା ।

## ବ୍ରହ୍ମପୁର

- ନିଖିଳ ଉତ୍କଳ ଦକ୍ଷିଣ ଓଡ଼ିଶା ଶୁଣ୍ଡି ସମାଜର ବାର୍ଷିକ ସମ୍ମିଳନୀ, ସ୍ଥାନ: ଆମ୍ବପୁଆ ଏସ ୩ ଲେନ, ସମୟ: ସକାଳ ୯ଟା ।
- ବିଇଏମ୍‌ସି ସ୍ୱତନ୍ତ୍ର ବୈଠକ, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

## ଗଞ୍ଜାମ

- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ୍ କଳଚୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା ।

## ଅନୁଗୋଳ

- ରାଜ୍ୟସ୍ତରୀୟ ଅଷ୍ଟକିଲା ଫୁଟ୍‌ବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ଆଠମଲ୍ଲିକ ପତାକା ଖେଳପଡିଆ, ସମୟ : ଆପରାହ୍ନ ୨ଟା ୩୦

## ଜଗତ୍‌ସିଂହପୁର

- ପାରାଦୀପ ମହୋତ୍ସବର ୩ୟ ସନ୍ଧ୍ୟାରେ ନୃତ୍ୟ ମହାସଙ୍ଗମ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବଳିପାଳ, ମହାକାଳପଡ଼ା, ସମୟ: ସକାଳ ୯ଟା ।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।
- ହେନ୍ତାଳ ବଣ ସଂରକ୍ଷଣ ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ରାମଚଣ୍ଡୀ ମନ୍ଦିର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ:ସନ୍ଧ୍ୟା ୬ଟା ।
- ବାଦିପାଳା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ କାଏମା ଡ଼ିଗିରିପଡ଼ିଆ, ସମୟ: ଅପରାହ୍ନ ୪ଟା ।
- କୁଆଖିଆ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ସଂଗୀତ ପ୍ରତିଯୋଗିତା, ସ୍ଥାନ:ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼

- ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବ୍ରଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ: ଭାପୁର ବ୍ଲକର ଖୁଣ୍ଟୁବାଟି, ରାଣିଛେଲି, ମଙ୍ଗଳପୁର, ନଟବରପ୍ରସାଦ, କଳପଙ୍ଗି ଓ ଗୋହିରିଆପଡା, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା ।
- ଘୋଡ଼ଲାଗି ପର୍ବର ୩୧ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡ଼ଲାଗି ପର୍ବର ୩୧ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ; ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦ ।
- ଶ୍ରୀରାମ ଚରିତ ମାନସର ୨ୟ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା ।
- ଜିଲା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ରୁ ରାତି ୧୨ଟା ।
- ଖଣ୍ଡପଡ଼ା ମହୋତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: ଖଣ୍ଡପଡ଼ା ମଧୁବନ କ୍ରୀଡାଙ୍ଗନ, ସମୟ: ପୂର୍ବାହ୍ନ ୧୧ରୁ ରାତି ୧୦ଟା ।
- ୩ ମାସର ବିଦ୍ୟୁତ୍ ବିଲର ଆଧାରରେ ଅତିରିକ୍ତ ସିକ୍ୟୁରିଟି ଅର୍ଥ ରାଶି ଆଦାୟ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବିକ୍ଷୋଭ, ସ୍ଥାନ: ନୟାଗଡ଼ ସବ୍‌ଡିଭିଜନ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ରୁ ଅପରାହ୍ନ ୨ଟା ।
- ଶ୍ରୀଶ୍ରୀ ରଘୁନାଥଜୀଉଙ୍କର ରାମ ତାରକ ମହାଯଜ୍ଞର ଶୁଭାରମ୍ଭରେ ଅଙ୍କୁରାରୋପଣ, ସ୍ଥାନ: ଓଡ଼ଗାଁ ଶ୍ରୀଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ।

## ସମ୍ବଲପୁର

- ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶା ଶାଖାର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ୩୦ ।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଜିଏମୟୁ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଚତୁର୍ଥ ରଜନୀ କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ।
- ସମ୍ବଲପୁରସ୍ଥିତ ପଣ୍ଡିତ ଲକ୍ଷ୍ମୀନାରାୟଣ କଲଚରାଲ ଆସୋସିଏଶନର ନାଟକ ଡର ମଞ୍ଚସ୍ଥ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୧୫ ।
- ପଦମପୁର ମହୁଲପାଲି ଅଙ୍ଗ ମଞ୍ଚ ଅନୁଷ୍ଠାନର ନାଟକ ଅନ୍ଧାରନୁ ଉକିଆ ତକ ମଞ୍ଚସ୍ଥ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୭ଟା ୩୦ । ଅନୁଗୋଳ ଜିଲା ଆଠମଲ୍ଲିକ ମାହେଶ୍ୱରୀ ନାଟ୍ୟ ସଂସଦ ପକ୍ଷରୁ ଝରନିପାଲିର ଝରନା ନାଟକ ପରିବେଶିତ ହେବ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୮ଟା ୪୫ ।

## ବଲାଙ୍ଗୀର

- କୁବେର ସମାଜର ପଶ୍ଚିମାଞ୍ଚଳ(ଓଡ଼ିଶା ଓ ଛତିଶଗଡ଼)ସ୍ତରୀୟ ମହା ସମାବେଶ ଉଦ୍‌ଘାଟନୀ, ସ୍ଥାନ: ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପଡିଆ, ଶାନ୍ତିପୁର, ଧଣ୍ଡାମୁଣ୍ଡା ଖପ୍ରାଖୋଲ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଦିବ୍ୟଜ୍ୟୋତି ସଙ୍ଗଠନ ପକ୍ଷରୁ କର୍ମଶାଳା, ସ୍ଥାନ: ବଲାଙ୍ଗୀର ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ବଲାଙ୍ଗୀରସ୍ଥିତ କୋଶଳ କଳା ମଣ୍ଡଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା

- ଭୂମିପୂଜନ ଏବଂ ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୮ଟା ୩୦ ।
- କଳାକେନ୍ଦ୍ର ଅନୁଷ୍ଠାନ ପକ୍ଷରୁ ଚିତ୍ରାଙ୍କନ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ବିଏସ୍‌ଏନ୍‌ଏଲ୍ ଛକ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା ।
- ଆଜା ନଚ୍‌ଲେ ନୃତ୍ୟ ପ୍ରତିଯୋଗିତା-୨୦୨୫ ଶୁଭାରମ୍ଭ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ।
- ଏବିଭିପିର ୫୦ତମ ରାଜ୍ୟ ଅଧିବେଶନ, ସ୍ଥାନ: ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଦ୍ରିକଲୋ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଡିଏଭି ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ଅପରାହ୍ନ ୩ଟା ୩୦ ।
- ଡ. ଆମ୍ବେଡ଼କର ଇନଷ୍ଟିଚ୍ୟୁଟ୍‌ର ରୌପ୍ୟ ଜୟନ୍ତୀ, ସ୍ଥାନ: ଜଗଦା ଡାମିଟସ୍, ସମୟ: ଅପରାହ୍ନ ୫ଟା ୩୦ ।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୫ଟା ୪୫ ।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ।
- ସ୍ପନ୍ଦନ ବହୁଭାଷୀ ନାଟକ ଓ ନୃତ୍ୟ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼

- ସେବକ ଅନୁଷ୍ଠାନର ଶୀତକାଳୀନ ବାର୍ଷିକ ସମ୍ମିଳନୀ, ସୃଜନ ସମାବେଶ-୨୦୨୫, ସ୍ଥାନ: ସେବକ ଅନୁଷ୍ଠାନ ପରିସର, ରଙ୍ଗିଆମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ।
- ଶିଶୁ କିଶୋର ପତ୍ରିକାର ରୌପ୍ୟ ଜୟନ୍ତୀ ସମାରୋହ, କବିତା ପାଠୋତ୍ସବ, ରଙ୍ଗୋଲି, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୋସିଆଲ ସେଣ୍ଟର, ଟେନ୍‌ସା, କୋଇଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି

- କଳାହାଣ୍ଡି ଉତ୍ସବ 'ଘୁମୁରା' ପଞ୍ଚାୟତ ସ୍ତରୀୟ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭବାନୀପାଟଣା ବ୍ଲକ କାମଠଣା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ।
- ଯୁବ ରେଡ଼କ୍ରସର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବୁଢାଡଙ୍ଗର ଲୋକ ମହୋତ୍ସବ ପାଳିତ, ସ୍ଥାନ: କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ବୌଦ୍ଧ

- ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ତୃତୀୟ ଦିବସ, ସ୍ଥାନ: ବୁଟୁପାଲି, ବୌଦ୍ଧ, ସମୟ: ସକାଳ ୮ଟା ।

## ଦେବଗଡ଼

- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ୍ ପ୍ରତିଯୋଗିତାର ଷଷ୍ଠ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ।
- ବଡ଼ବାହାଳ ଯୁବକ ସଂଘର ୭ମ କବାଡ଼ି ଟୁର୍ନାମେଣ୍ଟ, ସ୍ଥାନ: ରିଆମାଳ ବ୍ଲକ୍ ପଡ଼ିଆ, ସମୟ: ଅପରାହ୍ନ ୨ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ମହିଳା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରାଜ୍ୟସ୍ତରୀୟ ଅଭିଜିତ ସ୍ମୃତି କମିଟି କାର୍ଯ୍ୟାଳୟ ନୂଆବଜାର ବିନିକା, ସମୟ: ପୂର୍ବାହ୍ନ ୯ଟା ।
- ୨୯ତମ ସର୍ବଭାରତୀୟ ଲୁଟୁରପଙ୍କ କ୍ରିକେଟ କପର ସେମିଫାଇନାଲ କ୍ୟୁସିଆଇ ଛତିଶଗଡ଼ ବନାମ ବାଙ୍ଗାଲୋର ଏକାଦଶ କର୍ଣ୍ଣାଟକ, ସ୍ଥାନ: ଲୁଟୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ଶ୍ରୀଶ୍ରୀ ସନ୍ଥ ଶିରୋମଣି ପରମ ପୂଜ୍ୟ ଗୁରୁ ଘାସିଦାସ ବାବାଙ୍କ ନବ ନିର୍ମିତ ଗଦି ଆସନ ଉଦ୍‌ଘାଟନ ଓ ଜୟନ୍ତୀ ପାଳନ,ସ୍ଥାନ: କୋମନା ବ୍ଲକ କାଣ୍ଡେତାରା ଗାଁ, ସମୟ ସକାଳ ୮ ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କୋମନା ବ୍ଲକ କାଣ୍ଡାତରା ଦୁର୍ଗା ମଣ୍ଡପ, ସମୟ: ସକାଳ ୯ଟା ।
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ତ୍ରୟୋଦଶ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା ।
- ୩ୟ ଶହୀଦ ପୀତବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ୫ମ ଦିବସ, ସ୍ଥାନ: କୋମନା ବ୍ଲକ ଦାନୋଝଲା ଶହୀଦ ପୀତବାସ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ୫ମ ଜୟ ମା' ବସ୍ତ୍ରେଣ କପ କ୍ରିକେଟ ଦ୍ୱିତୀୟ ଦିବସ, ସ୍ଥାନ-କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିକୋଣୀୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଗୁରୁ ଘାସିଦାସ ଜୟନ୍ତୀ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ ଅପରାହ୍ନ ୩ଟା ।
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ନୂଆପଡା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଦ୍ୱିଜା ନକ୍ଷତ୍ର ସକାଶେ ସାମଗ୍ରିକ ସୁଖସୁବିଧା ସାଙ୍ଗକୁ ସମ୍ମାନ ଓ ପ୍ରଶଂସା ପାଇବେ । ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ମାର୍ଗଦର୍ଶନ ଲାଭ କରିବେ । ସାଧାରଣ କଥାରେ ବିରକ୍ତି ପ୍ରକାଶ କଲେ ସମସ୍ୟା ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି ।

**ବୃଷ**

କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରିବ । ଅଯଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ, ବରଂ ଲାଭ ବଦଳରେ କ୍ଷତି ଅଧିକ ହୋଇପାରେ । ପରିବାରର କୌଣସି ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ । ବନ୍ଧୁଙ୍କ ପରାମର୍ଶରେ ନିଜ ମନ ପସନ୍ଦର ଜିନିଷ କିଣି ଖୁସି ରହିବେ ।

**ମିଥୁନ**

କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ରହିବା କାରଣରୁ ମନୋବଳ ହ୍ରାସ ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି । ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ । କର୍ତ୍ତବ୍ୟନିଷ୍ଠା ଫଳରେ ପୁନର୍ବସୁ ନକ୍ଷତ୍ର ପରିବାରର ଲୋକମାନଙ୍କ ଆଦରଣୀୟ ରହିବେ ।

**କର୍କଟ**

କର୍ମାରମ୍ଭ ପରିପ୍ରେକ୍ଷୀରେ ପରିବାରରୁ ସହଯୋଗ ନ ପାଇ କ୍ଷୋଭପ୍ରକାଶ କରିପାରନ୍ତି । ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ପକ୍ଷପାତିତାକୁ ନେଇ ଅସନ୍ତୁଷ୍ଟ ରହିବେ । ସହକର୍ମୀଙ୍କ ସହ ଅଯଥା ଯୁକ୍ତିତର୍କ କରି କଥାକୁ ବେଶି ଦୋହରାଇବା ଠିକ୍ ହେବନି । ଅଶ୍ଳେଷା ନକ୍ଷତ୍ରକୁ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ।

**ସିଂହ**

କର୍ମକ୍ଷେତ୍ରର ପ୍ରତିଟି ପଦକ୍ଷେପରେ ସହମତି ଭିତ୍ତିରେ କାମ କଲେ ଉପକୃତ ହେବେ । ପୂର୍ବାଫାଲଗୁନୀ ନକ୍ଷତ୍ର ସଂଗଠନ, ରାଜନୀତି, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ । ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ । ପାରିବାରିକ ସମସ୍ୟା ଥିଲେ ମଧ୍ୟ ନୂଆ କାମରୁ ଓହରି ପାରିବେ ନାହିଁ ।

**କନ୍ୟା**

ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ । ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ । ଚିତ୍ରା ନକ୍ଷତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବାର ଆଶଙ୍କା ରହିଛି ।

**ତୁଳା**

ଆଜି ମନ ଭଲ ନ ଥିବା ଯୋଗୁ ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ଆପଣଙ୍କୁ ଭଲ ଲାଗି ନ ପାରେ । ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେବେ । ବିଶାଖା ନକ୍ଷତ୍ର ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ । କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହୋଇପାରନ୍ତି ।

**ବିଛା**

ଅପ୍ରିୟ ସତ୍ୟ ଭାଷଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ଜ୍ୟେଷ୍ଠା ନକ୍ଷତ୍ର ସକାଶେ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ । କୃଷି, ବାଣିଜ୍ୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇପାରନ୍ତି । ସାମାଜିକ ସମସ୍ୟାକୁ ଦୁଃସାହସିକ ପଦକ୍ଷେପ ନେଇ ସୁଧାରି ନେବେ ।

**ଧନୁ**

କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି । ମୂଳା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ । ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପାରେ । ସଭାସମିତିରେ ବନ୍ଧୁମାନଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି ।

**ମକର**

ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଏବଂ ବିବାଦୀୟ ଘଟଣାରେ ବିଜୟ ଯୋଗୁ ଖୁସି ରହିବେ । ଦୀର୍ଘ ଅନୁଭୂତି ହେତୁକ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି । ଶ୍ରବଣା ନକ୍ଷତ୍ର ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ବାରମ୍ବାର ପ୍ରତିବନ୍ଧକ ଲାଗି ରହୁଥିବାରୁ ଲକ୍ଷ୍ୟପ୍ରାପ୍ତିରେ ବାଧା ସୃଷ୍ଟି ହୋଇପାରେ ।

**କୁମ୍ଭ**

ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିବିଶତଃ ହାତରୁ ଖାଇ ଅନ୍ୟମାନଙ୍କ ସକାଶେ ବେଠି ଖଟିବାକୁ ପଡ଼ିପାରେ । ଶତଭିଷା ନକ୍ଷତ୍ରର ଲେଖାପଢ଼ା, ପରିବହନ, ନିର୍ମାଣ କ୍ଷେତ୍ରରେ ଅସୁବିଧା ହେବନାହିଁ । ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି । ଆର୍ଥିକସ୍ଥିତି ମନ୍ଦ ନଥିଲେ ମଧ୍ୟ ଆବଶ୍ୟକତା ପୂରଣ କ୍ଷେତ୍ରରେ କରଜ କରିବାକୁ ପଡ଼ିପାରେ ।

**ମୀନ**

ଆଜି ଉତ୍ତରଭାଦ୍ର ନକ୍ଷତ୍ର କାମ ଆରମ୍ଭ କରିବାକୁ ମନ ବଳାଇପାରନ୍ତି । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଦ୍ୱାରା ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ । ଖଳ ଲୋକଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କାକୁ ଏଡିହେବ ନାହିଁ । ଆବଶ୍ୟକ ଅର୍ଥ ଧାର ସୂତ୍ରରେ ପାଇବାକୁ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି ।

ଆଜି ଡିସେମ୍ବର ୨୭ ତାରିଖ, ଦଶମ ଶିଖ୍‌ଗୁରୁ ଗୋବିନ୍ଦ ସିଂହଙ୍କ ଜୟନ୍ତୀ, ପୌଷ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ, ଶନିବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/ମୀନ, ଦିବା ଘ.୦୯।୦୮ ମି. ଗତେ ଉତ୍ତରଭାଦ୍ର ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୯ ଗତେ ଘ.୦୯।୦୫ ମଧ୍ୟେ, ଘ.୧୨।୦୯ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୯।୦୫ ଗତେ ଘ.୧୦।୨୬ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏଇ ମନ ଯେବେ ପ୍ରସନ୍ନ ହୁଅଇ**
**ଦିଅଇ ଅଭୟ ବର**
**ଏଇ ମନ ଯେବେ ବିମୁଖ ହୁଅଇ**
**କରିଦିଏ ନାରଖାର ।**

ମନର ବିଭିନ୍ନ ଭୂମିକା । ସୁଖ ଦୁଃଖ, ହସ କାନ୍ଦ ମନ ଉପରେ ଗଭୀର ରେଖାପାତ ସୃଷ୍ଟି କରିଥାଏ । ମନ ଶାନ୍ତ ଥିଲେ ସବୁ ସୁଖକର ଲାଗେ । ଅଶାନ୍ତ ବା ବିରସ ହେଲେ ସବୁ ଖୁସି ନିମିଷକେ ଉଭେଇଯାଏ । ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ । ମନ ଖରାପ ହେଲେ ସବୁ କିଛି ପୋଡ଼ିଜଳି ପାଉଁଶ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଏଡ଼େ ଅଲାଜୁକ ମଞ୍ଜାରୀ**
**ତାକୁ ପୋକ ନ ଖାଇଲା ଝିଞ୍ଜାରି ।**

ଯିଏ ଅଲାଜୁକ ତା'ର କୌଣସି ଲାଜ ସରମ ନ ଥାଏ । ପ୍ରତ୍ୟେକ କଥାକୁ ସେମାନେ ଫୁଙ୍କାରରେ ଉଡ଼ାଇ ଦେଇଥାନ୍ତି । ଯିଏ ଯେତେ କହିଲେ ମଧ୍ୟ ତାଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥାଏ । ସମାଜରେ ଏହି ଧରଣର ବ୍ୟକ୍ତି ନିନ୍ଦା ଅପବାଦ ପାଉଥିବା ନେଇ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ସବୁ ବିଦ୍ୟୁତ୍ କାର୍ଯ୍ୟାଳୟରେ ୨୯ରେ ତାଲା ପକାଇବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର, ୨୬।୧୨ (ରବିନାରାୟଣ ଜେନା)

ଓଡ଼ିଶାବିଦ୍ୟୁତ୍‌ନିୟାମକଆୟୋଗ(ଓଇଆର୍‌ସି)ର ନିର୍ଦ୍ଧାରିତ ଦର ଅପେକ୍ଷା ଯେଉଁ ଘରୋଇ ବିଦ୍ୟୁତ୍ ବିତରଣ କମ୍ପାନୀ ଅତିରିକ୍ତ ଶୋଷଣ କରିଛନ୍ତି ତାହା ତୁରନ୍ତ ଫେରାନ୍ତୁ, ନଚେତ୍ ଏହିସବୁ ପ୍ରତିବାଦରେ ଡିସେମ୍ବର ୨୯ରେ ସବୁ ବିଦ୍ୟୁତ୍ କାର୍ଯ୍ୟାଳୟରେ କଂଗ୍ରେସ ତାଲା ପକାଇବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ।

କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ଭାବେ ପରିଗଣିତ । ହେଲେ ଓଡ଼ିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସମ୍ପୂର୍ଣ୍ଣ ତଥା ମୋଟ ୩୦ରୁ ୩୫% ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ଲେଖାଏ ବିଜୁଳି ଦେୟ ଛାଡ଼ କରିଥିବାବେଳେ ଓଡ଼ିଶାର ମାତ୍ର ୨% କୃଷି ଉପଭୋକ୍ତା ଓ ୭ରୁ ୮% ଘରୋଇ ଉପଭୋକ୍ତାଙ୍କୁ ଗୋଟିଏ ୟୁନିଟ୍ ମଧ୍ୟ ମାଗଣାରେ ଦିଆଯାଉ ନାହିଁ ।

## ୩୦୦ ୟୁନିଟ୍ ବିଜୁଳି ଛାଡ଼ କର

ଓଡ଼ିଶାରେ ବ୍ୟବହୃତ ହେଉଥିବା ମୋଟ ୭୦% ବିଜୁଳି ଶିଳ୍ପକ୍ଷେତ୍ରକୁ ଦିଆଯାଉଛି । ସେଥିରେ ସାମାନ୍ୟ ଦରବୃଦ୍ଧି କଲେ ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇପାରିବ । ତେଣୁ ଅନ୍ୟାୟମୂଳକ ଭାବେ ଘରୋଇ ଉପଭୋକ୍ତାଙ୍କୁ ଅତିରିକ୍ତ ସୁରକ୍ଷା ଜମା(ଏସ୍‌ଡି) ଦାଖଲ କରିବା ପାଇଁ ବାଧ୍ୟ କରିବା ଛାଡ଼ କରନ୍ତୁ । ସରକାର କହିଥିଲେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ଼ କରାଯିବ । ଏବେ ସବ୍‌ସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ ୟୁନିଟ ବିଦ୍ୟୁତ୍ ଦେୟ ଛାଡ଼ କରିବା ସହ ସମ୍ପୂର୍ଣ୍ଣ କୃଷି କ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରାଯାଉ ବୋଲି ଭକ୍ତ ଦାବି କରିଛନ୍ତି । ଭକ୍ତ ପୁଣି କହିଛନ୍ତି, ଦିଲ୍ଲୀ, ପଞ୍ଜାବ, ତେଲଙ୍ଗାନା, ଆନ୍ଧ୍ର, କର୍ନାଟକ ଓ ତାମିଲନାଡୁ ଭଳି ଓଡ଼ିଶାରେ ୩,୨୫୦ କୋଟି ଟଙ୍କାର ସବ୍‌ସିଡି ଦେଇ ସମସ୍ତ କୃଷକଙ୍କ ବିଜୁଳି ଦେୟ ଛାଡ଼ କରିବା ସହିତ ୯୦% ଘରୋଇ ଉପଭୋକ୍ତାଙ୍କ ଦେୟ ସମ୍ପୂର୍ଣ୍ଣ ଛାଡ଼ କରାଯାଉ ।

ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଓଡ଼ିଶାର ଖଣି ଖାଦାନରେ ପରିପୁଷ୍ଟ ଟାଟା ପାୱାର ଓଡ଼ିଶା ପାଇଁ କରିଛି କ'ଣ ? କଂଗ୍ରେସ ସବୁବେଳେ ଲୋକଙ୍କ ସହିତ ରହିଛି ବୋଲି ସେ କହିଛନ୍ତି । ଅନୁରୂପ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ସିକ୍ୟୁରିଟି ଡିପୋଜିଟ(ଏସ୍‌ଡି)ପ୍ରସଙ୍ଗରେ ମଧ୍ୟ ଓଡ଼ିଶାର ବିଜୁଳି ଉପଭୋକ୍ତାଙ୍କ ସହିତ କଂଗ୍ରେସ ରହିବ ।

# ପ୍ରଥମ ପୃଷ୍ଠାରୁ...

## ୱାର୍ଡସଭ୍ୟାଙ୍କ ସ୍ୱାମୀଙ୍କ ...

ପରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ଲଛିପୁର ଆଇଆଇସି ଭୋଜରାଜ ସା ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ମୃତକଙ୍କ ପୁଅ ବିଘ୍ନରାଜଙ୍କ ଅଭିଯୋଗ ଅନୁଯାୟୀ ସେ, ତାଙ୍କ ମା' ତପ ଓ ଅନ୍ୟମାନେ ଯାତ୍ରା ଦେଖିବାକୁ କଦଳିପାଲି ଗ୍ରାମକୁ ଯାଇଥିଲେ । ଘରେ କେବଳ ବାପା ଥିଲେ । ଗୁରୁବାର ରାତିରେ ବିଘ୍ନରାଜ ବାପା ଦାସଙ୍କ ସହ ଫୋନରେ କଥା ହୋଇଥିଲେ । ସାନ ଭାଇ ସୁରୁ ଗାଳିଗୁଲଜ କରୁଥିବା ଓ ହାଣି ଦେବ ବୋଲି ଧମକ ଦେଉଥିବା ଦାସ ପୁଅ ବିଘ୍ନରାଜକୁ ଜଣାଇବା ସହ ଶୀଘ୍ର ଘରକୁ ପଳାଇ ଆସିବାକୁ କହିଥିଲେ । ସୁରୁ ସବୁଦିନ ଏଭଳି ଗାଳିଗୁଲଜ କରୁଥିବାରୁ ବିଘ୍ନରାଜ ବାପାଙ୍କ କଥାକୁ ଗୁରୁତ୍ୱ ନ ଦେଇ ଶୁକ୍ରବାର ଭୋର ସମୟରେ ଘରେ ପହଞ୍ଚିଥିଲେ । ଅଗଣାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପାଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକ ତଟସ୍ଥ ହୋଇ ପଡିଥିଲେ । ମୃତଦେହ ପାଖରେ ଜଣେ ମହିଳାଙ୍କ କାଚ ପଡିଥିବା ଦେଖିବାକୁ ମିଳିଛି । ଏଥିରୁ ହତ୍ୟାକାଣ୍ଡରେ ଜଣେ ମହିଳାଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ଲଛିପୁର ଥାନା ଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ ମାମଲାର ତଦନ୍ତ କରୁଛନ୍ତି ।

## ଶ୍ରମିକଙ୍କୁ ମିଳିବ ...

୨୦୨୫ ନଭେମ୍ବର ସୁଦ୍ଧା ଏହି ସଂଖ୍ୟା ୭୦,୩୬୦ରେ ପହଞ୍ଚିଥିଲା । ୨୦୨୪ରେ ୧,୦୩୭ ଲାଇସେନ୍ସପ୍ରାପ୍ତ ଲେବର ଠିକାଦାରଙ୍କ ଜରିଆରେ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇଥିଲେ । ସେଥିମଧ୍ୟରେ ବଲାଙ୍ଗୀରରୁ ସର୍ବାଧିକ ୪୯,୯୮୮ ରହିଥିବାବେଳେ ନୂଆପଡ଼ାରୁ ୧୨,୧୬୦, ଗଞ୍ଜାମରୁ ୧,୫୮୦ ଏବଂ ବରଗଡ଼ରୁ ୧,୩୦୪ଜଣ ରହିଥିଲେ । ଏହାବାଦ୍ ଅନ୍ୟ ୧୫ଟି ଜିଲାରୁ ଶ୍ରମିକମାନେ ଦାଦନ ଖଟିବାକୁ ବାହାରକୁ ଯାଇଥିଲେ । ମାତ୍ର ଚଳିତବର୍ଷ ୧,୧୦୭ ଲାଇସେନ୍ସପ୍ରାପ୍ତ ଲେବର ଠିକାଦାରଙ୍କ ଜରିଆରେ ରାଜ୍ୟ ବାହାରକୁ ଯାଇଥିବା ୭୦,୩୬୦ ଶ୍ରମିକଙ୍କ ମଧ୍ୟରୁ ବଲାଙ୍ଗୀର ଜିଲାର ସର୍ବାଧିକ ୫୧,୫୮୧ଜଣ ରହିଛନ୍ତି । ଏହାସହିତ ନୂଆପଡ଼ାର ୮,୬୫୫ଜଣ ଶ୍ରମିକ ରହିଥିବାବେଳେ ଗଞ୍ଜାମରୁ ୨,୫୫୩ଜଣ ରହିଛନ୍ତି । ତେବେ ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରୁ ଜଣେ ହେଲେ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ନ ଥିବା ସରକାରୀ ଭାବେ କୁହାଯାଇଛି ।

## ସ୍କୁଲ ପିଲାଙ୍କୁ ...

୨୦୨୨-୨୩ ଆର୍ଥିକ ବର୍ଷରେ କରାଯାଇଥିଲା । ସିଏଜି ଲକ୍ଷ୍ୟ କରିଥିଲେ, ଏହି ୧୦୮ ସ୍କୁଲରୁ ବିଭିନ୍ନ ଶ୍ରେଣୀର ପ୍ରାୟ ୬୦୮ ଜଣ ପିଲା ଅନେକ କାରଣରୁ ବିଦ୍ୟାଳୟ ଛାଡ଼ି ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୨୬୬ ପିଲା ସ୍କୁଲ ପରିବର୍ତ୍ତନ କରିଥିବାବେଳେ ସମ୍ପୂର୍ଣ୍ଣ ପାଠ ଛାଡ଼ି ଦେଇଛନ୍ତି । ସେଥିମଧ୍ୟରେ ସ୍କୁଲରେ ପହଞ୍ଚିବା ପାଇଁ ରହିଥିବା ସମସ୍ୟା ଏକ ମୁଖ୍ୟ କାରଣ ବୋଲି ସିଏଜି ଦର୍ଶାଇଥିଲେ । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗତ ମାର୍ଚ୍ଚରେ ଅନୁଷ୍ଠିତ ବିଧାନସଭା ଅଧିବେଶନ ସମୟରେ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ, ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ୯୩୮୭ ଜଣ ମାଧ୍ୟମିକ ସ୍କୁଲ ଏବଂ ୨୫୪ ଜଣ ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ର ପାଠପଢ଼ା ଅଧାରୁ ଛାଡ଼ି ଦେଇଛନ୍ତି ।

## ମହିଳା ମ୍ୟାନେଜରଙ୍କୁ ...

ପରେ ପୋଲିସରେ ଅଭିଯୋଗ କରିଥିଲେ । ପୋଲିସ ଗଣବଳାତ୍କାର ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମହିଳା ଅପରାଧ ୟୁନିଟ୍‌ର ଅତିରିକ୍ତ ଏସ୍‌ପି ମାଧୁରୀ ବର୍ମା ତଦନ୍ତ ଦାୟିତ୍ୱ ନେଇଛନ୍ତି । ଏହି ମାମଲାରେ ସିଇଓ, ଏକ୍‌ଜିକ୍ୟୁଟିଭ୍ ମୁଖ୍ୟ ଏବଂ ତାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିବା ଏସ୍‌ପି ଯୋଗେଶ ଗୋୟଲ ସ୍ପଷ୍ଟ କରିଛନ୍ତି ।

## ପିକ୍ନିକ୍ ଆସି ସୀତାକୁଣ୍ଡରେ ବୁଡ଼ିଗଲେ ଦୁଇ ଭାଇ




# ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ସିଇସି ଜ୍ଞାନେଶ

ଭୁବନେଶ୍ୱର,୨୬।୧୨
(ସୁନିତ୍ ମିଶ୍ର)

ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଶନିବାରଠାରୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶନିବାର ସେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ମହାପ୍ରଭୁଙ୍କ ଦର୍ଶନ ପରେ ସେ କୋଣାର୍କ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ରବିବାର ଜ୍ଞାନେଶ କୁମାର ରଘୁରାଜପୁର, ଧଉଳି ଶାନ୍ତିସ୍ତୁପ, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ନିର୍ବାଚନ କମିଶନର ସୋମବାର ଅପରାହ୍ନ ୩ଟାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମଠାରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁଥିବା ବୈଠକରେ ଅଧ୍ୟକ୍ଷତା କରି ସେମାନଙ୍କୁ ସମ୍ବୋଧନ ଦେବେ। ସେହିଦିନ ରାତିରେ ସେ ଭୁବନେଶ୍ୱରରୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଦୀର୍ଘ ୨୪ ବର୍ଷ ପରେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଏହା କରାଯିବ। ଏସ୍‌ଆଇଆର୍ ମାଧ୍ୟମରେ ନକଲି ଭୋଟର୍ ଏବଂ ମତଦାତାଙ୍କ ଏକାଧିକ ନାଁକୁ ତାଲିକାରୁ ବାଦ୍ ଦିଆଯାଇପାରିବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟରେ ଏସ୍‌ଆଇଆର୍ ଲାଗୁ କରାଯାଉଛି। ହେଲେ ଦେଶବ୍ୟାପୀ ବିରୋଧୀ ଦଳଗୁଡ଼ିକ କିନ୍ତୁ ଜୋର୍‌ଦାର ବିରୋଧ କରୁଛନ୍ତି। ଏସ୍‌ଆଇଆର୍ ଜରିଆରେ ଭୋଟର ତାଲିକାରେ ଇସିଆଇ ଗୋଳମାଳ କରୁଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏସ୍‌ଆଇଆର୍‌କୁ ଜୋର୍‌ଦାର ବିରୋଧ କରି ଏନେଇ ଚିଠି ମଧ୍ୟ ଲେଖିଛନ୍ତି। ସେହିକ୍ରମରେ ଓଡ଼ିଶାରେ ଏସ୍‌ଆଇଆର ଲାଗୁ ହେବାକୁ ଯାଉଥିବା ବେଳେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଏସ୍‌ଆଇଆର୍ ଲାଗୁ ପୂର୍ବରୁ ଇସିଆଇଙ୍କ ଓଡ଼ିଶା ଗସ୍ତ ମଧ୍ୟ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି।

- **ଓଡ଼ିଶାରେ ଏସ୍‌ଆଇଆର୍ ଲାଗୁ ପୂର୍ବରୁ ଗସ୍ତକୁ ନେଇ ଚର୍ଚ୍ଚା**
- **୨୯ରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନେଇ ବୈଠକ**

# କୋରେଇର ପୂର୍ବତନ ବିଧାୟିକା ସଞ୍ଜୁକ୍ତା ମହାନ୍ତିଙ୍କ ପରଲୋକ

ଯାଜପୁର,୨୬।୧୨(ହର୍ଷବର୍ଦ୍ଧନ ବେହେରା)


ସଞ୍ଜୁକ୍ତା ମହାନ୍ତି

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସଞ୍ଜୁକ୍ତା ମହାନ୍ତିଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ଯାଜପୁର ଜିଲାରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବିଧାୟିକା ସଞ୍ଜୁକ୍ତା ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ କୋରେଇ ବିଧାୟିକା ଥିଲେ। ଏହାସହ ସେ ରାଜ୍ୟ ଭାଜପାର ଜଣେ ଆଗ ଧାଡ଼ିର ନେତ୍ରୀ ଥିଲେ। ଜଣେ ଆଇନଜୀବୀ ଓ ରାଜନୀତିଜ୍ଞ ଥିଲେ। ଭାଜପାର ପ୍ରତିନିଧି ଭାବରେ ୨୦୦୪ରେ କୋରେଇ ବିଧାନସଭା ଆସନରୁ ଲଢ଼ି ବିଧାୟିକା ଭାବେ ତ୍ରୟୋଦଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସଞ୍ଜୁକ୍ତା ୧୯୫୮ ସେପ୍ଟେମ୍ବର ୧୭ରେ କଟକରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ରାଜେନ୍ଦ୍ର ସିଂହ ଉଦ୍ୟାନ ବିଭାଗର ଜଣେ ଅଧିକରୀ ଭାବେ କାର୍ଯ୍ୟ କରିଥିଲେ। ରାଜେନ୍ଦ୍ରଙ୍କ ପୈତୃକ ଘର ଯାଜପୁର ଜିଲା ରାମବାଗ ଗ୍ରାମରେ। ତେବେ ଚାକିରି ସମୟରେ ରାଜେନ୍ଦ୍ର କଟକରେ ରହିଥିଲେ। ସଞ୍ଜୁକ୍ତା ବିଜ୍ଞାନରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ପରେ ଆଇନରେ ଡିଗ୍ରୀ ହାସଲ କରିଥିଲେ ଏବଂ ପରେ ଓଡ଼ିଶୀ ନୃତ୍ୟରେ ମଧ୍ୟ ସ୍ନାତକୋତ୍ତର କରିଥିଲେ। ସେ ଜଣେ ଆଇନଜୀବୀ ଭାବରେ କାର୍ଯ୍ୟ କରୁଥିଲେ। ସଞ୍ଜୁକ୍ତା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୋପୀନାଥ ମହାନ୍ତିଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କ ଦୁଇ ପୁଅ ଅଛନ୍ତି।

ସଞ୍ଜୁକ୍ତା ଭାରତୀୟ ଜନତା ପାର୍ଟିର ଆଗଧାଡ଼ିର କର୍ମୀ ଭାବରେ ଓଡ଼ିଶା ରାଜନୀତିରେ ସକ୍ରିୟ ଥିଲେ। ସେ ଗୃହ, ପର୍ଯ୍ୟଟନ ବିଭାଗ କମିଟି, ମହିଳା ଓ ଶିଶୁ ବିକାଶ କଲ୍ୟାଣ କମିଟି ଆଦିରେ ସଭ୍ୟ ଭାବରେ କାର୍ଯ୍ୟ କରିଥିଲେ। ୨୦୦୯ରେ ସାଧାରଣ ନିର୍ବାଚନରେ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସେ ସମୁଦାୟ ୬,୧୦୧ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଥିଲେ। ୨୦୧୪ରେ ହୋଇଥିବା ସାଧାରଣ ନିର୍ବାଚନରେ ସେ ଭାଜପାର ପ୍ରାର୍ଥୀ ଭାବରେ କୋରେଇ ବିଧାନସଭା ଆସନରୁ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ମଧ୍ୟ ସେ ୩ୟ ସ୍ଥାନରେ ରହିଥିଲେ। ଏହା ପରଠାରୁ ସଞ୍ଜୁକ୍ତା ଆଉ ପ୍ରତ୍ୟକ୍ଷ ରାଜନୀତିକୁ ନ ଓହ୍ଲାଇ ପରୋକ୍ଷରେ ଦଳ ପାଇଁ କାମ କରୁଥିଲେ। ତାଙ୍କ ପରଲୋକରେ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ସମେତ ବିଭିନ୍ନ ରାଜନେତା ଶୋକବ୍ୟକ୍ତ କରିଛନ୍ତି।

# ବିଜେଡି ୧୦୦ ବର୍ଷ ଯାଏ ଓଡ଼ିଶାର ସ୍ୱର ହୋଇ ରହିବ: ନବୀନ

- **କେତେଜଣ ଲୋକ, କେତେକ ଦଳ ବିଜେଡି ଭାଙ୍ଗିଯିବ ବୋଲି ଅପପ୍ରଚାର କରୁଛନ୍ତି**
- **ଓଡ଼ିଶାର ସରକାର ଅଛି ବୋଲି ଜଣାପଡୁନି**

ଭୁବନେଶ୍ୱର,୨୬।୧୨(ସୁନିତ୍ ମିଶ୍ର)




ଗଣତନ୍ତ୍ରରେ ହାର୍ ଜିତ୍ ରହିଛି। ଏବେ କେତେଜଣ ଲୋକ ଓ କେତେଟା ଦଳ ବିଜେଡି ବିଷୟରେ ଅପପ୍ରଚାର କରୁଛନ୍ତି। ବିଜେଡି ଭାଙ୍ଗିଯିବ ବୋଲି ସେମାନେ ଗୁଜବ ଚଳାଇଛନ୍ତି। ହେଲେ ସମସ୍ତେ ଜାଣିବା ଦରକାର, ବିଜେଡି ଜଣେ କିମ୍ବା ଦୁଇଜଣଙ୍କୁ ନେଇକରି ନୁହେଁ, ଏହା ଏକ ଜନଆନ୍ଦୋଳନ। ଓଡ଼ିଶା ଲୋକଙ୍କ ଆକାଂକ୍ଷା ଏବଂ ଗର୍ବ ସହିତ ଗଭୀର ଭାବେ ବିଜେଡି ଜଡ଼ିତ। ବିଜେଡି ରହିଛି ଏବଂ ଆସନ୍ତା ୧୦୦ ବର୍ଷ ଯାଏ ଓଡ଼ିଶାବାସୀଙ୍କ ସ୍ୱର ହୋଇ ରହିବ ବୋଲି ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ନବୀନ କହିଛନ୍ତି, ଯୁବକମାନେ ହେଉଛନ୍ତି ବିଜେଡିର ମୁଖ୍ୟ ସମ୍ପତ୍ତି। ସେମାନେ ସାମାଜିକ ଗଣମାଧ୍ୟମରେ ଅଧିକ ସକ୍ରିୟ ହୁଅନ୍ତୁ। ଦଳ ବିଷୟରେ ସାମାଜିକ ଗଣମାଧ୍ୟମରେ ଯେଉଁ ଅପପ୍ରଚାର ଚାଲିଛି ତା'ର ଜବାବ ଦିଅନ୍ତୁ। ରାଜନୀତିରେ ଧୈର୍ଯ୍ୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦଳର ନେତା ଓ କର୍ମୀଙ୍କ ପରିଶ୍ରମ ଏବଂ ପ୍ରତିବଦ୍ଧତା ଉପରେ ଭରସା ଅଛି। ଏକାଠି ସମସ୍ତେ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତର ସୁଯୋଗ ଭାବେ ପରିବର୍ତ୍ତନ କରିଦେଇପାରିବା। ବିକଶିତ ଓଡ଼ିଶା ପାଇଁ ମିଳିତ ଉଦ୍ୟମ କରିବା ବୋଲି ବିଶ୍ୱାସ ଅଛି। ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। ହେଲେ ବିକାଶ କେଉଁଠି ଅଛି। ଚାଷୀମାନେ ସାର ପାଉନାହାନ୍ତି, ମଣ୍ଡି ଖୋଲୁନି, ମିଶନ ଶକ୍ତି ମହିଳାମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ ହେଇକି ଅଛନ୍ତି, ଶେଷ ୧୮ ମାସ ଭିତରେ ୧୮ଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେଲାଣି। ରାଜ୍ୟରେ ସରକାର ଥିବାଭଳି ଅନୁଭବ ହେଉନାହିଁ। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି କଥା ନ କହିଲେ ଭଲ। ମହିଳାଙ୍କ ଉପରେ ପ୍ରବଳ ଅତ୍ୟାଚାର ହେଉଥିବା ବେଳେ ନାବାଳିକାମାନେ ସୁରକ୍ଷିତ ନୁହନ୍ତି ବୋଲି ସେ କହିଛନ୍ତି। ନବୀନ ଆହୁରି କହିଛନ୍ତି, ୧୯୯୭ରୁ ବିଜେଡି ବିଜୁବାବୁଙ୍କ ଆଦର୍ଶରେ ଓଡ଼ିଶାବାସୀଙ୍କ ସେବା କରିଚାଲିଛି। ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିକି ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ ପରିଚୟ ଦେଇ ମା'ମାନଙ୍କୁ ସଶକ୍ତ କରାଯାଇଛି। ଚାଷୀଙ୍କ ରୋଜଗାର ବୃଦ୍ଧି ସହ ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡ଼ିଶାକୁ ବିଜେଡି ସରକାର ସମୟରେ ନୂଆ ପରିଚୟ ଦିଆଯାଇଥିଲା ବୋଲି ନବୀନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବରିଷ୍ଠ ନେତା ଦେବୀ ମିଶ୍ର, ପ୍ରତାପ ଜେନା, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ମୁନା ଖାଁ, ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍‌ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଚ୍ଚ ସୁଦ୍ଧା ଓଡ଼ିଶା ହେବ ମାଓବାଦୀମୁକ୍ତ: ଏଡିଜି ସଞ୍ଜୀବ

ଭୁବନେଶ୍ୱର,୨୬।୧୨(ତ୍ରିନାଥ ମହାନ୍ତି)

କନ୍ଧମାଳରେ ବଡ଼ ଧରଣର ମାଓବାଦୀ ଅପରେଶନ ପରେ ସୁରକ୍ଷା ବାହିନୀଙ୍କୁ ଭେଟି ପ୍ରଶଂସା କରିଛନ୍ତି ଆଣ୍ଟି ମାଓବାଦୀ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା। କିଭଳି ଥିଲା ଜଙ୍ଗଲ ଭିତରେ ମାଓବାଦୀ ଅପରେଶନ, ସେସମ୍ପର୍କରେ ସେ ଯବାନଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ସେଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଡିଜି କହିଛନ୍ତି, ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେବ। ଏବେ ବି ଅପରେଶନ ଜାରି ରହିଥିବାବେଳେ ଅଧିକ ଟିମ୍ ସାମିଲ କରାଯାଇଛି। ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଓ ବିସ୍ଫୋରକ ଜବତ ହୋଇଛି। ଏନ୍‌କାଉଣ୍ଟରରେ ନିହତ ଟପ୍ ମାଓବାଦୀ ନେତା ଗଣେଶ ଉଇକେ ୩୯ ବର୍ଷ ଧରି ସଂଗଠନରେ ସାମିଲ ଥିଲେ। ସେ ବିଭିନ୍ନ ରାଜ୍ୟରେ ଘଟିଥିବା ହିଂସାକାଣ୍ଡରେ ଜଡ଼ିତ ଥିଲେ। ଓଡ଼ିଶାରେ ମାଓବାଦୀ ଗତିବିଧିର ସେ ନେତୃତ୍ୱ ନେଉଥିଲେ। ତାଙ୍କ ମୃତ୍ୟୁ ସଂଗଠନକୁ ଶକ୍ତ ଝଟ୍‌କା ଦେଇଛି। ଏବେ ଅଧିକାଂଶ ମାଓବାଦୀ ସଂଗଠନ ଛାଡ଼ିବେ, ନଚେତ ଆତ୍ମସମର୍ପଣ କରିବେ। ହିଂସାର ମାର୍ଗ ଛାଡ଼ି ସେମାନେ ଆତ୍ମସମର୍ପଣ କରନ୍ତୁ। ମାଓବାଦୀମୁକ୍ତ ଓଡ଼ିଶା ପାଇଁ ଆମକୁ ଟାର୍ଗେଟ ଦିଆଯାଇଛି ବୋଲି ଏଡିଜି ସଞ୍ଜୀବ କହିଛନ୍ତି।




# ଓଟିଇଟି ଆନ୍ସର କି' ୱେବ୍‌ସାଇଟ୍‌ରେ

କଟକ,୨୬।୧୨(କାର୍ତ୍ତିକ ସାହୁ)

ଡିସେମ୍ବର ୧୭ର ଅନୁଷ୍ଠିତ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପରୀକ୍ଷାର ପ୍ରୋଭିଜନାଲ ଆନ୍ସର କି' ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବ୍‌ସାଇଟ୍ www.bseodisha.ac.in–ରେ ପରୀକ୍ଷାର୍ଥୀମାନେ ଆନ୍ସର କି'କୁ ଚ୍ୟାଲେଞ୍ଜ କରିପାରିବେ। କୌଣସି ଆନ୍ସର କି' ଚ୍ୟାଲେଞ୍ଜ କରିବା ପାଇଁ ୫୦୦ ଟଙ୍କା ଦେୟ ଦେବାକୁ ପଡ଼ିବ। ଏଥିପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଚ୍ୟାଲେଞ୍ଜ ସପକ୍ଷରେ ଅପଲୋଡ୍ କରିବାକୁ ହେବ। ତାହା ବୋର୍ଡର ପ୍ରଶ୍ନ ଆନାଲିସିସ୍ କମିଟି ଦ୍ୱାରା ଯାଞ୍ଚ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ତେବେ ସମ୍ପୃକ୍ତ କମିଟିର ନିଷ୍ପତ୍ତି ପରେ ଚୂଡ଼ାନ୍ତ ଆନ୍ସର କି' ପ୍ରକାଶ ପାଇବ। ଉକ୍ତ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ଗ୍ରହଣୀୟ। ବୋର୍ଡ ୱେବ୍‌ସାଇଟ୍‌ରେ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୧୧ଟାରୁ ଜାନୁୟାରୀ ୪ ମଧ୍ୟରାତ୍ରି ଯାଏ ୨୪ ଘଣ୍ଟିଆ ଉପଲବ୍ଧ ରହିବ। ଏଥିପାଇଁ କେବଳ ଅନ୍‌ଲାଇନ ଜରିଆରେ ଆବେଦନ କରିପାରିବେ। ଏହା ବାଦ୍ ଇମେଲ, ପୋଷ୍ଟାଲ ଅଥବା ବ୍ୟକ୍ତିଗତ ଭାବେ ଆବେଦନ ଗ୍ରହଣୀୟ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ବିନୋଦ କୁମାରଙ୍କୁ ୧୨ଥର ପାଇଁ ଜେଲଦଣ୍ଡ

ଭୁବନେଶ୍ୱର,୨୬।୧୨(ସତ୍ୟଜିତ ରାଉତ)

## ଓଆର୍‌ଏଚ୍‌ଡିସି ଗୃହ ଋଣ ଦୁର୍ନୀତି ମାମଲା

- **ଅନ୍ୟ ୬ଜଣଙ୍କୁ ମଧ୍ୟ ୩ ବର୍ଷ ଜେଲଦଣ୍ଡ**
- **ଜାଲ କାଗଜପତ୍ରରେ ଦେଇଥିଲେ ୫୨.୯୫ ଲକ୍ଷର ଋଣ**

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ଦ୍ୱାରା ଏମ୍/ଏସ୍ ଏକ୍‌ଷ୍ଟାସି ବିଲ୍ଡର୍ସ ଆଣ୍ଡ୍ ଡେଭଲପର୍ସ ପ୍ରାଇଭେଟ୍ ଲିଃକୁ ଅନୁଚିତ ଅନୁଗ୍ରହ ଦେଖାଇ ଜାଲ୍ କାଗଜପତ୍ରରେ ଲକ୍ଷାଧିକ ଟଙ୍କାର ଋଣ ଦେବା ମାମଲାର ରାୟ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ବହିଷ୍କୃତ ଆଇଏଏସ୍ ଅଫିସର ତଥା ନିଗମର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବିନୋଦ କୁମାର ୧୨ ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ପୁଣି ୩ବର୍ଷ ଜେଲଦଣ୍ଡ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ୬ ଜଣଙ୍କୁ ମଧ୍ୟ ସମାନ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେମାନେ ହେଲେ ଓଆର୍‌ଏଚ୍‌ଡିସିର ପୂର୍ବତନ କମ୍ପାନୀ ସେକ୍ରେଟାରି ସ୍ୱପ୍ନରଞ୍ଜନ ମହାପାତ୍ର, ପୂର୍ବତନ ଆକାଉଣ୍ଟ ଅଫିସର ପ୍ରଦୀପ କୁମାର ରାଉତ, ପୂର୍ବତନ ଲୋନ୍ ଅଫିସର ସତ୍ୟପ୍ରକାଶ ବେହେରା, ପୂର୍ବତନ ସିଷ୍ଟମ୍ ଆନାଲିଷ୍ଟ ଜନେନ୍ଦ୍ର ସ୍ୱାଇଁ, ପୂର୍ବତନ ରିକଭରି ଆସିଷ୍ଟାଣ୍ଟ ଉମେଶ ଚନ୍ଦ୍ର ସ୍ୱାଇଁ ଏବଂ ଏମ୍/ଏସ୍ ଏକ୍‌ଷ୍ଟାସି ବିଲ୍ଡର୍ସ ଆଣ୍ଡ୍ ଡେଭଲପର୍ସ ସଂସ୍ଥାର ପ୍ରୋପ୍ରାଇଟର୍ ସଂଗ୍ରାମ କେଶରୀ ସାହୁ। ସମସ୍ତଙ୍କୁ ୨୫ ହଜାର ଲେଖାଏ ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ସମର ବିକାଶ ବେହେରା ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ଅନୁଯାୟୀ, ବିନୋଦ ୨୦୦୦ ଜାନୁୟାରୀ ୪ରୁ ୨୦୦୧ ଏପ୍ରିଲ ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ଏମ୍‌ଡି ଥିଲେ। ସେହି ସମୟରେ ଜାଲ କାଗଜପତ୍ର ଜରିଆରେ ବିନୋଦ ଓ ଅନ୍ୟମାନେ ଏକ୍‌ଷ୍ଟାସି ବିଲ୍ଡର ସଂସ୍ଥାକୁ ୫୨ ଲକ୍ଷ ୯୫ ହଜାର ଟଙ୍କାର ଋଣ ଦେଇଥିଲେ। ଏନେଇ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ନିକଟରେ ଏତଲା ହୋଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ୨୦୦୬ ମସିହା ସେପ୍ଟେମ୍ବର ୨୩ରେ ମାମଲା (ନଂ.୩୨/୨୦୦୬) ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ସୌମିତ୍ର ଘୋଷ ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ବିନୋଦଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୋଟ ୨୭ଟି ଭିଜିଲାନ୍ସ ମାମଲା ହୋଇଛି। ଗତ ମାର୍ଚ୍ଚ ୨୫ରେ ସେ ୧୧ଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ।



ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍ଭାସିତ କରିଦେଇପାରେ। -ଶ୍ରୀମା



# କାର୍ଯ୍ୟରେ ବିଳମ୍ବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମି ବିବାଦ ଦେଖାଦେଲେ ସରକାରୀ କାମଗୁଡ଼ିକର ସମୟସୀମା ଗଡ଼ିଚାଲେ। ଠିକାଦାର ବିଳମ୍ବ କରନ୍ତି କିମ୍ବା ଏଥିରେ ଜଡ଼ିତ ବିଭାଗଗୁଡ଼ିକ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଏଥର ମେସେଜ ପରଦା ପଛର ଘଟଣାକୁ ସାମ୍ନାକୁ ଆଣିଛି। 'ବୁଝାଇବା ବନ୍ଦ କରି ଦାୟିତ୍ୱ ଶେଷ କରିବା ଉପରେ ଗୁରୁତ୍ୱ ଦିଅ' ବୋଲି ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏହି ମେସେଜ କିଛି ଗଭୀର ବିଷୟକୁ ସୂଚିତ କରେ। ସମ୍ପୂର୍ଣ୍ଣ ହୋଇଥିବା ଏବଂ ଚାଲୁଥିବା ପ୍ରକଳ୍ପର ହିସାବ ଦେବାକୁ କୁହାଯିବା ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଶେଷ କରିବା ସକାଶେ ମାର୍ଚ୍ଚ ମାସ ସମୟସୀମା ବିଭାଗଗୁଡ଼ିକୁ ଦିଆଯିବାର ଆବଶ୍ୟକତା ରହିଛି। ହେଲେ ଗୁଜରାଟରେ ଏହାର ବ୍ୟତିକ୍ରମ ହୁଏ। ଭୂମି ଅଧିଗ୍ରହଣରେ ବାଧା ଉପୁଜେ। ଶିଳ୍ପ ଅଭିବୃଦ୍ଧି, ରାସ୍ତା ଏବଂ ସେତୁ ପୁନଃନିର୍ମାଣ ଦୀର୍ଘଦିନ ଧରି ଚାଲେ। ଏବେ ଗୁଣବତ୍ତା, ମନ୍ତ୍ରୀସ୍ତରୀୟ ସମନ୍ୱୟ ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ଦିଆଯାଉଥିବା ଗୁରୁତ୍ୱ ସୂଚାଇ ଦେଉଛି ଯେ ପୂର୍ବ ବ୍ୟବସ୍ଥାକୁ ଆଉ ପ୍ରୋତ୍ସାହିତ କରାଯାଉନାହିଁ। ଫେବୃଆରୀରେ ଆସିବାକୁ ଥିବା ୨୦୨୬-୨୭ ବଜେଟ ପୂର୍ବରୁ ଏହା ଏକ ଚାପ ଭଳି ଜଣାପଡୁଛି। ଗତ ବର୍ଷର ପ୍ରତିଶ୍ରୁତିଗୁଡ଼ିକ ଫାଇଲରେ ପଡ଼ି ରହିଥିଲେ କିମ୍ବା କାମ ଖରାପ ହୋଇଥିଲେ କୌଣସି ଅର୍ଥମନ୍ତ୍ରୀ ନୂତନ ପ୍ରତିଶ୍ରୁତି ଉପସ୍ଥାପନ କରିବାକୁ ଚାହିଁବେ ନାହିଁ। ତେବେ ଗୁରୁତ୍ୱପୂର୍ଣ୍ଣ କାମ ଆରମ୍ଭ କରିବା ପୂର୍ବରୁ କାର୍ଯ୍ୟ ଯୋଜନା, ତ୍ୱରାନ୍ୱିତ ରଣନୀତି, କାର୍ଯ୍ୟ ଶେଷ କରିବା ଲକ୍ଷ୍ୟ ସ୍ଥିର କରାଯାଇଥାଏ। ଏହି ଚାପ ଯୋଗୁ କ'ଣ କାମ ସହଜରେ ହୋଇଯିବ, ଶୀଘ୍ର ଅନୁମୋଦନ ହେବ ଏବଂ ପରସ୍ପର ଦୋଷାରୋପ କମିବ ନା ପୁନର୍ବାର ମାର୍ଚ୍ଚରେ ବ୍ୟବସ୍ଥାଗତ ବିଳମ୍ବ ଏବଂ ଅପ୍ରତ୍ୟାଶିତ ପ୍ରତିବନ୍ଧକ ଧାରାର ପୁନରାବୃତ୍ତି ହେବ।

### ପ୍ରକୃତ ପରୀକ୍ଷା

ସାଂଗଠନିକ ଅସ୍ଥିରତା ମଧ୍ୟରେ ଅନେକ ବର୍ଷ ରହିବା ପରେ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି)ଶେଷରେ ପୂର୍ଣ୍ଣ ଶକ୍ତି ନେଇ ଫେରିଛି। ଆଠ ଜଣ ନୂତନ ସୂଚନା ଆୟୋଗଙ୍କ ସହିତ ମୁଖ୍ୟ ସୂଚନା ଆୟୋଗ ଭାବରେ ରାଜ କୁମାର ଗୋୟଲ ନିଯୁକ୍ତ ହୋଇଛନ୍ତି। ସିଇସିରେ ପଦବୀ ଖାଲି ପଡ଼ିବା ସମସ୍ୟା ଦୂର ହୋଇଛି ଏବଂ ଏହା ଆଗକୁ ରହିବା ଉଚିତ ନୁହେଁ। ପଦବୀ ଖାଲି ପଡ଼ିବା ଯୋଗୁ ସିଆଇସି କାର୍ଯ୍ୟରେ ବିଳମ୍ବ ହେଉଥିଲା, ଯାହା ସୂଚନା ଅଧିକାର ଆଇନର ଅଧୋଗତି ଘଟାଇଛି। ବର୍ଷ ବର୍ଷ ଧରି ଆବେଦନ ପଡ଼ି ରହିଥିଲା, ଜରିମାନା ଲାଗୁ ହେଉ ନ ଥିଲା, ସଂସ୍ଥାଗତ ଅବକ୍ଷୟ ସାମ୍ନାକୁ ଆସିଥିଲା। ତେବେ ପୂର୍ବତନ ଆଇନ ସଚିବ ଗୋୟଲ ଜଣେ ଦକ୍ଷ ଅଧିକାରୀ। କିନ୍ତୁ ସିଆଇସିକୁ ଏକ ସଚିବାଳୟ ଭାବେ ଦେଖିବା ଦରକାର ନାହିଁ। କମିଶନର ପଦବୀ ଫାଇଲ-କେନ୍ଦ୍ରିକ ନୁହେଁ, ବରଂ ନାଗରିକ-କେନ୍ଦ୍ରିକ ହେବା ପାଇଁ ଗଠିତ ହୋଇଛି। ଆଇନ ଆବଶ୍ୟକତାକୁ ପୁନଃସ୍ଥାପିତ କରିବା ପାଇଁ ଏହା ଉଦ୍ଦିଷ୍ଟ। ଆର୍‌ଟିଆଇ ନ୍ୟାୟଶାସ୍ତ୍ର କେବଳ ଆଦେଶର ବିଷୟରେ ନୁହେଁ; ବରଂ ବିଳମ୍ବ ଓ ପ୍ରତ୍ୟାଖାନ ଏକ ନିରପେକ୍ଷ କାର୍ଯ୍ୟ ନୁହେଁ ବୋଲି ସୂଚିତ କରେ। କମିଶନ ପୂର୍ବରୁ ସମସ୍ତ କର୍ମଚାରୀଙ୍କୁ ପାଇ ମଧ୍ୟ ପ୍ରଭାବଶାଳୀ ହୋଇନାହିଁ। ଯଦି ଏହି ନୂତନ ଟିମ୍ ପଡ଼ି ରହିଥିବା କାର୍ଯ୍ୟ ଶେଷ କରିବାକୁ ପ୍ରାଥମିକତା ନ ଦିଏ ଏବଂ ସିଆଇସିର ସ୍ୱାଧୀନତାକୁ ପୁନଃପ୍ରତିଷ୍ଠିତ ନ କରେ, ତେବେ ଆଖିଦୃଶିଆ ପରିବର୍ତ୍ତନ ହେବାର ଆଶଙ୍କା ରହିଛି। ତେଣୁ ପ୍ରକୃତ ପରୀକ୍ଷା ହେଉଛି ଏହା କିପରି ଓ କେବେ ଆକ୍ରମଣାତ୍ମକ କିମ୍ବା ରକ୍ଷାତ୍ମକ ରୂପେ କାମ ଆରମ୍ଭ କରିବ।

### ବଦଳି ସଂସ୍କୃତି

ନିକଟରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ଅଧିକାରୀଙ୍କ ବଦଳି ସମ୍ପର୍କରେ ଦେଇଥିବା ନିର୍ଦ୍ଦେଶ ସିଭିଲ ସର୍ଭିସର ଶାସନ ଏବଂ ନିରୀକ୍ଷଣ ଉପରେ ପ୍ରଶ୍ନ ଉଠାଇଛି। ସିଭିଲ ସର୍ଭିସେସ୍ ବୋର୍ଡ କିପରି ନିଯୁକ୍ତିକୁ ପରିଚାଳନା କରୁଛି ସେ ବିଷୟରେ ବାର୍ଷିକ ରିପୋର୍ଟ ଦାବି କରି କେନ୍ଦ୍ର ରାଜ୍ୟଗୁଡ଼ିକୁ କହିଛି ଯେ, ବଦଳି କାର୍ଯ୍ୟ କେବଳ ତୁମର ନୁହେଁ, ଆମର ମଧ୍ୟ। ଔପଚାରିକ ଭାବେ କାର୍ଯ୍ୟକାଳ ସ୍ଥିର କରିବା, ସାଂସ୍ଥାଗତ ତଦାରଖ, ଅପ୍ରତ୍ୟାଶିତ ବଦଳି କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ପାଳନ କରାଯାଏ। ଏହା ଯୁକ୍ତିଯୁକ୍ତ। କିନ୍ତୁ ଶାସନରେ ସମସ୍ତେ ଜାଣନ୍ତି ଯେ ନିୟମଗୁଡ଼ିକୁ ଅଣଦେଖା କରିବା ଏକ ନିୟମିତ କାର୍ଯ୍ୟ ହୋଇଯାଇଛି। ଅନେକ ରାଜ୍ୟରେ ସିଭିଲ ସର୍ଭିସେସ୍ ବୋର୍ଡଗୁଡ଼ିକ ଉପରେ ପ୍ରାୟତଃ ଚାପ ପକାଯାଏ, ସୁବିଧା ପାଇଁ ସପକ୍ଷକୁ ନିଆଯାଏ ଏବଂ ରାଜନୈତିକ ପ୍ରାଥମିକତାରେ ହସ୍ତକ୍ଷେପ କରିବାକୁ ଅନୁମତି ଦିଆଯାଏ ନାହିଁ। ସେହି ଦୃଷ୍ଟିକୋଣରୁ ଦେଖିଲେ, କେନ୍ଦ୍ରର ନିର୍ଦ୍ଦେଶ କମ୍ ସଂସ୍କାରବାଦୀ ଏବଂ ବେଶି ସଂଶୋଧନମୂଳକ। ନିରନ୍ତର ଅଦଳବଦଳ ଯୋଗୁ ପ୍ରକଳ୍ପଗୁଡ଼ିକ ଅଟକି ରହେ, ଫାଇଲଗୁଡ଼ିକ ପୁଣି ଆରମ୍ଭ କରାଯାଏ, ଉତ୍ତରଦାୟିତ୍ୱ ରହେ ନାହିଁ ଏବଂ ଯେତେବେଳେ ଫଳାଫଳ ନିରାଶାଜନକ ହୁଏ ସେତେବେଳେ କେନ୍ଦ୍ର ଉପରେ ଅଙ୍ଗୁଳି ଉଠିଥାଏ। ଅନୁମାନ କରାଯାଉଛି, କେନ୍ଦ୍ରର ନିର୍ଦ୍ଦେଶକୁ ରାଜ୍ୟଗୁଡ଼ିକ ବିରୋଧ କରିବେ। ବଦଳିଗୁଡ଼ିକ ସର୍ବଦା ରାଜ୍ୟର ଏକ ମୁଖ୍ୟ ବିଷୟ ହୋଇଆସିଛି। ଦିଲ୍ଲୀ ଅଧିକ ପର୍ଯ୍ୟବେକ୍ଷଣ କରୁଛି କି ନାହିଁ ତାହା ପ୍ରକୃତ ପ୍ରଶ୍ନ ନୁହେଁ ବରଂ ରାଜ୍ୟଗୁଡ଼ିକ ଅଭିଯୋଗ କରିବାର ଅଧିକାର ପାଇଛନ୍ତି କି ନାହିଁ ତାହା ଦେଖିବା କଥା। ଯେପର୍ଯ୍ୟନ୍ତ ଏହି କାର୍ଯ୍ୟଧାରା ଶେଷ ନ ହୋଇଛି ଏହା କେନ୍ଦ୍ରୀୟ ତଦାରଖର ବିଷୟ ହୋଇ ରହିବ ଏବଂ ବାବୁଙ୍କ ବଦଳି ସଂସ୍କୃତି ବଞ୍ଚି ରହିବ।

Email: dilipcherian@gmail.com

# ୨୦୨୬ର ଚିନ୍ତା



ସୌଭାଗ୍ୟ ସୁନ୍ଦରରାୟ

୨୦୨୬ ଦେଶର ରାଜନୈତିକ ଦଳ ଓ ସରକାର ପାଇଁ ବ୍ୟସ୍ତବହୁଳ ହେବା ଅବଶ୍ୟମ୍ଭାବୀ। ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଆଲୋଚ୍ୟ ବର୍ଷରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗରେ ଶାସନ କ୍ଷମତା ଗତ ୧୦ବର୍ଷ ଧରି ତୃଣମୂଳ କଂଗ୍ରେସ ନିକଟରେ ରହିଛି। ତାମିଲନାଡୁର ଶାସନ କ୍ଷମତାରେ ଅଛି ଡିଏମ୍‌କେ। କେରଳରେ ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ମେଣ୍ଟ ଶାସନରେ ରହିଛି। ପୁଡୁଚେରୀରେ ମେଣ୍ଟ ସରକାରରେ ଭାରତୀୟ ଜନତା ପାର୍ଟି(ଭାଜପା)ସାମିଲ ହୋଇଛି। ଦେଖିବାକୁ ଗଲେ ୨୦୨୬ରେ ଯେଉଁ ସମସ୍ତ ରାଜ୍ୟରେ ନିର୍ବାଚନ ହେବ ସେଥିମଧ୍ୟରୁ ୩ଟି ରାଜ୍ୟରେ ଅଣ-ଭାଜପା ଦଳ ଶାସନ କ୍ଷମତାରେ ରହିଛି। କେବଳ ଆସାମରେ ଭାଜପା ସରକାର ରହିଛି। ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ସଫଳତା ପାଇବା ପରେ ଭାଜପାର ମନୋବଳ ବୃଦ୍ଧି ପାଇଛି। ଏବେ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଚାଲିଛି। ଫେବୃୟାରୀରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ତାରିଖ ଘୋଷଣା ହେବା ସମ୍ଭାବନା ରହିଛି। ଗତ ପଶ୍ଚିମବଙ୍ଗ ନିର୍ବାଚନ ସମୟରେ 'ଇସ୍ ବାର୍ ୨୦୦ ପାର୍' ସ୍ଲୋଗାନ ଭାଜପା ଦେଇ ସଫଳ ହୋଇପାରି ନଥିଲା। ପଶ୍ଚିମବଙ୍ଗରେ ନାରୀ ନିର୍ଯାତନା, ଅନୁପ୍ରବେଶ ଓ ଦୁର୍ନୀତିକୁ ଭାଜପା ଆସନ୍ତା ନିର୍ବାଚନରେ ପ୍ରସଙ୍ଗ କରିପାରେ। ଏହି ସମସ୍ତ ରାଜ୍ୟରେ ରାଜନୈତିକ ଦଳଗୁଡ଼ିକ ମେଣ୍ଟ କରିବା ନିଶ୍ଚିତ। ଏଣୁ ୨୦୨୬ର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ପରଠାରୁ ରାଜନୈତିକ ଦଳଗୁଡ଼ିକ ମେଣ୍ଟ ଓ ନିର୍ବାଚନୀ ରଣନୀତି କରିବାରେ ଚଳଚଞ୍ଚଳ ରହିବେ। ୩ ଅଣ-ଭାଜପା ଶାସିତ ରାଜ୍ୟ ଦଖଲ କରିବାକୁ ଭାଜପା ସମସ୍ତ ପ୍ରକାର ବଳ, କୌଶଳ ଲଗାଇବାର ସମ୍ଭାବନା ରହିଛି।

'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଆସନ୍ତା ବର୍ଷର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ। ୧୨୯ତମ ସମ୍ବିଧାନସଂଶୋଧନଭାବେପରିଗଣିତ ୨୦୨୪ରେ ଆଗତ ଏହି ବିଲ୍ ଏବେ ସଂସଦୀୟ ସିଲେକ୍ଟ କମିଟି ନିକଟରେ ରହିଛି। ଏହାର କାର୍ଯ୍ୟକାଳ ଇତିମଧ୍ୟରେ ବୃଦ୍ଧି କରାଯାଇଛି। ଆଗାମୀ ବଜେଟ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନରେ କମିଟି ରିପୋର୍ଟ ଉପସ୍ଥାପିତ କରିବେ। କମିଟି ଇତିମଧ୍ୟରେ ଅନେକ ଆଇନ ବିଶାରଦଙ୍କ ମତାମତ ଗ୍ରହଣ କରିଛନ୍ତି। ତେବେ ନିର୍ବାଚନ କମିଶନଙ୍କୁ ବିଲ୍‌ରେ ଯେଉଁ କ୍ଷମତା ପ୍ରଦାନ କରାଯାଇଛି ତାହା ଉପରେ ପ୍ରଶ୍ନ ଉଠିଛି ସଂସଦର ବଜେଟ ଅଧିବେଶନ ସମୟରେ ବିଲ୍ ଆଗତ ହେବାର ସମ୍ଭାବନା କମ୍। ମୌସୁମୀ ଅଧିବେଶନ ସମୟରେ ବିଲ୍ ଆଗତ ହେବା ଆଶା



କରାଯାଉଛି। ସେତେବେଳକୁ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ଶେଷ ହୋଇସାରିଥିବ। ସିଲେକ୍ଟ କମିଟି ରିପୋର୍ଟ ପରେ ନୂଆ ବିଲ୍‌ର ଢାଞ୍ଚା କ'ଣ ରହିବ ତାହା ଆସନ୍ତାବର୍ଷ ଜଣାପଡ଼ିବ।

ସେହିପରି ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୨୫ ମସିହା ମୌସୁମୀ ଅଧିବେଶନ ସମୟରେ ପାର୍ଲାମେଣ୍ଟରେ ଆଗତ ହୋଇଥିଲେ ମଧ୍ୟ କଡ଼ା ବିରୋଧ ଯୋଗୁ ଏହାର ଅଧିକ ତର୍ଜମା ନିମନ୍ତେ ବିଲ୍‌କୁ ସଂସଦୀୟ ଯୁଗ୍ମ କମିଟିକୁ ପଠାଯାଇଛି। ଏହି କମିଟିରେ ବିଭିନ୍ନ ଦଳରୁ ୨୧ ଜଣ ଲୋକ ସଭା ସଦସ୍ୟ ଓ ୧୦ ଜଣ ରାଜ୍ୟ ସଭା ସଦସ୍ୟ ଅଛନ୍ତି। ଶୀତ ଅଧିବେଶନ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ କମିଟିକୁ କୁହାଯାଇଥିଲା। କିନ୍ତୁ ତାହା ହୋଇପାରି ନାହିଁ। ଏହି ରିପୋର୍ଟ ମଧ୍ୟ ୨୦୨୬ରେ ସଂସଦରେ ଆଗତ ହେବା ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀ ଗୁରୁତର ଅପରାଧ ମାମଲାରେ ଜଡ଼ିତ ଥାଇ ଗିରଫ ହୋଇ ୩୦ ଦିନ ଜେଲରେ ରହିଲେ ତାଙ୍କୁ ପଦରୁ ବହିଷ୍କାର କରାଯିବା ବ୍ୟବସ୍ଥା ଏହି ବିଲ୍‌ରେ ରହିଛି। ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀଙ୍କୁ ବହିଷ୍କାର କରିବାର କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ ଥିବାବେଳେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରୀଙ୍କ ବହିଷ୍କାର କରିବାର କ୍ଷମତା ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ କରାଯାଇଛି। କେନ୍ଦ୍ର ଶାସିତ ଅଞ୍ଚଳର ମନ୍ତ୍ରୀଙ୍କୁ ଉପ-ରାଜ୍ୟପାଳ ବହିଷ୍କାର କରିପାରିବେ।

୨୦୨୬ରେ ଆରମ୍ଭ ହେବ ଜନଗଣନା। ଭାରତୀୟ ଜନଗଣନା ଆଇନ-୧୯୪୮ ଓ ନିୟମାବଳୀ-୧୯୯୦ ଅନୁଯାୟୀ ଏହା ହେବ। ସ୍ୱାଧୀନତା ପରେ ଏହା ଦେଶର ୮ମ ଜନଗଣନା। ପ୍ରଥମ ଥର ପାଇଁ ସାଧାରଣ ଜନଗଣନାରେ ଜାତିଭିତ୍ତିକ ଗଣନା ସାମିଲ କରାଯାଇଛି ଏବଂ ଏହା ସମ୍ପୂର୍ଣ୍ଣ ଡିଜିଟାଲ ବ୍ୟବସ୍ଥାରେ ହେବ। ଶେଷ ଜାତିଭିତ୍ତିକ ଜନଗଣନା ୧୯୩୧ ମସିହାରେ କରାଯାଇଥିଲା। ଭାରତୀୟ ଜନଗଣନା ପାଇଁ କ୍ଷେତ୍ରସ୍ତରରେ ୩୦ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ବ୍ୟୟବରାଦ ରହିଛି ୧୧,୭୧୮ କୋଟି ଟଙ୍କା। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଗୃହ ଗଣନା ଓ ଚିହ୍ନଟ କାର୍ଯ୍ୟ କରାଯିବ। ପ୍ରାୟ ୫୫୦ ଦିନ ଧରି ଏହି କାର୍ଯ୍ୟ ଚାଲିବ। ବିଭିନ୍ନ ବର୍ଗର ଜନସଂଖ୍ୟା, ଜାତି, ଅର୍ଥନୀତି, ଶିକ୍ଷା, ସାକ୍ଷରତା, ଭାଷା, ଜୀବନଶୈଳୀ ଆଦି ସମ୍ପର୍କରେ ତୃଣମୂଳ ସ୍ତରରୁ ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ କରାଯିବ, ଯାହା ପରବର୍ତ୍ତୀ ୧୦ ବର୍ଷ ପାଇଁ ଦେଶର ନୀତି ନିର୍ଦ୍ଧାରକଙ୍କ ପାଇଁ ଏକ ଦସ୍ତାବିଜ୍ ହେବ। ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଏହି କାର୍ଯ୍ୟ ସମାପ୍ତ ଅବଧି ୨୦୨୬ ଅକ୍ଟୋବର ୧ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ଦେଶର ଅନ୍ୟାନ୍ୟ ରାଜ୍ୟ ପାଇଁ ୨୦୨୭ ମାର୍ଚ୍ଚ ୧ ତାରିଖ ଧାର୍ଯ୍ୟ କରାଯାଇଛି। ୨୦୧୧ରେ ଦେଶର ଶେଷ ଜନଗଣନା ହୋଇଥିଲା। ନିୟମ ଅନୁଯାୟୀ ୨୦୨୧ ରେ ଏହା ହୋଇଥାନ୍ତା। କିନ୍ତୁ କୋଭିଡ ସଂକ୍ରମଣ ଯୋଗୁ ଜନଗଣନା ପ୍ରାୟ ୬ ବର୍ଷ ବିଳମ୍ବିତ ହୋଇଛି। ଫଳରେ ସରକାରୀ ଯୋଜନା ୨୦୧୧ ଜନସଂଖ୍ୟା ଭିତ୍ତିରେ ଚାଲିଛି। ଚଳିତ ଜନଗଣନା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ଲୋକସଂଖ୍ୟା ଭିତ୍ତିରେ ଲୋକ ସଭା ଓ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ଏବଂ ସଂସଦ ପାଇଁ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବାର ସମ୍ଭାବନା ରହିଛି। ମହିଳା ସଂରକ୍ଷଣ ବିଲ୍ ବା ନାରୀ ଶକ୍ତି ବନ୍ଦନ ଅଧିନିୟମ ୧୨୮ତମ ସମ୍ବିଧାନ ସଂଶୋଧନ ଭାବେ ଦଳମତ ନିର୍ବିଶେଷରେ ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା।

୨୦୨୬ ବଜେଟରେ ୮ମ ବେତନ କମିଶନ ରିପୋର୍ଟ ପାଇଁ ସରକାରଙ୍କୁ ଆଂଶିକ ବ୍ୟୟ ବରାଦ କରିବାକୁ ପଡ଼ିବ। ୨୦୨୫ ଜାନୁଆରୀରେ ବେତନ କମିଶନ ଗଠନ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଅକ୍ଟୋବରରେ ୩ ଜଣିଆ କମିଶନ ଗଠନ କରାଯାଇ ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ୧୮ ମାସ ସମୟ ଦିଆଯାଇଛି। ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ପ୍ରଦାନ ପାଇଁ ମଧ୍ୟ କମିଶନଙ୍କୁ କୁହାଯାଇଛି। ପୂର୍ବ ଧାରାକୁ ଯଦି ଦେଖାଯାଏ ବେତନ କମିଶନ ରିପୋର୍ଟ ୨୦୨୬ ଜାନୁଆରୀରୁ ଲାଗୁ ହେବା କଥା। କିନ୍ତୁ ଏ ବାବଦରେ ସରକାରୀ ଭାବେ ଅଦ୍ୟାବଧି କିଛି କୁହାଯାଇ ନାହିଁ।

ନ୍ୟାଶନାଲ ଜୁଡ଼ିସିଆଲ ଆପଏଣ୍ଟମେଣ୍ଟ କମିଶନ (ଏନ୍‌ଜେଏସି) ବିଷୟ ମଧ୍ୟ ୨୦୨୬ରେ ସୁପ୍ରିମକୋର୍ଟରେ ଉଠିବାର ସମ୍ଭାବନା ରହିଛି। ନୂତନ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ନଭେମ୍ବର ୨୬ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଥିନେଇ ସଙ୍କେତ ଦେଇଛନ୍ତି। ବର୍ତ୍ତମାନ ହାଇକୋର୍ଟ, ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି ଓ ବଦଳି ଆଦି ନ୍ୟାୟପାଳିକାର ପ୍ରଶାସନିକ କାର୍ଯ୍ୟ ସୁପ୍ରିମକୋର୍ଟ ବିଚାରପତିଙ୍କୁ ନେଇ ଗଠିତ ଏକ କଲେଜିୟମ ଦ୍ୱାରା କରାଯାଉଛି। ଏହି ଢାଞ୍ଚାର ସଂସ୍କାର ପାଇଁ ୯୯ତମ ସମ୍ବିଧାନ ସଂଶୋଧନ କରି ସରକାର ୨୦୧୪ରେ ଏନ୍‌ଜେଏସି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିଥିଲେ। ବିଚାରପତି ନିଯୁକ୍ତି ଓ ବଦଳିରେ ସରକାରଙ୍କ ଅଂଶୀଦାରକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତେବେ ୨୦୧୫ରେ ଅଦାଲତ ଏହି ସମ୍ବିଧାନ ସଂଶୋଧନକୁ ରଦ୍ଦ କରିଥିଲେ। ବର୍ତ୍ତମାନର ପ୍ରଧାନ ବିଚାରପତି ଏନଜେଏସି ମାମଲାର ଶୁଣାଣିକୁ ୨୦୨୬ରେ ଅଗ୍ରାଧିକାର ଦେବାର ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଦୃଷ୍ଟିକୋଣରୁ ୨୦୨୬ ଦେଶ ପାଇଁ ଘନଘଟାପୂର୍ଣ୍ଣ ହେବାର ସମ୍ଭାବନା ରହିଛି।

ମୋ: ୯୪୩୭୨୨୯୨୩୩୦

# ସ୍ୱାସ୍ଥ୍ୟ ଓ ଜୀବନଶୈଳୀ



ଡ. କମଳାକାନ୍ତ ଜେନା

ପିଲାବେଳର ପାଠ କିଛି ମନେ ଥାଉ କି ନ ଥାଉ, ଏଇ ପଦଟି ସମସ୍ତଙ୍କର ମନେଥିବ – 'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ'। ତା' ସହିତ ଆଉ ଗୋଟିଏ କଥା ବି ମନେଥିବ – 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ତେଣୁ ପିଲାବେଳୁ ପାଠ ସହିତ ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତ୍ୱ ଦେବା ପାଇଁ ଗୁରୁଜୀ ଶିକ୍ଷା ଦିଅନ୍ତି। ସ୍ୱାସ୍ଥ୍ୟ ହେଉଛି ସମ୍ପୂର୍ଣ୍ଣ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାର ଏକ ଅବସ୍ଥା ଏବଂ କେବଳ ରୋଗ କିମ୍ବା ଦୁର୍ବଳତାର ଅନୁପସ୍ଥିତି ନୁହେଁ। ପ୍ରକୃତ ସ୍ୱାସ୍ଥ୍ୟ କେବଳ ରୋଗମୁକ୍ତ ହେବା ବ୍ୟତୀତ ଅନ୍ୟ କିଛି ନୁହେଁ – ଏଥିରେ ଜୀବନର ସମସ୍ତ ଦିଗରେ ସାମଗ୍ରିକ ସୁସ୍ଥତା ଅନ୍ତର୍ଭୁକ୍ତ। ଏହି ପରିଭାଷା ୧୯୪୮ ମସିହାରେ ଗ୍ରହଣ କରାଯାଇଥିଲା। ଆଧୁନିକ ବିଶ୍ୱରେ, ସ୍ୱାସ୍ଥ୍ୟକୁ ଆଉ କେବଳ ରୋଗର ଅନୁପସ୍ଥିତି ଭାବରେ ଦେଖାଯାଉନାହିଁ; ଏହାକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାର ଏକ ଅବସ୍ଥା ଭାବରେ ବୁଝାଯାଉଛି। ମାନବ ସ୍ୱାସ୍ଥ୍ୟର ଭବିଷ୍ୟତ କେବଳ ଉନ୍ନତ ଚିକିତ୍ସା ପଦ୍ଧତି ଉପରେ ନିର୍ଭର କରୁନାହିଁ, ବରଂ ଶାନ୍ତି ଏବଂ ସମନ୍ୱୟ, ସୁଗମ ଚିକିତ୍ସା ସୁବିଧା, ଉପଯୁକ୍ତ ପୁଷ୍ଟି ଏବଂ ଏକ ସକ୍ରିୟ ଶାରୀରିକ ପରିଶ୍ରମ ଉପରେ ନିର୍ଭର କରେ। ଏହା ସୁସ୍ଥ ଏବଂ ସନ୍ତୁଳିତ ସମାଜ ଗଠନରେ ସହାୟକ ହେବ।

ଶାନ୍ତି ଏବଂ ସମନ୍ୱୟ ହେଉଛି ସୁସ୍ଥ ଜୀବନଯାପନର ମୂଳଦୁଆ, ଯାହା ଉତ୍ତମ ସ୍ୱାସ୍ଥ୍ୟର ମାନସିକ ଭିତ୍ତିଭୂମି ଗଠନ କରେ। ଚାପଗ୍ରସ୍ତ ଜୀବନ, ଚିନ୍ତା ଏବଂ ସଂଘର୍ଷ ହେଉଛି ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ହୃଦ୍‌ରୋଗ ଭଳି ଜୀବନଶୈଳୀ ସମ୍ବନ୍ଧୀୟ ରୋଗର ପ୍ରତ୍ୟକ୍ଷ କାରଣ। ଶାନ୍ତିପୂର୍ଣ୍ଣ ପରିବେଶ ମାନସିକ ସ୍ଥିରତା, ଭଲ ନିଦ ଏବଂ ଭାବପ୍ରବଣ ସନ୍ତୁଳନକୁ ପ୍ରୋତ୍ସାହିତ କରେ। ଆମେ ଯେତେବେଳେ ପରିବାର, ସମାଜ ଏବଂ ପ୍ରକୃତି ସହିତ ସମନ୍ୱୟରେ ରହୁ, ଆମର ଚାପ ସ୍ତର ହ୍ରାସ ପାଏ। ନୈତିକ ଜୀବନଶୈଳୀ, ସାମାଜିକ ସହଯୋଗ ଏବଂ ପରିବେଶଗତ ଦାୟିତ୍ୱ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସମ୍ପ୍ରଦାୟ ସୃଷ୍ଟି କରିପାରିଲେ ନୂଆ ନୂଆ ଔଷଧ ଦେଖିବା ଦରକାର ପଡ଼ିବ ନାହିଁ।

ସମ୍ପ୍ରତି ଚିକିତ୍ସା-ପ୍ରଯୁକ୍ତିବିଦ୍ୟାର ଉନ୍ନତି ଓ ଚିକିତ୍ସା କ୍ଷେତ୍ରରେ ଲୋକଙ୍କୁ ମିଳୁଥିବା ସୁବିଧା ସ୍ୱାସ୍ଥ୍ୟସେବା ଶୈଳୀରେ ବିପ୍ଳବ ଆଣିଛି। କୃତ୍ରିମ ବୁଦ୍ଧିମତ୍ତା, ଟେଲିମେଡିସିନ୍, ରୋବୋ ଦ୍ୱାରା ସର୍ଜରୀ ଏବଂ ଔଷଧ ବିଦ୍ୟାର ବିକାଶ ଫଳରେ ବ୍ୟକ୍ତିଗତ ଚିକିତ୍ସା ପ୍ରଦାନ ପଦ୍ଧତିରେ ପରିବର୍ତ୍ତନ ଆରମ୍ଭ ହୋଇଛି। ଏବେ ଧୀରେ ଧୀରେ ଡିଜିଟାଲ୍ ସ୍ୱାସ୍ଥ୍ୟସେବା ପ୍ଲାଟ୍‌ଫର୍ମ ମାଧ୍ୟମରେ ଗ୍ରାମୀଣ



ଏବଂ ଦୁର୍ଗମ ଅଞ୍ଚଳକୁ ସଂଯୋଗ କରାଯାଉଛି। ସ୍ୱାସ୍ଥ୍ୟସେବାର ପ୍ରକୃତ ଭବିଷ୍ୟତ କେବଳ ଆଧୁନିକୀକରଣରେ ସୀମିତ ରହିବ ନାହିଁ, ବରଂ ସମାଜର ସମସ୍ତ ବର୍ଗ ପାଇଁ ଗୁଣାତ୍ମକ ଚିକିତ୍ସା ସୁବିଧା ଉପଲବ୍ଧ ଏବଂ ସୁଲଭ କରିବ।

ଦୀର୍ଘକାଳୀନ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଖାଦ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ ଉତ୍କୃଷ୍ଟ ଖାଦ୍ୟ ଏବଂ ପୁଷ୍ଟିସାର ଉପରେ ଗୁରୁତ୍ୱ ଦିଆଯାଉଛି। ଭବିଷ୍ୟତରେ, ପୁଷ୍ଟିସାରକୁ କେବଳ କ୍ଷୁଧା ମେଣ୍ଟାଇବା ପାଇଁ ନୁହେଁ ବରଂ ରୋଗ ନିବାରଣର ଏକ ଶକ୍ତିଶାଳୀ ଉପକରଣ ଭାବରେ ଗ୍ରହଣ କରାଯିବ। ଫଳ, ପନିପରିବା, ଶସ୍ୟ, ପୁଷ୍ଟିସାର ଏବଂ ସୁସ୍ଥ ଚର୍ବିରେ ଭରପୂର ସନ୍ତୁଳିତ ଖାଦ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ କରିବା ସହ ଦୀର୍ଘସ୍ଥାୟୀ ରୋଗକୁ ବିରୋଧ କରେ। ପୁଷ୍ଟିକର ଖାଦ୍ୟର ଉପସ୍ଥିତି, ଜୈବିକ କୃଷି ଏବଂ ସ୍ଥାୟୀ ଖାଦ୍ୟ ଅଭ୍ୟାସ ବିଷୟରେ ସଚେତନତା ଏକ ସୁସ୍ଥ ସମାଜ ଗଠନ କରିବ।

ସୁସ୍ଥ ଓ ବିଜ୍ଞାନସମ୍ମତ ଖାଦ୍ୟ ଅଭ୍ୟାସ ସାଙ୍ଗକୁ ଶାରୀରିକ ବ୍ୟାୟାମ ଜରୁରୀ ଏବଂ ସକ୍ରିୟ ଜୀବନଶୈଳୀର ଗୁରୁତର ଭୂମିକା ରହିଛି। ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ ନିୟମିତ ଶାରୀରିକ ପରିଶ୍ରମ ଜରୁରୀ। ବ୍ୟାୟାମ ଶରୀରରେ ଶକ୍ତି ଉତ୍ପାଦନ ପ୍ରକ୍ରିୟା ବୃଦ୍ଧି କରେ ଏବଂ ମାନସିକ ଚାପ ହ୍ରାସ କରେ। ଚାଲିବା, ଧ୍ୟାନ-ଯୋଗ, ସାଇକେଲ ଚାଳନା ଏବଂ ଖେଳକୁଦ ଶରୀରକୁ ସୁସ୍ଥ ରଖିବା ସହିତ ଏକାଗ୍ରତା ବଢ଼ାଏ। ଭବିଷ୍ୟତରେ ଆମେ କମ୍ କାମ କରିବା, କାରଣ ଯନ୍ତ୍ରପାତି ଆମ ପାଇଁ ସବୁ ସୁବିଧା କରିଦେବ। ପ୍ରଯୁକ୍ତିବିଦ୍ୟା ଆମର ଶାରୀରିକ ଗତିବିଧିକୁ ହ୍ରାସ କରିବ। ତେଣୁ ଆମ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିପାଇବ। ଏସବୁ ସମସ୍ୟାକୁ ରୋକିବା ପାଇଁ ସକ୍ରିୟ ଜୀବନଶୈଳୀ ଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ।

ଆମେ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଏବଂ ସାମାଜିକ ସ୍ୱାସ୍ଥ୍ୟ ବିଷୟରେ ସଚେତନ ହେବା। ସ୍ୱାସ୍ଥ୍ୟର ଭବିଷ୍ୟତ ଜୀବନର ଶାରୀରିକ, ମାନସିକ ଏବଂ ସାମାଜିକ ଦିଗଗୁଡ଼ିକର ଏକୀକରଣରେ ନିହିତ। ପିଲାଙ୍କ ଶିକ୍ଷା ବ୍ୟବସ୍ଥାରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ସ୍ୱାସ୍ଥ୍ୟ ସଚେତନତା, ଚାପ ପରିଚାଳନା ଏବଂ ଜୀବନଶୈଳୀ ତାଲିମ ଅନ୍ତର୍ଭୁକ୍ତ ହେବା ଉଚିତ। କର୍ମକ୍ଷେତ୍ରଗୁଡ଼ିକ ଉତ୍ପାଦକତାକୁ ଉନ୍ନତ କରିବା ପାଇଁ କାର୍ଯ୍ୟ-ଜୀବନ ସନ୍ତୁଳନକୁ ପ୍ରୋତ୍ସାହିତ କରିବା ଉଚିତ। ନିଷ୍କର୍ଷରେ ଏତିକି କହିପାରିବା ଯେ, ସ୍ୱାସ୍ଥ୍ୟର ଭବିଷ୍ୟତ କେବଳ ଚିକିତ୍ସା ବିଜ୍ଞାନ ଉପରେ ନିର୍ଭର କରେ ନାହିଁ, ବରଂ ଶାନ୍ତ, ସମନ୍ୱୟ, ଆଧୁନିକ ଚିକିତ୍ସା ସୁବିଧା, ସୁଷମ ଖାଦ୍ୟପେୟ, ନିୟମିତ ବ୍ୟାୟାମ ଏବଂ ସକାରାତ୍ମକ ସାମାଜିକ ପରିବେଶ ଉପରେ ନିର୍ଭର କରେ।

ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଭଦ୍ରକ
ମୋ:୯୪୩୯୫୦୧୬୫୧

## ଏଇ ଭାରତରେ

ପୁରୁଷପ୍ରଧାନ ବୃତ୍ତିରେ ମହିଳା ଦକ୍ଷତାର ସହ କାର୍ଯ୍ୟ କରିବା ସେମାନଙ୍କ ଇଚ୍ଛାଶକ୍ତି ଓ ସାହସିକତାର ପରିଚୟ ଦେଇଥାଏ, ଯାହା ଦେଖିବାକୁ ମିଳିଛି କେରଳର ରେଖା କାର୍ତ୍ତିକେୟନଙ୍କ ଜୀବନରେ। ସେ ମହିଳା ଗଭୀର ସମୁଦ୍ରରେ ମାଛ ଧରୁଛନ୍ତି। ସବୁ ସାମାଜିକ କଟକଣାକୁ ପଛକରି ସେ ଜଣେ ଫିଶର ଓମ୍ୟାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ପୁରୁଷଙ୍କ ଭଳି ମାଛ ଧରିବାରେ ସମସ୍ତ କୌଶଳ ସେ ହାସଲ କରିପାରିଛନ୍ତି। ବିନା କମ୍ପାସ ଓ ଜିପିଏସ୍‌ରେ ରେଖା ମାଛ ଧରିବାକୁ ଗଭୀର ସମୁଦ୍ରକୁ ଯାଇଥାନ୍ତି। କେବଳ ଏତିକି ନୁହେଁ ଗଭୀର ସମୁଦ୍ରରେ ମାଛଧରା ଲାଇସେନ୍ସ ପାଇବାରେ ରେଖା ହେଉଛନ୍ତି ଭାରତରେ ପ୍ରଥମ ମହିଳା। ଏହି କାର୍ଯ୍ୟ କରିବା ସକାଶେ ତାଙ୍କ ସ୍ୱାମୀ କାର୍ତ୍ତିକେୟନ ତାଙ୍କୁ ପ୍ରେରିତ କରିଥିଲେ। ରେଖା ଏହି ବୃତ୍ତିରେ ପ୍ରବେଶ କରିବା ପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ବଦଳିଯାଇଛି। ସେଣ୍ଟ୍ରାଲ ମେରାଇନ ଫିଶରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ରେଖାଙ୍କ ଜୀବନ ଜୀବିକା ଉପରେ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିବା ସହ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିଆସୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୭ ଡିସେମ୍ବର ୧୯୭୬

- ସୁନାବେଡ଼ା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡର କର୍ମଚାରୀଙ୍କ ମଧ୍ୟରେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଅଧିକ ଦ୍ରୁତ ଓ ପ୍ରସାରିତ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ଦାନ ବ୍ୟବସ୍ଥା ଘୋଷଣା।
- ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ୟାମାଚରଣ ଶୁକ୍ଳ ଅକଲତାରାଠାରେ ସ୍ଥାପନ କରାଯାଇଥିବା ଏକ ସିମେଣ୍ଟ କାରଖାନାର ଶିଳାନ୍ୟାସ କରିଛନ୍ତି।

## ଚିରନ୍ତନୀ

କେନାଲର ଦୁଇ କୂଳେ
ତାଳଗଛ ଧାଡ଼ି ମୂଳେ
ଫୁଲିଉଠେ ଗରବିତ ପାଣିରେ !
ଉଦ୍‌ଭିନ୍ନ ଯଉବନ ଠାଣିରେ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସୁରକ୍ଷିତ କୃଷି ପରିବହନ ଯାତ୍ରୀଙ୍କୁ ବିପଦରେ ପକାଉଛି

ମହାଶୟ,

ଅମଳ ଋତୁରେ ଆମର ସ୍ଥାନୀୟ ମୁଖ୍ୟ ରାସ୍ତାଗୁଡ଼ିକରେ ଏକ ବିପଦପୂର୍ଣ୍ଣ ଧାରା ଦେଖାଦେଇଛି। ଧାନ ଅମଳ ମେଶିନଗୁଡ଼ିକ ଜଳବନ୍ଦୀ କ୍ଷେତରୁ ସିଧାସଳଖ ମୁଖ୍ୟ ପିଚୁ ରାସ୍ତାରେ ଯାଉଥିବାବେଳେ ଅନେକ ସ୍ଥାନରେ ଖସି ପଡୁଥିବା କାଦୁଅର ଘନ ସ୍ତର ଜମା ହୋଇଯାଉଛି। ଏହି ଅଭ୍ୟାସ ଯୋଗୁ ଆମ ସାର୍ବଜନୀନ ରାଜପଥଗୁଡ଼ିରେ ଦୁର୍ଘଟଣା ଘଟୁଛି। ରାତିରେ ଏହି କାଦୁଅ ଗଦା ପ୍ରାୟ ଦେଖାଯାଉନାହିଁ, ଯାହା ଅପ୍ରତ୍ୟାଶିତ ବାଧା ସୃଷ୍ଟି କରୁଛି ଏବଂ ଦୁର୍ଘଟଣା ମାନ ଘଟିବା ସହ ଗାଡ଼ି ଖସି ଯିବା ଦେଖାଯାଉଛି। ଯଦିଓ ଯାନ୍ତ୍ରିକ ଅମଳର ଦକ୍ଷତା ଆମର କୃଷି ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ, ଏହା ଜନସାଧାରଣଙ୍କ ଅସୁରକ୍ଷାର କାରଣ ହେବା ଉଚିତ ନୁହେଁ। ଧାନ ଅମଳ ମେଶିନଗୁଡ଼ିକୁ ଦୀର୍ଘ ଦୂରତା ପର୍ଯ୍ୟନ୍ତ ସିଧାସଳଖ ରାସ୍ତାରେ ନ ଚଳାଇ ଟ୍ରାକ୍ଟର ମାଧ୍ୟମରେ ନେବା ଆବଶ୍ୟକ। ଏଥିପାଇଁ ଆମେ ସ୍ଥାନୀୟ ଟ୍ରାଫିକ କର୍ତ୍ତୃପକ୍ଷ ଏବଂ କୃଷି ବିଭାଗକୁ ଭାରି କୃଷି ଯନ୍ତ୍ରପାତି ଚଳାଚଳ ଉପରେ କଠୋର ନିୟମ ଲାଗୁ କରିବାକୁ ଅନୁରୋଧ କରୁଛୁ। ଯାତ୍ରୀମାନେ ମଧ୍ୟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ମତାମତ ପୋର୍ଟାଲ ମାଧ୍ୟମରେ ବିପଦପୂର୍ଣ୍ଣ ରାସ୍ତା ଅବସ୍ଥା ରିପୋର୍ଟ କରିବା ଆବଶ୍ୟକ।

-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | 1 | |
| 8 | 7 | 9 | | | | 3 | | 5 |
| | | | | | | | | 7 |
| | 2 | | | 1 | 4 | | | |
| | | 3 | | 5 | 2 | | 9 | |
| 6 | 5 | | | | | | 3 | |
| | 6 | | | | 1 | | 5 | 4 |
| 5 | | | | | 7 | | | |
| | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 1 | 6 | 9 | 2 | 7 |
| 9 | 5 | 2 | 7 | 8 | 4 | 6 | 3 | 1 |
| 1 | 7 | 6 | 2 | 9 | 3 | 8 | 5 | 4 |
| 5 | 1 | 3 | 4 | 6 | 9 | 7 | 8 | 2 |
| 4 | 2 | 9 | 3 | 7 | 8 | 5 | 1 | 6 |
| 6 | 8 | 7 | 1 | 2 | 5 | 3 | 4 | 9 |
| 3 | 6 | 5 | 9 | 4 | 1 | 2 | 7 | 8 |
| 2 | 4 | 8 | 6 | 5 | 7 | 1 | 9 | 3 |
| 7 | 9 | 1 | 8 | 3 | 2 | 4 | 6 | 5 |

ଗତକାଲିର ଉତ୍ତର

# ସୀମାପାର ଧାନ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ

**୪ ଜିଲ୍ଲାକୁ ଗଲା ଟୋକନ**

**ଭୁବନେଶ୍ୱର,୨୬।୧୨(ରବିନାରାୟଣ ଜେନା)**

ବାହାର ରାଜ୍ୟରୁ ଯେଭଳି ଧାନ ଆସି ଆମ ରାଜ୍ୟରେ ବିକ୍ରୟ ନ ହୁଏ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ଲାଗି ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ରାଜ୍ୟର ସୀମାନ୍ତ ଅଞ୍ଚଳରେ ଏହି ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶୁକ୍ରବାର ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଭଳି ଅନ୍ୟାନ୍ୟ ସୀମାନ୍ତ ଜିଲ୍ଲାଗୁଡ଼ିକରେ ସ୍କ୍ୱାଡ୍ ସମେତ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ମୁତୟନ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗୀୟ ତଥ୍ୟ ଅନୁଯାୟୀ, ନୂଆପଡ଼ାରେ କ୍ୟାମେରା ଖଞ୍ଜିତ ଏନ୍‌ଫୋର୍ସମେଣ୍ଟ ଗାଡ଼ିଗୁଡ଼ିକ ଖଡ଼ିଆଳ ରୋଡ୍ ଏବଂ ସିନାପାଲିଠାରେ ମୁତୟନ ରହି ବାହାର ରାଜ୍ୟ ଧାନଗାଡ଼ି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ପଡ଼ୋଶୀ ଛତିଶଗଡ଼ରୁ ଓଡ଼ିଶା କିମ୍ବା ଆମ ରାଜ୍ୟରୁ ଛତିଶଗଡ଼କୁ ଧାନ ନେଇ ଯାଉଥିବା ଗାଡ଼ି ଉପରେ ନଜର ରଖାଯାଉଛି। ସେହିଭଳି ସମ୍ପୃକ୍ତ ଥାନା ଆଇଆଇସିମାନେ ମଧ ଟିମ୍ ମୁତୟନ କରି ୨୪ ଘଣ୍ଟିଆ ନଜର ରଖୁଛନ୍ତି। କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡ଼ିକୁ ଜବତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଜିଲାର ଯୋଗାଣ ଅଧିକାରୀମାନେ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶରେ କୁହାଯାଇଛି।

ସେହିପରି ଟୋକନପ୍ରାପ୍ତ ଚାଷୀମାନେ ମଣ୍ଡିକୁ ଆସି ସେମାନଙ୍କ ଧାନ ବିକ୍ରୟ କରି ଯେଭଳି ଉତ୍ତମ ଅନୁଭୂତି ନେଇ ଫେରିବେ, ସେଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ୧୨ଟି ଜିଲାରେ ଧାନସଂଗ୍ରହ ଜାରି ରହିଥିବାବେଳେ ଆଉ ୪ଟି ଜିଲାରେ ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର, ନୟାଗଡ଼, ଗଜପତି ଓ କନ୍ଧମାଳର ଚାଷୀ ରହିଛନ୍ତି। ବାଲେଶ୍ୱର ଓ ନୟାଗଡ଼ରେ ଆସନ୍ତା ୨୯ ତାରିଖରେ ଧାନସଂଗ୍ରହ ଆରମ୍ଭ ହେବାକୁ ଥିବାବେଳେ ଗଜପତିରେ ୩୦ ତାରିଖରେ ଏବଂ କନ୍ଧମାଳରେ ୩୧ ତାରିଖରେ ଧାନସଂଗ୍ରହ ଆରମ୍ଭ କରାଯିବ। ବାଲେଶ୍ୱରରେ ୬୫ ହଜାର ୨୭୩ ଜଣ ଚାଷୀ, ନୟାଗଡ଼ ୨୮ ହଜାର ୭୨୩, ଗଜପତିରେ ୧୦ ହଜାର ୧୧୨ ଏବଂ କନ୍ଧମାଳ ଜିଲାରେ ୩,୧୭୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ଏହି ସବୁ ଜିଲାର ମଣ୍ଡିଗୁଡ଼ିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟ ଜଳ, ଶୌଚାଳୟ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବା ସହ ମଣ୍ଡି ମନିଟରିଂ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀମାନେ ଉପସ୍ଥିତ ରହି ଧାନସଂଗ୍ରହ ପ୍ରକ୍ରିୟାର ତଦାରଖ କରିବେ । ବର୍ତ୍ତମାନ ରାଜ୍ୟର ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନସଂଗ୍ରହ ଜାରି ରହିଛି। ଏହି ସବୁ ଜିଲାଗୁଡ଼ିକରୁ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ ୪୧ ହଜାର ୩୮୧ ଜଣ ଚାଷୀଙ୍କଠାରୁ ୬ ଲକ୍ଷ ୩୦ ହଜାର ୪୩୮ ମେଟ୍ରିକ ଟନ୍ ଧାନସଂଗ୍ରହ କରାଯାଇ ସାରିଲାଣି। ଏଥିସହ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବାବଦକୁ ୯୧୯ କୋଟି ୧୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଇନପୁଟ୍ ସହାୟତା ବାବଦକୁ ୨୮୩ କୋଟି ୬୧ ଲକ୍ଷ ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।





ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଶୁକ୍ରବାର ଅନୁଷ୍ଠିତ ଏକ ଉତ୍ସବରେ ଗଜପତି ଜିଲାର ୧୬ ବର୍ଷୀୟା ଜ୍ୟୋତ୍ସ୍ନା ଶବରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ କରୁଛନ୍ତି। **(ଫଟୋ: ଚମନ ଗୌତମ)**

# ଗଜପତି ଜିଲାର ଜ୍ୟୋତ୍ସ୍ନା ଶବରଙ୍କୁ ପୁରସ୍କୃତ କଲେ ରାଷ୍ଟ୍ରପତି

**'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ ଉତ୍ସବ**

**ପାରଳାଖେମୁଣ୍ଡି,୨୬।୧୨ (ଗିରିଧାରୀ ପରିଚ୍ଛା)**

ଗଜପତିଜିଲାର ଆଦିବାସୀ କନ୍ୟା ଜ୍ୟୋତ୍ସ୍ନା ଶବରଙ୍କୁ ଶୁକ୍ରବାର ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ପୁରସ୍କୃତ କରିଛନ୍ତି। ମାତ୍ର ୧୭ ବର୍ଷ ବୟସରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ସେ ରାୟଗଡ ବ୍ଲକ ମାର୍ଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମର କୀର୍ତ୍ତନ ଶବରଙ୍କ ଝିଅ। କୀର୍ତ୍ତନ ଜଣେ କୃଷି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଜ୍ୟୋତ୍ସ୍ନା ଭାରୋତ୍ତୋଳନରେ ଅସାଧାରଣ କୀର୍ତ୍ତି ସ୍ଥାପନ କରିଛନ୍ତି। କମ ବୟସରେ ୪୦ କେଜି ଭାରୋତ୍ତୋଳନ କରି ସେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜ୍ୟୋତ୍ସ୍ନା ବହୁ ପଦକ ହାସଲ କରି ନିଜ କ୍ରୀଡ଼ା ପ୍ରତିଭାର ପରିଚୟ ଦେଇଛନ୍ତି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରାଷ୍ଟ୍ରପତି ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଚଳିତ ବର୍ଷ ସାରା ଦେଶରୁ ୨୧ ଜଣ ପିଲା ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ଓଡ଼ିଶାରୁ ଜ୍ୟୋତ୍ସ୍ନା ଏକମାତ୍ର ବାଳିକା ଥିଲେ। ଗଜପତି ଜିଲାରୁ ଜ୍ୟୋତ୍ସ୍ନା ପ୍ରଥମ ବାଳିକା ଭାବେ ଏହି ସମ୍ମାନ ଲାଭ କରିଥିବା ଖବର ଜଣାପଡିବା ପରେ ଗଜପତି ଜିଲାରେ ଖୁସିର ଲହରି ଖେଳିଯାଇଛି। ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଜ୍ୟୋତ୍ସ୍ନାଙ୍କୁ ପ୍ରଶଂସା କରାଯାଇଛି।

ସୂଚନାଯୋଗ୍ୟ, ଜ୍ୟୋତ୍ସ୍ନା ୨୦୧୯ରୁ ନିୟମିତ ଭାବେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସରେ ରହି ଶିକ୍ଷାଲାଭ କରିବା ସହ କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନରେ ପ୍ରଶିକ୍ଷଣ ନେଉଥିଲେ।

# କ୍ରିକେଟ୍ ଖେଳିବାବେଳେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଟଳିପଡ଼ିଲେ

**ଟିଟିଲାଗଡ଼,୨୬।୧୨(ଶରତ ମିଶ୍ର)**

ଟିଟିଲାଗଡ଼ ଖେଳପଡିଆରେ ଶୁକ୍ରବାର କ୍ରିକେଟ୍ ଖେଳୁଥିବା ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଧୀନ ହାଇସ୍କୁଲପଡା ଅଞ୍ଚଳର ବାପି ଡେବିଟ୍। ଅପରାହ୍ନରେ ସେ କ୍ରିକେଟ୍ ଖେଳୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସାଲାଗି ତାଙ୍କୁ ଟିଟିଲାଗଡ଼ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ଚଳଚ୍ଚିତ୍ର କଟକ ୱେଡ୍ସ ସମ୍ବଲପୁର ନିର୍ମାଣ କରାଯାଇଥିଲା। ଏଥିସହ ସେ ଅନେକ କ୍ଷୁଦ୍ର ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି।

# ୪ ଦିନ ପରେ ବଢ଼ିବ ତାପମାତ୍ରା

**୪.୮ ଡିଗ୍ରୀ ସହ କୋରାପୁଟ ସବୁଠୁ ଥଣ୍ଡା**

**ଭୁବନେଶ୍ୱର,୨୬।୧୨(ବନ୍ଦନା ସେଠୀ)**

ରାଜ୍ୟରେ ଲଗାତର ଭାବେ ଥଣ୍ଡାର ପ୍ରକୋପ ଜାରି ରହିଛି। ଏହା ସାଙ୍ଗକୁ ବିଭିନ୍ନ ଜିଲାରେ ଘନ କୁହୁଡି ଯାତାୟାତରେ ସମସ୍ୟା ଉପୁଜାଉଛି। ରାଜ୍ୟରେ ମୁଖ୍ୟତଃ ପାଗ ଶୁଖିଲା ରହିବା ସହିତ ଆସନ୍ତା ୪/୫ ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ନାହିଁ। ତେବେ ଏହାପରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ବଢିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୫ଦିନ ଅର୍ଥାତ୍ ଡିସେମ୍ବର ୩୧ ପର୍ଯ୍ୟନ୍ତ କନ୍ଧମାଳ, କୋରାପୁଟ, ନୟାଗଡ଼, ଗଞ୍ଜାମ, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଗଜପତି ଆଦି ଜିଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଶୁକ୍ରବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟଠାରେ ୪.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଏହା ସ୍ୱାଭାବିକଠାରୁ ୭.୯ ଡିଗ୍ରୀ କମ୍ ବୋଲି ବିଭାଗ ସୂଚନା ଦେଇଛି। ସେହିପରି ସିମିଳିଗୁଡାରେ ୬.୩ ଡିଗ୍ରୀ, ଦାରିଙ୍ଗିବାଡି ୬.୫, ଫୁଲବାଣୀ ୭.୫, ଜି.ଉଦୟଗିରି ୭.୮, ରାଉରକେଲା ୮, କିରେଇ ୮.୩, ନବରଙ୍ଗପୁର ୮.୫, ସୁନ୍ଦରଗଡ ୯ ଓ ଭବାନୀପାଟଣାରେ ୯.୮ ଡିଗ୍ରୀ ତାପମାତ୍ରା ରହିଥିଲା।



କେନ୍ଦୁଝର ଜାତୀୟ ରାଜପଥ-୨୦ରୁ ସହରକୁ ପ୍ରବେଶପଥର ନେକଡ଼ା ଘର ଛକରେ ବିପ୍ଳବୀ ଧରଣୀଧର ନାୟକଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରୁଛନ୍ତି। ଏହି ଅବସରରେ ନିକଟରେ ଏମ୍‌ପି ଅନନ୍ତ ନାୟକ, ପଦ୍ମଶ୍ରୀ ଦୈତାରୀ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକୀର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି। **(ଫଟୋ: ନରେଶ ଚନ୍ଦ୍ର ପଟ୍ଟନାୟକ)**

# ପଦ ହରାଇଲେ ଧଉରାପାଲି ସରପଞ୍ଚ

**ବଇଣ୍ଡା,୨୬।୧୨(ପରିକ୍ଷିତ ସାହୁ)**



ପଦ ହରାଇଥିବା ସରପଞ୍ଚ ସଞ୍ଜିତ ସାହୁ।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ଶୁକ୍ରବାର ଅନାସ୍ଥା ଭୋଟ ପରେ ପଦ ହରାଇଛନ୍ତି। ଉକ୍ତ ପଞ୍ଚାୟତରେ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସଙ୍ଗକୁ ନେଇ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଭୋଟଗ୍ରହଣ କରାଯାଇଥିଲା। ଏଥିରେ ୧୫ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୧୧ ଜଣ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିବା କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ସରପଞ୍ଚଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ୧୧ ଜଣ ୱାର୍ଡ ସଭ୍ୟ ଗତ ନଭେମ୍ବର ୧୪ ତାରିଖରେ ଆଠମଲ୍ଲିକ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଅନାସ୍ଥା ଭୋଟ ପାଇଁ ଦାବି କରିଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନାସ୍ଥା ପ୍ରସଙ୍ଗକୁ ନେଇ ଭୋଟ କରିବା ପାଇଁ ଗତ ୯ ତାରିଖରେ ଚିଠି (ନଂ. ୬୮୪୪)ରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିଲା। ଏହାପରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ୧୧ ଜଣ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ରିଟର୍ଣ୍ଣିଂ ଅଫିସର ତଥା ତହସିଲଦାର ବିକ୍ରମ କେଶରୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଭୋଟଗ୍ରହଣ କରାଯାଇଥିଲା। ଭୋଟ ପରେ ସରପଞ୍ଚ ସଞ୍ଜିତ ସାହୁ ତାଙ୍କ ପଦ ହରାଇଥିବା ତହସିଲଦାର ନାୟକ ପ୍ରକାଶ କରିଛନ୍ତି।

# ମିଳିଲା ସମସ୍ତ ମୃତ ମାଓବାଦୀଙ୍କ ପରିଚୟ

**ଫୁଲବାଣୀ,୨୬।୧୨(ରାକେଶ କୁମାର ରାଉତ)**

**ଗଣେଶଙ୍କ ମୃତଦେହ ନେବାକୁ ଆସୁଛନ୍ତି ପରିବାର**

କନ୍ଧମାଳ ଜିଲାରେ ମାଓବାଦୀ ଅପରେଶନରେ ନିହତ ହୋଇଥିବା ସମସ୍ତଙ୍କ ପରିଚୟ ମିଳିଛି। ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମସ୍ତଙ୍କ ନାମ ଘୋଷଣା କରାଯାଇଛି। ପୂର୍ବରୁ ପରିଚୟ ମିଳି ନ ଥିବା ୩ ଜଣ ହେଲେ ସୀମା, ଉମେଶ ଏବଂ ଅଙ୍କିତା ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପୋଲିସ ଏଡିଜି ସଂଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଗଣେଶଙ୍କ ପରିବାର ତାଙ୍କ ମୃତଦେହ ନେବାକୁ ଆସୁଛନ୍ତି ବୋଲି ଏସ୍‌ପି ହରିଶ ବିଶି ସୂଚନା ଦେଇଛନ୍ତି।

ଏଡିଜିଙ୍କ ସମେତ ଅନ୍ୟମାନେ ହେଲିକପ୍ଟରରେ ଆସି ଅପରାହ୍ନରେ ଜିଲା ରିଜର୍ଭ ପୋଲିସ ପଡିଆରେ ପହଞ୍ଚିଥିଲେ। ସେଠାରୁ ସେମାନେ ଆସି ଉପସ୍ଥିତ ଖବରଦାତାଙ୍କୁ ଘଟଣା ବିଷୟରେ ଅବଗତ କରିଥିଲେ। ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ଦମନ କରାଯାଉଛି । କନ୍ଧମାଳରେ ଅଧିକ ଗତିବିଧି ଚାଲିଛି। ତେଣୁ ଆମେ ଏହି ଜିଲା ସମେତ ସୀମାନ୍ତ ଜିଲା ଉପରେ ନଜର ରଖିଛୁ ବୋଲି ପଣ୍ଡା କହିଛନ୍ତି। ରାଜ୍ୟ ପୋଲିସର ସିଆର୍‌ପିଏଫ୍ ଆଇଜି ଅମିତେନ୍ଦ୍ର ସିହ୍ନା, ଡିଆଇଜି ଏସ୍‌ଆଇଡବ୍ଲୁ ଅଖିଳେଶ୍ୱର ସିଂଙ୍କ ସମେତ ଉପରିସ୍ଥ ଅଧିକାରୀ ଜିଲାରେ ରହି ମାଓବାଦୀ ଦମନ ଉପରେ ସମୀକ୍ଷା କରୁଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ମାଓବାଦୀ ମୂଳୋତ୍ପାଟନ ପାଇଁ ଜୋରଦାର ଅଭିଯାନ ଆରମ୍ଭ ହୋଇଛି । ଜିଲାର ୨ଟି ସ୍ଥାନରେ ମାଓବଦୀ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ୬ ଜଣ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା।

# ୨୦୨୯ରେ ଦଳ ପୁଣି ଶାସନକୁ ଫେରିବା ନେଇ ଆଲୋଚନା





**ପରଜଙ୍ଗ, ୨୬।୧୨(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ସ୍ଥିତ ସତ୍ୟ ପ୍ୟାଲେସଠାରେ ଶୁକ୍ରବାର ପରଜଙ୍ଗ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲା ସଭାପତି ତଥା ପୂର୍ବତନ ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକ ବିଜେଡି ସଭାପତି ରାଜକିଶୋର ସାହୁ, ରମେଶ ମିଶ୍ର, ତାପସ ପାଣି, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ୧ନଂ ଜୋନର ଜିଲା ପରିଷଦ ସଭ୍ୟା ରୁନୁ ବର୍ମା, ବ୍ଲକ ଯୁବ ବିଜେଡ଼ି ସଭାପତି ସୁବ୍ରତ ଦାସ, ଶ୍ରମିକ ନେତା ଦିଲ୍ଲୀପ ବର୍ମା, ଛାତ୍ର ବିଜେଡି ସଭାପତି ପ୍ରିୟଜିତ ସାମଲ, ଜନ୍ମେଶର ବର୍ମା, କାରଣ ବେହେରା, ସନ୍ତୋଷ ସାମଲଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ବିଜେଡି କର୍ମୀ ଉପସ୍ଥିତ ଥିଲେ। ୨୦୨୯ ସାଧାରଣ ନିର୍ବାଚନ ଦଳ କିପରି ଭଲକରିବ ଏବଂ ପୁଣି ଥରେ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢ଼ିବ ଆଲୋଚନା କରାଯାଇଥିଲା।

# ଡିଜିଟାଲ ଫସଲ ସର୍ଭେ, କୃଷକ ପଞ୍ଜୀକରଣ ଲାଗି ଓଡ଼ିଶାକୁ ସ୍ୱତନ୍ତ୍ର ସହାୟତା

**ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)**

ଡିଜିଟାଲ କୃଷି ଯାତ୍ରାରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତ ସରକାର ଓଡ଼ିଶାକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କୃଷକ ପଞ୍ଜୀକରଣର ପ୍ରଥମ ମାଇଲଖୁଣ୍ଟ ହାସଲ ପାଇଁ ୫୫.୪୮ କୋଟି ଟଙ୍କା ଏବଂ ଡିଜିଟାଲ ଫସଲ ସର୍ଭେର ସଫଳ କାର୍ଯ୍ୟାନ୍ୱୟନ ପାଇଁ ୧୦୦ କୋଟି ଟଙ୍କା ପ୍ରୋତ୍ସାହନ ପାଇଁ ଘୋଷଣା କରାଯାଇଛି। କୃଷକମାନଙ୍କର ଏକ ପ୍ରାମାଣିକ ଯାଞ୍ଚ କରାଯାଇଥିବା ଡାଟାବେସ୍ ସୃଷ୍ଟି ନିମନ୍ତେ କୃଷକ ପଞ୍ଜୀକରଣ କରାଯାଉଛି। ଏହାଦ୍ୱାରା ପିଏମ୍- କିଷାନ୍, ସିଏମ୍ -କିଷାନ୍, ଫସଲ ବୀମା ଇତ୍ୟାଦି ଯୋଜନା ପାଇଁ ଠିକ୍ ହିତାଧିକାରୀ ଚିହ୍ନଟ ସୁଗମ ହୋଇପାରିଛି। ଡିଜିଟାଲ ଫସଲ ସର୍ଭେ ଦ୍ୱାରା ରାଜ୍ୟକୁ ବାସ୍ତବବାଦୀ କ୍ଷେତ୍ର ଏବଂ ଉତ୍ପାଦନ ଆକଳନ, କ୍ରୟ ଯୋଜନା ଏବଂ ଚାଷୀମାନଙ୍କୁ ଅନ୍ୟାନ୍ୟ ଯୋଜନା ପ୍ରଦାନରେ ସାହାଯ୍ୟ କରିବା ପାଇଁ ଭୂ-ସନ୍ଦର୍ଭିତ ପ୍ଲଟ୍‌ୱାଇଜ୍ ଫସଲ ବୁଣା ସୂଚନା ମିଳିଥାଏ।

DSPL-440

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

### ବୁଣାକାରମାନଙ୍କ ପାଇଁ ଯୋଜନା

ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତି ତଥା ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ସରକାରଙ୍କ ତରଫରୁ ନିମ୍ନଲିଖିତ ଯୋଜନା ପ୍ରଣୟନ କରାଯାଇଛି ।

**(୧) ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା :-** ଗ୍ରାମାଞ୍ଚଳରେ ବିଜୁଳି ଯୋଗାଣରେ ବିଫଳତା ଓ ଲୋ ଭୋଲ୍ଟେଜ୍ ସମୟରେ ବୁଣାକାରଙ୍କ ପାଖରେ କାମ ଜାରି ରଖିବାର କୌଣସି ବିକଳ୍ପ ନାହିଁ । ବୁଣାକାରଙ୍କୁ ଉତ୍ତମ ପରିବେଶରେ ଏବଂ ଅଧିକ ସମୟ ପର୍ଯ୍ୟନ୍ତ କାମ କରିବାର ସୁବିଧା ପାଇଁ, ଅତି କମରେ ଏକ ଉତ୍ତମ ଆଲୋକିତ ସ୍ଥାନ ଏବଂ ଏକ ଫ୍ୟାନ୍ ପ୍ରଦାନ କରିବା ପାଇଁ ଏହି ଯୋଜନା ୨୦୨୧-୨୨ ବର୍ଷରୁ କାର୍ଯ୍ୟକାରୀ କରାଯାଇଛି । ମାନ୍ୟବର ମଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ବୁଣାକାର ପରିବାରକୁ ବ୍ୟାଟେରୀ, ଫ୍ୟାନ୍ ଏବଂ ଦୁଇଟି ଏଲଇଡ଼ି ଲାଇଟ୍ ସହ ଇନଭର୍ଟର ଲଗାଇବା ପାଇଁ ୧୭,୫୦୦/- ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

**(୨) ହସ୍ତତନ୍ତ ଉନ୍ନୟନ ଯୋଜନା :-**

**(କ) କର୍ମଶାଳା ନିର୍ମାଣ -** ସ୍ୱାସ୍ଥ୍ୟକର ପରିବେଶରେ ବୁଣାକାର୍ଯ୍ୟ କରିବାପାଇଁ ବୁଣାକାରମାନଙ୍କୁ ୨୨ ବର୍ଗ ମିଟର (୨୪୦ ବର୍ଗ ଫୁଟ) ଅଞ୍ଚଳର ଏକ କର୍ମଶାଳା ତଥା ଷ୍ଟୋର ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ।

**(ଖ) ଉନ୍ନତ ତନ୍ତ ଓ ତନ୍ତ ସରଞ୍ଜାମ ଯୋଗାଣ -** ଆଧୁନିକ ଯୁଗର ଚାହିଦାକୁ ଲକ୍ଷ୍ୟ ରଖି ସୌଖୀନ ଗୁଣବତା ସମ୍ପର୍ଣ୍ଣ ବସ୍ତ୍ର ଉତ୍ପାଦନ ନିମନ୍ତେ ବୁଣାକାରମାନଙ୍କୁ ଉନ୍ନତ ମାନର ତନ୍ତ ଓ ତନ୍ତ ସରଞ୍ଜାମ ଯୋଗାଣ ।

**(ଗ) ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ -** ନୂତନ ପିଢୀଙ୍କୁ ହସ୍ତତନ୍ତ ଶିଳ୍ପରେ ନିୟୋଜନ ନିମନ୍ତେ ଏବଂ ବୁଣାକାରଙ୍କର ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କର ସମ୍ପୂର୍ଣ୍ଣ ଆର୍ଥିକ ସହାୟତାରେ ନିମ୍ନଲିଖିତ ୬ ପ୍ରକାରର ତାଲିମ ପ୍ରଦାନ କରାଯାଇଥାଏ ।

- **ମୌଳିକ ବୁଣାବୁଣି :** ନୂତନ ଯୁବ ପିଢୀଙ୍କୁ ହସ୍ତତନ୍ତ ଶିଳ୍ପରେ ନିୟୋଜନ ନିମନ୍ତେ ମୌଳିକ ବୁଣାବୁଣି ତାଲିମରେ ୨୦ ଜଣ ବୁଣାକାରଙ୍କୁ ନେଇ ୬ ମାସର ଏକ ପ୍ରାଥମିକ ବୁଣାକାର୍ଯ୍ୟ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ପ୍ରଦାନ କରାଯାଇଥାଏ ।
- **ବାନ୍ଧ ବନ୍ଧା ଓ ରଙ୍ଗ କରିବା ଏବଂ ବୁଣିବା :** ନୂତନ ଯୁବପିଢୀ ତଥା ସ୍ୱଳ୍ପ କୁଶଳୀ ବୁଣାକାର ଯେଉଁମାନେ ବାନ୍ଧ ବାନ୍ଧିବା ଓ ରଙ୍ଗ କରିବା ଜାଣନ୍ତି ନାହିଁ ସେମାନଙ୍କୁ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୨୦ ଜଣ ବୁଣାକାରଙ୍କୁ ନେଇ ୪ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ତାଲିମ ସାରିଲା ପରେ ତାଲିମପ୍ରାପ୍ତ ହିତାଧିକାରୀ ଉକ୍ତ କାର୍ଯ୍ୟକୁ ନିଜ ଘରେ କରିବା ନିମନ୍ତେ ପ୍ରତି ବୁଣାକାରଙ୍କୁ ୫,୦୦୦/- ଟଙ୍କାର ବାନ୍ଧ ବାନ୍ଧିବା ଓ ରଙ୍ଗ କରିବାର ସରଞ୍ଜାମ ପ୍ରଦାନ କରାଯାଇଥାଏ ।
- **ରଙ୍ଗ କରିବା ତାଲିମ ପ୍ରଦାନ :** ନୂତନ ଯୁବପିଢୀ ତଥା ସ୍ୱଳ୍ପ କୁଶଳୀ ବୁଣାକାର ଯେଉଁମାନେ ରଙ୍ଗ କରିବା ଜାଣନ୍ତି ନାହିଁ ସେମାନଙ୍କୁ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୨୦ ଜଣ ବୁଣାକାରଙ୍କୁ ନେଇ ୨ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ତାଲିମ ସାରିଲା ପରେ ତାଲିମପ୍ରାପ୍ତ ହିତାଧିକାରୀ ଉକ୍ତ କାର୍ଯ୍ୟକୁ ନିଜ ଘରେ କରିବା ନିମନ୍ତେ ପ୍ରତି ବୁଣାକାରଙ୍କୁ ୬,୦୦୦/- ଟଙ୍କାର ରଙ୍ଗ କରିବାର ସରଞ୍ଜାମ ପ୍ରଦାନ କରାଯାଇଥାଏ ।
- **ଜାକାର୍ଡ ସହ ଉନ୍ନତ ବୁଣାକାର୍ଯ୍ୟ :** ଉନ୍ନତ ବୁଣା ତଥା ବୁଣାକାରଙ୍କ ଶ୍ରମ କମ କରିବା ନିମନ୍ତେ ମଧ୍ୟମ କୁଶଳୀ ବୁଣାକାରମାନେ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୧୦ ଜଣ ବୁଣାକାରଙ୍କୁ ନେଇ ୪ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ତାଲିମ ସାରିଲାପରେ ତାଲିମପ୍ରାପ୍ତ ହିତାଧିକାରୀ ଉକ୍ତ କାର୍ଯ୍ୟକୁ ନିଜ ଘରେ କରିବା ନିମନ୍ତେ ପ୍ରତି ବୁଣାକାରଙ୍କୁ ୨୫,୦୦୦/- ଟଙ୍କାର ଜାକାର୍ଡ ଓ ସରଞ୍ଜାମ ଆଦି ପ୍ରଦାନ କରାଯାଇଥାଏ ।
- **ଜାଲା ଓ ଡବି ସହିତ ଉନ୍ନତ ବୁଣାକାର୍ଯ୍ୟ :** ଉନ୍ନତ ବୁଣା ନିମନ୍ତେ ତଥା ବୁାକାରଙ୍କ ଶ୍ରମ କମ କରିବା ନିମନ୍ତେ ମଧ୍ୟମ କୁଶଳୀ ବୁଣାକାରମାନେ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୨୦ ଜଣ ବୁଣାକାରଙ୍କୁ ନେଇ ୨ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ତାଲିମ ସାରିଲା ପରେ ତାଲିମପ୍ରାପ୍ତ ହିତାଧିକାରୀଙ୍କୁ ୬,୦୦୦/- ଟଙ୍କାର ଜାଲା ଓ ଡବି ପ୍ରଦାନ କରାଯାଇଥାଏ ।
- **ଗୁରୁ ଶିଷ୍ୟ ପରମ୍ପରା :** ଉକ୍ତ ପ୍ରଶିକ୍ଷଣରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା କୁଶଳୀ ବୁଣାକାର / ବାନ୍ଧକର ମାନଙ୍କୁ ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଓ କବିର ପୁରସ୍କାରପ୍ରାପ୍ତ ସ୍ୱତନ୍ତ୍ର ବୁଣାକାରଙ୍କ ମାର୍ଗଦର୍ଶନରେ ୧୫ ଜଣ ସ୍ୱତନ୍ତ୍ର ବୁଣାକାରଙ୍କୁ ନେଇ ୬ ମାସର ତାଲିମ ପ୍ରଦାନ କରାଯାଇଥାଏ ।

ପ୍ରକାଶ ଥାଉକି, ଉପରୋକ୍ତ ୬ ପ୍ରକାର ତାଲିମ ନିମନ୍ତେ ହିତାଧିକାରୀଙ୍କୁ ମାସିକ ୬,୦୦୦/- ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯାଇଥାଏ ।

**(ଘ) ହସ୍ତତନ୍ତ ଗର୍ତ୍ତର ଢଳେଇକରଣ :** ବର୍ଷା ଦିନରେ ସନ୍ତସନ୍ତିଆ ପରିବେଶରୁ ସୁରକ୍ଷା ଦେବା ପାଇଁ ବୁଣାକାରମାନଙ୍କର ହସ୍ତତନ୍ତ ଗର୍ତ୍ତର ଢଳେଇକରଣ ।

**(ଙ) ରାଜ୍ୟ ଓ ରାଜ୍ୟ ବାହାରକୁ ପରିଭ୍ରମଣ :** ଆଧୁନିକ ଜ୍ଞାନ କୌଶଳ ଆହରଣ ପାଇଁ ପ୍ରଗତିଶୀଳ ହସ୍ତତନ୍ତ ପୁଞ୍ଜକୁ ବୁଣାକାରଙ୍କ ପରିଭ୍ରମଣ ।

**(ଚ) ବିକ୍ରୟ ଉନ୍ନୟନ ସହାୟତା :** ହସ୍ତତନ୍ତ ବସ୍ତ୍ରର ବିକ୍ରୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ହସ୍ତତନ୍ତ ପ୍ରଦର୍ଶନୀ ଯଥା ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀ, ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ ଓ ଜିଲ୍ଲା ସ୍ତରୀୟ ହସ୍ତତନ୍ତ ମେଳାରେ ଅଂଶ ଗ୍ରହଣ କରୁଥିବା ପ୍ରାଥମିକ ସମବାୟ ସମିତି, ଶୀର୍ଷ ସମବାୟ ସମିତି, ହସ୍ତତନ୍ତ ସ୍ୱୟଂ ସହାୟକ ଗୋଷ୍ଠି, ମାଷ୍ଟର ବୁଣାକାର ଏବଂ ଜାତୀୟ ତଥା ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ବୁଣାକାର ମାନଙ୍କୁ ଦେୟମୁକ୍ତ ଷ୍ଟଲ ସହିତ ଗସ୍ତଖର୍ଚ୍ଚ, ଦୈନିକ ଭତ୍ତା ଓ ପରିବହନ ଖର୍ଚ୍ଚ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି ।



**(ଛ) ରାଜ୍ୟ ସ୍ତରୀୟ ପୁରସ୍କାର :** ରାଜ୍ୟର କୃତୀ ଓ କୁଶଳୀ ବୁଣାକାର, ବାନ୍ଧ କାରିଗର ଓ ଡିଜାଇନର ମାନଙ୍କୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ତଥା ଉତ୍କୃଷ୍ଟ ମାନର ବାନ୍ଧ / ହସ୍ତତନ୍ତ ବସ୍ତ୍ର ନିମନ୍ତେ ପ୍ରୋତ୍ସାହିତ କରିବାପାଇଁ ପ୍ରତିବର୍ଷ ୧୧ ଜଣ ମନୋନୀତ କରାଯାଇଥିବା ବୁଣାକାରଙ୍କୁ ୩ ପ୍ରକାରର ପୁରସ୍କାର ପ୍ରଦାନ କରାଯାଇଥାଏ ।

- **ଜୀବନବ୍ୟାପୀ ହସ୍ତତନ୍ତ କୃତୀ ପୁରସ୍କାର (Lifetime Achievement Award) :** ଏହି ବର୍ଗରେ ଜଣେ ମନୋନୀତ ହୋଇଥିବା ବୁଣାକାରଙ୍କୁ ପାଞ୍ଚ ଲକ୍ଷ ଟଙ୍କା ପୁରସ୍କାର ରାଶି ସହିତ ମାନପତ୍ର ପ୍ରଦାନ ।
- **ରାଜ୍ୟ ହସ୍ତତନ୍ତ ପୁରସ୍କାର (State Handloom Award) :** ଏହି ବର୍ଗରେ ୩ ଗୋଟି କ୍ଷେତ୍ରରେ ୬ ଜଣ ମନୋନୀତ ବୁଣାକାରଙ୍କୁ ପୁରସ୍କାର ରାଶି ପ୍ରତ୍ୟେକଙ୍କୁ ଏକ ଲକ୍ଷ ଟଙ୍କା ସହିତ ମାନପଥ୍ର ପ୍ରଦାନ କରାଯାଏ (ବାନ୍ଧବନ୍ଧା ନିମନ୍ତେ ୩ ଜଣ ବୁଣାକାରଙ୍କୁ ବୟନ କାର୍ଯ୍ୟ ପାଇଁ ୨ ଜଣ ବୁଣାକାରଙ୍କୁ ଓ ଡିଜାଇନ ପାଇଁ ୧ ଜଣ ବୁଣାକାରଙ୍କୁ) ।
- **ତନ୍ତକୃତି ପୁରସ୍କାର (Tantakruti Award):** ଏହି ବର୍ଗରେ ୪ ଜଣ ମନୋନୀତ ହୋଇଥିବା ବୁଣାକାରଙ୍କୁ ପୁରସ୍କାର ରାଶି ପ୍ରତ୍ୟେକଙ୍କୁ ପଚିଶ ହଜାର ଟଙ୍କା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ (ବାନ୍ଧବନ୍ଧା ଓ ରଙ୍ଗକରିବା / ବୟନକାର୍ଯ୍ୟ / ଡିଜାଇନ) ।

**(୩) ବୁଣାକାର ଜୀବିକା ଓ ଆୟବୃଦ୍ଧି ସହାୟତା (ବଳିଆ) :**

ବୁଣାକାରମାନଙ୍କୁ ଏକ ମନନୀୟ ଏବଂ ଶସ୍ତା ପ୍ରଭାବଶାଳୀ ଉପାୟରେ କାର୍ଯ୍ୟକାରୀ ପୁଞ୍ଜି ପାଇଁ ବ୍ୟକ୍ତିଗତ ହସ୍ତତନ୍ତ ବୁଣାକାର ଓ ଆନୁଷଙ୍ଗିକ କର୍ମୀ / ସ୍ୱୟଂ ସହାୟକ ଗୋଷ୍ଠୀ / ଯୁଗ୍ମ ଦାୟିତ୍ୱ ଗୋଷ୍ଠୀ (ଜେଏଲଜି) ମାନଙ୍କୁ ୩ ବର୍ଷ ପାଇଁ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରୁ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରାଯାଉଛି ।

'ଓଡ଼ିଶାର ହସ୍ତତନ୍ତରେ ଓଡ଼ିଆ ଅସ୍ମିତା'

OIPR-31004/13/0134/2526

# ୧୨ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି



ମାର୍ଚ୍ଚ ମାସରେ ପାକିସ୍ତାନ ଓ ଦୁବାଇରେ ଅନୁଷ୍ଠିତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚାମ୍ପିୟନ ହୋଇଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ହରାଇ ଭାରତ ତୃତୀୟ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଉଠାଇଥିଲା। ପୂରା ଟୁର୍ନାମେଣ୍ଟରେ ଅପରାଜେୟ ଧାରା ସହିତ ଭାରତୀୟ ଦଳ ଦୀର୍ଘ ୧୨ ବର୍ଷ ପରେ ସମ୍ମାନଜନକ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଏଥିପୂର୍ବରୁ ୨୦୧୩ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଚାମ୍ପିୟନ୍ସ ଟ୍ରଫି ହାତେଇଥିଲା। ଚଳିତ ବର୍ଷ ଚାମ୍ପିୟନ୍ସ ଟ୍ରଫି ଆୟୋଜନକୁ ନେଇ ବହୁ ବିବାଦ ଦେଖାଦେଇ ଥିଲା। ଭାରତ, ପାକିସ୍ତାନ ଯିବାକୁ ମନା କରିବାରୁ ଚାମ୍ପିୟନ୍ସ ଟ୍ରଫିକୁ ହାଇବ୍ରିଡ୍ ମଡେଲରେ ଉଭୟ ପାକିସ୍ତାନ ଓ ଦୁବାଇରେ ଆୟୋଜନ କରାଯାଇଥିଲା।

# ଭାରତୀୟ ମହିଳାଙ୍କ ବିଶ୍ୱ ବିଜୟ



ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳର ଅଭିଯାନ କୌଣସି ବଲିଉଡ୍ ହିଟ୍ ଫିଲ୍ମର କାହାଣୀଠାରୁ କମ୍ ରୋଚକପୂର୍ଣ୍ଣ ନ ଥିଲା। ଲିଗ୍ ପର୍ଯ୍ୟାୟରେ ହ୍ୟାଟ୍ରିକ ପରାଜୟ ପରେ ଭାରତୀୟ ଦଳର ବିଶ୍ୱକପ୍ ଜିତିବା ଆଶା କ୍ଷୀଣ ହେବାରେ ଲାଗିଥିଲା। କିନ୍ତୁ ବର୍ଷା ଯୋଗୁ ଅନ୍ୟ ମ୍ୟାଚ୍ ବାତିଲ ହେବା ପରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବା ପୂର୍ବରୁ ଭାରତୀୟ ଦଳ ପାଇଁ ଟୁର୍ନାମେଣ୍ଟରେ ସର୍ବାଧିକ ରନ କରିଥିବା ପ୍ରତୀକା ରାୱଲ ଇଞ୍ଜୁରି କାରଣରୁ ବାଦ୍ ପଡ଼ିଥିଲେ। ତାଙ୍କ ବଦଳରେ ଦଳରେ ସାମିଲ ହୋଇଥିଲେ ସେଫାଳି ବର୍ମା। ସେମିଫାଇନାଲରେ ଅଷ୍ଟ୍ରେଲିଆ ଦ୍ୱାରା ଧାର୍ଯ୍ୟ ୩୩୯ ରନର ବିଶାଳ ଟାର୍ଗେଟକୁ ଜେମିମା ରୋଡ୍ରିଗ୍ସଙ୍କ ଅପରାଜିତ ଶତକ ବଳରେ ଭାରତ ୫ ଉଇକେଟ ହାସଲ କରି ନେଇଥିଲା। ମହିଳା ଦିନିକିଆ କ୍ରିକେଟ ଇତିହାସରେ ଏହା ଥିଲା ସବୁଠୁ ସଫଳ ରନ୍ ଚେଜ। ହଠାତ୍ ଦଳରେ ସାମିଲ ହୋଇଥିବା ସେଫାଳୀ ଫାଇନାଲରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିଲେ ; ଯାହା ଫଳରେ ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଥର ପାଇଁ ଆଇସିସି ମହିଳା ବିଶ୍ୱକପ୍ ଜିତି ଇତିହାସ ରଚିଥିଲା।

ବିଦାୟ ନେଉଛି ୨୦୨୫ ବର୍ଷ। ଅନେକ ଦୃଷ୍ଟିକୋଣରୁ ଏହି ବର୍ଷ ଭାରତୀୟ କ୍ରୀଡ଼ା ପାଇଁ ଚିରସ୍ମରଣୀୟ ହୋଇ ରହିବ। ୨୦୨୫ରେ ଭାରତ ଉଭୟ ବିଭାଗରେ ଖୋ ଖୋ ବିଶ୍ୱକପ୍, ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ବିଶ୍ୱକପ୍, ଆଇସିସି ପୁରୁଷ ଚାମ୍ପିୟନ୍ସ ଟ୍ରଫି, ଏସିଆ କପ୍, ମହିଳା ଦିନିକିଆ ବିଶ୍ୱକପ୍, ମହିଳା କବାଡ଼ି ବିଶ୍ୱକପ୍, ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ସିଙ୍ଗଲ୍ସ ବର୍ଗରେ ୧୯ ବର୍ଷୀୟା ଦିବ୍ୟା ଦେଶମୁଖ ଚେସ୍ ବିଶ୍ୱକପ୍ ବିଜେତା ହୋଇ ଦେଶରେ ଆନନ୍ଦର ପରିବେଶ ସୃଷ୍ଟି କରିଥିବା ବେଳେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କ ଟେଷ୍ଟରୁ ଅବସର ପ୍ରଶଂସକଙ୍କୁ ଖୁବ୍ ଦୁଃଖ ଦେଇଥିଲା...

# ବିଶ୍ୱକପ୍ ବିଜୟର ବର୍ଷ

## ଶୀତଲ ଦେବୀଙ୍କୁ ବିଶ୍ୱ ଟାଇଟଲ



ଭାରତର ପାରା ତୀରନ୍ଦାଜ ଶୀତଲ ଦେବୀ ଚଳିତ ବର୍ଷ ସେପ୍ଟେମ୍ବରରେ ଦକ୍ଷିଣ କୋରିଆର ଗ୍ୱାଙ୍ଗଜୁଠାରେ ଅନୁଷ୍ଠିତ ପାରା ଆର୍ଚରୀରେ ମହିଳା ଓ୍ୱାର୍ଲ୍ଡ ଚାମ୍ପିୟନ ହୋଇଥିଲେ। ସେ ମହିଳା କମ୍ପାଉଣ୍ଡ ଇଣ୍ଡିଭିଜୁଆଲ ଇଭେଣ୍ଟରେ ତୁର୍କୀର ଓଜନର କୁରେଙ୍କୁ ୧୪୬-୧୪୩ ବ୍ୟବଧାନରେ ହରାଇ ଐତିହାସିକ ସଫଳତା ପାଇଥିଲେ। ସେ ବିଶ୍ୱର ପ୍ରଥମ ହାତ ନ ଥିବା ତୀରନ୍ଦାଜ ଭାବେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହା ବ୍ୟତୀତ ସେ ପ୍ରଥମ ଭାରତୀୟ ପାରା ଆଥଲେଟ ଭାବେ ସକ୍ଷମ ଖେଳାଳିଙ୍କ ତୀରନ୍ଦାଜ ଦଳରେ ସ୍ଥାନ ପାଇଥିଲେ। ବିନା ହାତରେ କେବଳ ଗୋଡ଼ରେ ଶୀତଲ ତୀରନ୍ଦାଜୀ ଧନୁ ପାଦର ବ୍ୟବହାର କରନ୍ତି।

## ଅପେକ୍ଷାର ଅନ୍ତ (ଆରସିବି)



ଚଳିତ ବର୍ଷ ସବୁଠୁ ଲୋକପ୍ରିୟ ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଦୀର୍ଘ ୧୮ ବର୍ଷ ଧରି ଅପେକ୍ଷାର ଶେଷ ହୋଇଥିଲା। ଚଳିତ ବର୍ଷ ଆଇପିଏଲ ଫାଇନାଲରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ୬ ରନରେ ହରାଇ ଆରସିବି ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା। କିନ୍ତୁ ଦୀର୍ଘ ବର୍ଷର ବ୍ୟବଧାନ ପରେ ମିଳିଥିବା ଏହି ଖୁସିର ମୁହୂର୍ତ୍ତକୁ ଆରସିବିର ପ୍ରଶଂସକମାନେ ପାଳନ କରିପାରି ନ ଥିଲେ। ଜୁନ ୪ ତାରିଖରେ ବିଜୟ ପରେଡ ବେଳେ ଚିନ୍ନାସ୍ୱାମୀ ଷ୍ଟାଡିୟମ ସମ୍ମୁଖରେ ଦଳାଚକଟା ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଝାଡ଼ଖଣ୍ଡ ଚାମ୍ପିୟନ

ଚଳିତବର୍ଷ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ କରିଆରେ ଝାଡ଼ଖଣ୍ଡ ତା'ର ପ୍ରଥମ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଜିତିଥିଲା। ଫାଇନାଲରେ ଝାଡ଼ଖଣ୍ଡ ହରିୟାଣାକୁ ଇଶାନ କିଶନଙ୍କ ଶତକ ବଳରେ ହରାଇଥିଲା ପରାସ୍ତ କରି ଝାଡ଼ଖଣ୍ଡ ଚାମ୍ପିୟନ ହୋଇଥିଲା।

## ଖୋ ଖୋ ବିଶ୍ୱକପ୍ ଡବଲ ଚାମ୍ପିୟନ

ଜାନୁଆରୀରେ ଦିଲ୍ଲୀରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ଉଭୟ ବିଭାଗର ଫାଇନାଲରେ ନେପାଳକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏହା ନିଜର ଓ ପାରମ୍ପରିକ କ୍ରୀଡ଼ାରେ ଭାରତର ପ୍ରଭୁତ୍ୱ ଦର୍ଶାଉଛି। ପୁରୁଷ ବିଭାଗରେ ୨୦ ଦଳ ଭାଗ ନେଇଥିବାବେଳେ ଫାଇନାଲରେ ଭାରତ ୫୪-୩୬ ପଏଣ୍ଟରେ ନେପାଳକୁ ପରାସ୍ତ କରିଥିଲା। ସେହିଭଳି ମହିଳା ବିଶ୍ୱକପ୍‌ରେ ୧୯ ଦଳ ଭାଗ ନେଇଥିଲେ ଏବଂ ଫାଇନାଲରେ ଭାରତ ୭୮-୪୦ ବ୍ୟବଧାନରେ ନେପାଳକୁ ହରାଇ ଚାମ୍ପିୟନ ହୋଇଥିଲା। ଉଭୟ ବିଭାଗରେ ଭାରତ ଅପରାଜିତ ରହି ଏହି ସଫଳତା ହାସଲ କରିଥିଲା।

## ୯୦ ମି. ବାଧା ଡେଇଁଲେ ନୀରଜ

ଦୁଇ ଥର ଅଲିମ୍ପିକ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଦୀର୍ଘ ବର୍ଷର ଅପେକ୍ଷା ପରେ ୯୦ ମିଟର ବାଧା ଅତିକ୍ରମ କରିଥିଲେ। ୨୭ ବର୍ଷୀୟ ନୀରଜ ଦୋହା ଡାଇମଣ୍ଡ ଲିଗରେ ୯୦.୨୩ ମି. ଦୂରତା ହାସଲ କରିଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ହେଲେ ଟୋକିଓଠାରେ ଅନୁଷ୍ଠିତ ଓ୍ୱାର୍ଲ୍ଡ ଚାମ୍ପିୟନସିପ୍ ଫାଇନାଲରେ ସେ ପଦକ ଜିତି ପାରି ନ ଥିଲେ।

## ରୋ-କୋ'ଙ୍କ ଅବସର

ଚଳିତ ବର୍ଷ ଦେଶର ଅନେକ ଲୋକପ୍ରିୟ ଖେଳାଳି ନିଜ ଖେଳ କ୍ୟାରିୟର ଶେଷ କରିଥିଲେ। ଭାରତର ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିଥିବା ବେଳେ ଉଦୀୟମାନ ଅଶ୍ୱିନ ଆଇପିଏଲରୁ, ଭେଟେରାନ ଟେନିସ ଖେଳାଳି ରୋହନ ବୋପାନ ପେଶାଦାର ଟେନିସରୁ ଅବସର ଘୋଷଣା କରିଥିଲେ। ଅବସର ନେଇଥିବା ଏହି ଖେଳାଳିଙ୍କ ତାଲିକାରେ ଏହା ବ୍ୟତୀତ ଚେତେଶ୍ୱର ପୂଜାରା, ବରୁଣ ଆରୋନ, ପୀୟୂଷ ଚାୱଲା, ଅମିତ ମିଶ୍ର, ଋଦ୍ଧିମାନ ସାହା, କୃଷ୍ଣପ୍ପା ଗୌତମଙ୍କ ଭଳି କ୍ରିକେଟର ସହ ହକି ଏବଂ ଫୁଟବଲର ଖେଳାଳି ଅଛନ୍ତି। ପରମ୍ପରାରୁ ଅନ୍ୟମାନେ ଓ ଅନେକ କ୍ଷେତ୍ରରୁ ଅନେକ ଖେଳାଳି ଅବସର ନେଇଥିଲେ।

## ଏସିଆ କପ୍ ଟ୍ରଫି ବିବାଦ

ସେପ୍ଟେମ୍ବରରେ ଦୁବାଇରେ ଅନୁଷ୍ଠିତ ବିବାଦୀୟ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଫାଇନାଲରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ଭାରତ ଲାଗି ଏହା ଥିଲା ରେକର୍ଡ ନବମ ଏସିଆ କପ୍ ଟାଇଟଲ। କିନ୍ତୁ ମ୍ୟାଚ୍ ପରେ ଏସିଆ କ୍ରିକେଟ କାଉନ୍ସିଲ (ଏସିସି) ତଥା ପିସିବି ମୁଖ୍ୟ ମହସିନ ନକ୍ୱିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନା କରିଥିଲେ। ଏଥିରେ ଉତ୍ତେଜିତ ହୋଇ ନକ୍ୱି ଟ୍ରଫିକୁ ହୋଟେଲକୁ ନେଇ ଚାଲିଯାଇଥିଲେ। ଫଳରେ ଭାରତକୁ ବିନା ଟ୍ରଫିରେ ସେଲିବ୍ରେସନ କରିବାକୁ ପଡ଼ିଥିଲା। ଟୁର୍ନାମେଣ୍ଟ ୪ ମାସ ପୂରିଯାଇଥିବା ବେଳେ ଭାରତକୁ ଏବେ ବି ଟ୍ରଫି ମିଳି ନାହିଁ। ଏହା କେବେ ମିଳିବ, ତାହା ସ୍ପଷ୍ଟ ହୋଇ ନାହିଁ। ପୂରା ଟୁର୍ନାମେଣ୍ଟରେ ଭାରତ ଓ ପାକିସ୍ତାନ ପରସ୍ପରକୁ ୩ ଥର ଭେଟିଥିବା ବେଳେ ଦୁଇ ଦଳ କ୍ୟାପ୍ଟେନ ପରସ୍ପର ସହ ହାତ ମିଳାଇ ନ ଥିଲେ।

## ଭାରତକୁ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍

ଚଳିତବର୍ଷ ଫେବୃଆରୀରେ ଭାରତ ଅପରାଜେୟ ଧାରା ବଜାୟ ରଖି ଲଗାତର ଦ୍ୱିତୀୟ ଥର ପାଇଁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୮୩ ରନର ଟାର୍ଗେଟକୁ ଭାରତ ୧୧.୨ ଓଭରରେ ୧ ଉଇକେଟରେ ହାସଲ କରି ନେଇଥିଲା। ଏଥିପୂର୍ବରୁ ୨୦୨୩ ଜାନୁଆରୀରେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଫାଇନାଲରେ ଇଂଲଣ୍ଡକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା।

## ଡୋପିଂ ସଙ୍କଟ

ଗତବର୍ଷ ଭଳି ଚଳିତ ଥର ମଧ୍ୟ ଭାରତୀୟ କ୍ରୀଡ଼ା ଜଗତରେ ଡୋପିଂ ସଙ୍କଟ ଦେଖାଦେଇଥିଲା। ଅଲିମ୍ପିଆନ ଜାଭେଲିନ ଥ୍ରୋୟର ଶିବପାଲ ସିଂ, ଏସିଆନ ଗେମ୍ସ ପଦକଧାରୀ ସୀମା ପୁନିଆ ଡୋପ ଟେଷ୍ଟରେ ଧରା ପଡ଼ିଥିଲେ। ଡୋପିଂ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଭାରତ ଦେଶ ...

### ମହିଳା କବାଡ଼ି ଟାଇଟଲ ବଜାୟ ରଖିଲା ଭାରତ

ନଭେମ୍ବର ଶେଷ ଆଡ଼କୁ ବାଂଲାଦେଶର ଢାକାଠାରେ ଅନୁଷ୍ଠିତ ମହିଳା କବାଡ଼ି ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଭାରତ ୩୫-୨୮ରେ ଚାଇନିଜ ତାଇପେଇକୁ ହରାଇ ଏହି ସଫଳତା ପାଇଥିଲା। ପୂରା ଟୁର୍ନାମେଣ୍ଟରେ ଅପରାଜିତ ରହିଥିବା ଭାରତ ଲଗାତର ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଟ୍ରଫି ଉଠାଇଛି। ଏଥିପୂର୍ବରୁ ଭାରତ ୨୦୧୨ରେ ବିହାରର ରାଜଧାନୀ ପାଟନାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମଧ୍ୟ ଅପରାଜେୟ ରହି ଚାମ୍ପିୟନ ହୋଇଥିଲା।

### ଜୁନିୟର ହକି ବିଶ୍ୱକପ୍‌ରେ ବ୍ରୋଞ୍ଜ

ଚଳିତ ବର୍ଷ ଡିସେମ୍ବରରେ ଭାରତର ପ୍ରଦର୍ଶନ ସେତେଟା ଉଲ୍ଲେଖଯୋଗ୍ୟ ନ ଥିଲା। ହେଲେ ଭାରତୀୟ ସିନିୟର ପୁରୁଷ ହକି ଦଳ ଏସିଆ କପ୍ ଟାଇଟଲ ଜିତିଥିବା ବେଳେ ଜୁନିୟର ହକି ବିଶ୍ୱକପ୍‌ରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଟୁର୍ନାମେଣ୍ଟରେ ଅପରାଜେୟ ରହି ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ହକି ଏସିଆ କପ୍ ଚାମ୍ପିୟନ ହେବା ସହିତ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲା। ସେହିଭଳି ଏଫଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ପାଇଁ ଆର୍ଜେଣ୍ଟିନା ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଭାରତ ୪ଟେମ ମିନିଟ ପର୍ଯ୍ୟନ୍ତ ୦-୨ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଶେଷ ମୁହୂର୍ତ୍ତରେ ୪-୨ ଗୋଲରେ ଜିତି ବ୍ରୋଞ୍ଜ ପଦକ ହାତେଇଥିଲା।



## ଦିବ୍ୟା ପ୍ରଥମ ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିୟନ

ଜୁଲାଇରେ ଜର୍ଜିଆର ବାଟୁମିଠାରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ୧୯ ବର୍ଷୀୟା ଦିବ୍ୟା ଦେଶମୁଖ ଚାମ୍ପିୟନ ହୋଇଥିଲେ। ସେ ପ୍ରଥମ ଭାରତୀୟ ମହିଳା ଭାବେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଜିତି ଦେଶକୁ ଗର୍ବିତ କରିଥିଲେ। ସେ ଫାଇନାଲରେ ଅନୁଭବୀ ଭାରତୀୟ ତଥା ଜେନେରାଲ କୋନେରୁ ହମ୍ପିଙ୍କୁ ଟାଇବ୍ରେକରରେ ପରାସ୍ତ କରି ଏହି ସଫଳତା ପାଇଥିଲେ। ଫିଡେ ମହିଳା ବିଶ୍ୱକପ୍ ଫାଇନାଲରେ ପ୍ରଥମଥର ପାଇଁ ଦୁଇଜଣ ଭାରତୀୟ ଖେଳାଳି ମୁହାଁମୁହିଁ ହୋଇଥିଲେ। ଏହି ଉପଲବ୍ଧି ସହିତ ଦିବ୍ୟା ଦେଶର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ହେବାର ସମ୍ମାନ ହାସଲ କରିଥିଲେ। ଫାଇନାଲ ପୂର୍ବରୁ ସେ ସେମିଫାଇନାଲରେ ତୃତୀୟ ସିଡ୍ ଚୀନ ଖେଳାଳୀଙ୍କୁ, କ୍ୱାର୍ଟର ଫାଇନାଲରେ ଦକ୍ଷମ ସିଡ୍ ହାରିକା ଦ୍ରୋଣାଭଲ୍ଲି ଓ ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଝୁ ଜିନରକୁ ହରାଇଥିଲେ।

## ମେସିଙ୍କ ଭାରତ ଟୁର୍

ଆର୍ଜେଣ୍ଟିନାର ଫୁଟବଲର ଲିଓନେଲ ମେସି ଡିସେମ୍ବରରେ ୩ ଦିନିଆ ଭାରତ ଗସ୍ତରେ ଆସିଥିଲେ। ଏହି ଗସ୍ତରେ ତାଙ୍କ ସହିତ ରୁଇଜ ସୁଆରେଜ ଓ ରୋଡ୍ରିଗୋ ଡି ପଲ ଆସିଥିଲେ। କୋଲକାତାରେ ମେସିଙ୍କ ଟୁର ପ୍ରଥମ ଦିନରେ ପ୍ରଶଂସକଙ୍କ ବିଶୃଙ୍ଖଳା ଚର୍ଚ୍ଚାର ବିଷୟ ପାଲଟି ଥିଲା ବେଳେ ହାଇଦ୍ରାବାଦ, ମୁମ୍ବାଇରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଦିଲ୍ଲୀରେ ତାଙ୍କର ଗସ୍ତ ଶେଷ ହୋଇଥିଲା। ପୂର୍ବରୁ ପୁଣି ଥରେ ଭାରତ ଆସିବେ ବୋଲି ମେସି କଥା ଦେଇଛନ୍ତି।



## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ଭାରତ ଚାମ୍ପିୟନ

ଦେଶର ମହିଳା କ୍ରିକେଟ ଦଳ ଭଳି ଦୃଷ୍ଟିବାଧିତ ମହିଳା ଦଳ ମଧ୍ୟ ଇତିହାସ ସୃଷ୍ଟି କରିଥିଲା। ଶ୍ରୀଲଙ୍କାର କଲମ୍ବୋଠାରେ ପି ସାରା ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲରେ ନେପାଳକୁ ୭ ଉଇକେଟରେ ପରାସ୍ତ କରି ଭାରତ ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ମଧ୍ୟ କୌଣସି ଦଳ ଭାରତକୁ ହରାଇ ପାରି ନ ଥିଲେ।

## ନୂଆ କ୍ରୀଡ଼ା ଶାସନ ଆଇନ

ଭାରତୀୟ କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଓ ଆନ୍ତର୍ଜାତୀୟ ପରିବେଶ ଆଣିବା ପାଇଁ ଗତ ଅଗଷ୍ଟରେ ସଂସଦରେ ଉଭୟ ସଦନରେ ନୂଆ ଜାତୀୟ କ୍ରୀଡ଼ା ଶାସନ ଆଇନ ପାରିତ ହୋଇଛି। ଏହି ଆଇନ କାର୍ଯ୍ୟକାରୀ ହେବା ବେଳେ ଦେଶ ଏହାର ଲକ୍ଷ୍ୟ ରହିଛି ଭାରତର ୨୦୩୬ ଅଲିମ୍ପିକ ବିଡ୍‌କୁ ସମର୍ଥନ କରିବା। ଜାତୀୟ କ୍ରୀଡ଼ା ବୋର୍ଡ (ଏନ୍‌ଏସ୍‌ବି) ଓ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ (ଏନ୍‌ଏସ୍‌ଟି) ନୂଆ ଆଇନର ଗୁରୁତ୍ୱପୂର୍ଣ୍ଣ ଅଂଶ।

## ସ୍କ୍ୱାଶ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ

ଜୋସ୍ନା ଚିନପ୍ପା, ଅଭୟ ସିଂ, ଭେଲାଭନ ସେନ୍ଥିଲକୁମାର ଓ ଅନାହତ ସିଂଙ୍କୁ ନେଇ ଗଠିତ ଭାରତୀୟ ସ୍କ୍ୱାଶ ଦଳ ଡିସେମ୍ବରରେ ଚେନ୍ନାଇରେ ସ୍କ୍ୱାଶ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଫାଇନାଲରେ ଭାରତୀୟ ଦଳ ୩-୦ ବ୍ୟବଧାନରେ ଟପ୍ ସିଡ୍ ହଂକଙ୍ଗକୁ ପରାସ୍ତ କରି ଏହି ସଫଳତା ପାଇଥିଲା।

## ସବୁଠୁ ଦାମୀ ବିଦେଶୀ ଖେଳାଳି ଗ୍ରୀନ



ଅଷ୍ଟ୍ରେଲିଆର ଅଲରାଉଣ୍ଡର କାମେରନ ଗ୍ରୀନ ଆଇପିଏଲ ଅକ୍ସନରେ ସବୁଠୁ ଦାମୀ ବିଦେଶୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଆବୁଧାବିଠାରେ ଅନୁଷ୍ଠିତ ମିନି ଅକ୍ସନରେ ତାଙ୍କୁ ୨୫.୨୦ କୋଟି ଟଙ୍କାରେ କୋଲକାତା ନାଇଟ ରାଇଡର୍ସ (କେକେଆର) କିଣିଥିଲା। ଏଥିପୂର୍ବରୁ ଏହି ରେକର୍ଡ ତାଙ୍କ ଦେଶର ବୋଲର ମିଚେଲ ଷ୍ଟାର୍କଙ୍କ ନାମରେ ଥିଲା। ତାଙ୍କୁ ସମାନ ଫ୍ରାଞ୍ଚାଇଜ ୨୦୨୪ ଆଇପିଏଲ ଲାଗି ୨୪.୭୫ କୋଟି ଟଙ୍କାରେ କିଣିଥିଲା। ତେବେ ଆଇପିଏଲ ଇତିହାସରେ ସବୁଠୁ ଦାମୀ ଖେଳାଳି ମଧ୍ୟରେ ଗ୍ରୀନ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କଠାରୁ ରିଷଭ ପନ୍ତ ଓ ଶ୍ରେୟସ ଆୟାର ଗତ ବର୍ଷ ଯଥାକ୍ରମେ ୨୭ ଓ ୨୬.୭୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ।

## ବିବାଦ

ଚଳିତ ବର୍ଷ ଭାରତ କ୍ରୀଡ଼ା ପାଇଁ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ଡାଇ-ଲିଗ୍ ସିଜନ ଏପ୍ରିଲ ୩୦ ତାରିଖରେ ଶେଷ ହୋଇଥିବା ବେଳେ କୋର୍ଟ ଅଫ୍ ଆର୍ବିଟ୍ରେସନ ଫର ସ୍ପୋର୍ଟ (କାସ୍)ର ନିର୍ଦ୍ଦେଶ ପରେ ଜୁଲାଇ ୧୮ ତାରିଖରେ ଇଷ୍ଟବେଙ୍ଗଲକୁ ୨୦୨୪-୨୫ ଆଇ-ଲିଗ୍ ସିଜନ ଲାଗି ଚାମ୍ପିୟନସିପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ଆଇଏଫ୍‌ଏଫ୍ ଚର୍ଚ୍ଚିଲ ବ୍ରଦର୍ସକୁ ଟ୍ରଫି ପ୍ରଦାନ କରିଥିଲା। ଏହାଛଡ଼ା ଭାରତ ଫୁଟବଲ ଲିଗ୍ (ଆଇଏସ୍‌ଏଲ) ପୂରା ବର୍ଷ ବିବାଦରେ ଘେରି ହୋଇ ରହିଥିଲା। ଏଆଇଏଫ୍‌ଏଫ୍ ଓ ଲିଗର କମର୍ସିଆଲ ପାର୍ଟନର ଫୁଟବଲ ସ୍ପୋର୍ଟସ ଡେଭଲପମେଣ୍ଟ ଲିମିଟେଡ (ଏଫ୍‌ଏସ୍‌ଡିଏଲ) ମଧ୍ୟରେ ବିବାଦ ଯୋଗୁ ଜୁଲାଇରେ ଲିଗକୁ ସ୍ଥଗିତ ରଖାଯାଇଥିଲା। ଏପର୍ଯ୍ୟନ୍ତ ଲିଗକୁ ଆୟୋଜନ କରିବା ପାଇଁ ପୁଣି କମର୍ସିଆଲ ପାର୍ଟନର ମିଳି ନ ଥିବାରୁ ଏହା କେବେ ଶୁଭାରମ୍ଭ ହେବ, ତାହା ସ୍ପଷ୍ଟ ହୋଇପାରି ନାହିଁ।

ଏବାଂଲାଦେଶରେ ଭାରତ ହୋଇଥିଲା ହିନ୍ଦୁଙ୍କ ଉପରେ ଅତ୍ୟାଚାରର ଧାରା ଏବଂ ହ୍ୟାଣ୍ଡସେକ୍ ନ କରି ସିଦ୍ଧାନ୍ତ ନିଆଯାଇଥିଲା। ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଭାରତରେ ଶରଣ ନେଇଥିବାରୁ ଦୁଇ ଦେଶର ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି। ଏଣୁ ବାଂଲାଦେଶରେ ସ୍ଥାୟୀ ସରକାର ଗଠନ ନ ହେବା ପର୍ଯ୍ୟନ୍ତ ଭାରତ ତା'ର ଦଳ ପଠାଇବ ନାହିଁ ବୋଲି କହିଥିଲା।

## ଟେନିସ୍‌ରେ ସିନର-ଅଲକାରାଜଙ୍କ ବର୍ଷ



ଚଳିତବର୍ଷ ଟେନିସର ପୁରୁଷ ସିଙ୍ଗଲ୍ସରେ ସ୍ପେନର କାର୍ଲୋସ ଅଲକାରାଜ ଓ ଇଟାଲୀର ଜାନିକ ସିନରଙ୍କ ଦବଦବା ଦେଖିବାକୁ ମିଳିଥିଲା। ଦୁହେଁ ଦୁଇଟି ଲେଖାଏଁ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହ ପୁରା ବର୍ଷ ଓ୍ୱାର୍ଲ୍ଡ ର‍୍ୟାଙ୍କିଙ୍ଗରେ ନଂ-୧ ଓ ୨ ପୋଜିସନରେ ରହିଥିଲେ। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ସିନର ଚାମ୍ପିୟନ ହୋଇଥିବା ବେଳେ ଫ୍ରେଞ୍ଚ ଓପନ ଫାଇନାଲରେ ଅଲକାରାଜ ୪-୬, ୬-୭, ୬-୪, ୭-୬, ୭-୬ ସେଟ୍‌ରେ ସିନରଙ୍କୁ ହରାଇ ଟାଇଟଲ ହାତେଇଥିଲେ। ଏହା ଫ୍ରେଞ୍ଚ ଓପନ ଟୁର୍ନାମେଣ୍ଟ ଇତିହାସର ସବୁଠୁ ଲମ୍ବା ଫାଇନାଲ ମ୍ୟାଚ୍ ଥିଲା। ଓ୍ୱିମ୍ବଲଡନ ଚାମ୍ପିୟନସିପ୍ ଫାଇନାଲରେ ସିନର ୪-୬, ୬-୪, ୬-୪, ୬-୪ ସେଟରେ ଅଲକାରାଜଙ୍କୁ ହରାଇଥିବା ବେଳେ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ ଓପନ ଫାଇନାଲରେ ଅଲକାରାଜ ୬-୨, ୩-୬, ୬-୧, ୬-୪ ସେଟରେ ସିନରଙ୍କୁ ହରାଇଥିଲେ।

## ଷ୍ଟେଶନକୁ ଭଲ ରାସ୍ତା, ଆଲୋକୀକରଣ ବ୍ୟବସ୍ଥା ଦାବି

ସନ୍ତ୍ରୀଛକ,୨୬।୧୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ ଭୋଗବେରିଣି ପଞ୍ଚାୟତରେ ଥିବା ତାଳଚେର ରୋଡ ଷ୍ଟେଶନକୁ ଦୈନିକ ସହସ୍ରାଧିକ ଯାତ୍ରୀ ଯାତାୟାତ କରୁଛନ୍ତି। କିନ୍ତୁ ଭଲ ରାସ୍ତା କି ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନଙ୍କ ଭିତରେ ଅସନ୍ତୋଷ ଦେଖାଦେଉଛି। ବଣ୍ଟଁରପାଳ ଛକରୁ ଗୋଟମରା, ଶାଳଗାଡ଼ିଆ ଗ୍ରାମଦେଇ ଯାତ୍ରୀମାନେ ରାତିରେ ଯାତାୟାତ ବେଳେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଶାଳଗାଡ଼ିଆ ରାସ୍ତାରେ ନିତିଦିନ ଡକାୟତି, ରାହାଜାନି, ଛିନ୍‌ତାଇ ହେଉଥିବାବେଳେ ବ୍ରାଉନସୁଗାର ବେପାରୀମାନେ ଏଠାରେ ଗ୍ରାହକମାନଙ୍କୁ ଏହି ଚୋରା ନିଶାଦ୍ରବ୍ୟ ବିକ୍ରି କରିବାକୁ ସୁରକ୍ଷିତ ମଣୁଛନ୍ତି। ୫ ମାସ ତଳେ ଏହି ଷ୍ଟେଶନ ପାଖ କେନାଲ ରାସ୍ତାରେ ଜଣେ ଯୁବତୀଙ୍କୁ ବଳାତ୍କାର ସହ ହତ୍ୟା କରାଯାଇଥିଲା। ତେଣୁ ଉକ୍ତ ରାସ୍ତାକୁ ଆଲୋକୀକରଣ କରିବାକୁ ଶାଳଗାଡ଼ିଆ ଗ୍ରାମବାସୀ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନିକଟରେ ଦାବି କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଶାଳଗାଡ଼ିଆ ଗ୍ରାମ ସଭାପତି ରାମଚନ୍ଦ୍ର ବରାହ, ସୁଶୀଲ ବରାହ, ଅଶୋକ ଖିଲାର, ହର୍ଷ ବରାହ, ମଣ୍ଟୁ ବରାହ, ସବ୍ୟସାଚୀ ସାମଲ ପ୍ରମୁଖ ନିବେଦନ କରିଛନ୍ତି।

# ଉଚ୍ଛେଦ ନୋଟିସ ବାତିଲ, ଘରଡିହ ପଟ୍ଟା ଦାବି



ଅନୁଗୋଳ ପୌର କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦାମାନେ ଧାରଣା ଦେଇଛନ୍ତି।

**ଅନୁଗୋଳ ମ୍ୟୁନିସିପାଲିଟି ସମ୍ମୁଖରେ ଗଣଧାରଣା**

ଅନୁଗୋଳ,୨୬।୧୨ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ପୌରାଞ୍ଚଳ ୮ ନଂ. ୱାର୍ଡର ବସ୍ତିବାସିନ୍ଦାଙ୍କ ତରଫରୁ ଶୁକ୍ରବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ଉଚ୍ଛେଦ ନୋଟିସକୁ ବାତିଲ କରାଯାଇ ଭୂମିହୀନମାନଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଥିଲା।

ବସ୍ତିବାସିନ୍ଦାମାନେ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ବାହାରି ପୌର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବସ୍ତିସୁରକ୍ଷା କମିଟିର ଅନ୍ୟତମ ଆବାହକ ଜେନାମଣି ପ୍ରଶାନ୍ତ କୁମାର ରାଉତରାୟ, ଲଳିତା ନାଏକ, ପ୍ରଫୁଲ୍ଲ ମହାପାତ୍ର ଲକ୍ଷ୍ମୀ ଭୋଇ, ମଞ୍ଜୁଳା ବେହେରା, ଅନ୍ୟତମ ଆବାହିକା ଜ୍ୟୋତ୍ସ୍ନା ସାମଲ ଏବଂ ଏସୟୁସିଆଇ କମ୍ୟୁନିଷ୍ଟର ଆଞ୍ଚଳିକ ସମ୍ପାଦକ ବ୍ରଜବନ୍ଧୁ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପାର୍କ ନିର୍ମାଣ ପାଇଁ ଅନୁଗୋଳ ସହରର ସର୍ବପୁରାତନ ବସ୍ତିକୁ ଉଚ୍ଛେଦ କରାଯିବ ବୋଲି ନୋଟିସ ଦିଆଯିବା ସହ ବସ୍ତିବାସିନ୍ଦାଙ୍କୁ ଆତଙ୍କିତ କରାଯାଉଛି। ତେଣୁ ଏଭଳି ଅନ୍ୟାୟ ଓ ଅଗଣତାନ୍ତ୍ରିକ ପଦକ୍ଷେପକୁ ଅବିଳମ୍ବେ ବାତିଲ କରି ସମସ୍ତଙ୍କୁ ଘରଡ଼ିହ ପଟ୍ଟା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ପରେ ଆବାହିକା ଜ୍ୟୋତ୍ସ୍ନା ସାମଲଙ୍କ ନେତୃତ୍ୱରେ ଲକ୍ଷ୍ମୀ ଭୋଇ, ମଞ୍ଜୁଳା ବେହେରା, ମିଲି ଭୋଇ, ସୁନନ୍ଦା ଭୋଇ, ଟିକିନା ଭୋଇ, ମୋତି ଭୋଇ, ମହେଶ୍ୱର ଭୋଇ ପ୍ରମୁଖ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ବସ୍ତିବାସିନ୍ଦାମାନେ ତହସିଲଦାରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ।

## ମହୀଧରପୁର ଭାଜପା ସଭାପତିଙ୍କ ପରଲୋକ

ଅନୁଗୋଳ, ୨୬।୧୨ (ଦିବ୍ୟଶାନ୍ତନୁ ନାଥ)/ ସନ୍ତ୍ରୀଛକ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ମହୀଧରପୁର ପଞ୍ଚାୟତ ଭାଜପା ସଭାପତି ତଥା ହାଟଛକ ପୂଜା କମିଟି ସଭାପତି ବାଉରୀବନ୍ଧୁ ପ୍ରଧାନ (୬୨)ଙ୍କ ଅନୁଗୋଳ ମୁଖ୍ୟଚିକିତ୍ସାଳୟରେ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ମହୀଧରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ବହୁ ଭାଜପା ନେତା, କର୍ମୀ, ମାନ୍ୟଗଣ୍ୟ ବ୍ୟକ୍ତି ମେଡିକାଲରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।



# ପଞ୍ଚାୟତସ୍ତରରୁ ସଙ୍ଗଠନ ମଜଭୁତ ଉପରେ ଗୁରୁତ୍ୱ


ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ନେତାମାନେ।

ଅନୁଗୋଳ,୨୬।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ସହର ବିଜୁ ମଇଦାନସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସଭାଘର ଠାରେ ବିଜୁ ଜନତା ଦଳର ୧୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏଥିରେ ୱାର୍ଡ ଏବଂ ପଞ୍ଚାୟତସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ସହ ଆତ୍ମସମୀକ୍ଷା କରି ସକ୍ରିୟକର୍ମୀଙ୍କୁ ଏକଜୁଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ସଭାରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ମହେନ୍ଦ୍ର ବସ୍ତିଆ, ଜିଲା ପରିଷଦ ସଦସ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, ଜିଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଭାଗୀରଥି ମାଝୀ, ବଣ୍ଟଁରପାଳର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ, ନିର୍ମଳ ସାହୁ, କାଉନସିଲର ବଳରାମ ଜେନା, କାଉନସିଲର ସଦାନନ୍ଦ ପଣ୍ଡା, କାଉନସିଲର ସୁଶୀଲ ମୁଖୀ, କାଉନସିଲର ଶଙ୍କର ସେଠୀ ଏବଂ ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଅନୁଗୋଳ ନିର୍ବାଚନମଣ୍ଡଳୀରୁ ବିଭିନ୍ନ ପଞ୍ଚାୟତ ଏବଂ ପୌରପାଳିକା ୱାର୍ଡସ୍ତରରୁ ସକ୍ରିୟ କର୍ମୀ, ସରପଞ୍ଚ, ସମିତି ସଭ୍ୟ, ଯୁବ, ଛାତ୍ର, ମହିଳା ଜନତା ଦଳର ସଦସ୍ୟ ଯୋଗ ଦେଇଥିଲେ।

## ୨୮ରୁ କୃଷି ଯନ୍ତ୍ରପାତି ମେଳା

ଅନୁଗୋଳ,୨୬।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଓ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫ କିଶୋରନଗର ବରପଡ଼ା ଗ୍ରୀନ କଲେଜଠାରେ ୨୮ରୁ ୨୦୨୬ ଜାନୁଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ କରାଯିବ। ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣ ସୁଯୋଗ, ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ଟକ୍‌ନ ବୁକିଂ ବ୍ୟବସ୍ଥା କରାଯିବ। ଉକ୍ତ ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗରେ କାର୍ଯ୍ୟକାରୀ ହେଉଥିବା କୃଷକ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ଚାଷୀମାନଙ୍କୁ ଦିଆଯିବ ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରକାଶ କରିଛନ୍ତି।

## ଚଷା ମହାସମ୍ମିଳନୀ ପାଇଁ ମଶାଲ ଶୋଭାଯାତ୍ରା

ଛେଣ୍ଡିପଦା,୨୬।୧୨ (ଅଜିତ ଧଳ)

ଆଠମଲ୍ଲିକ ଉପଖଣ୍ଡର ବାମୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚଷା ମହା ସମ୍ମିଳନୀ ପାଇଁ କୋଶଳର ମା' ରାମଚଣ୍ଡୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଷା ସମାଜ କର୍ମକର୍ତ୍ତା ମଣ୍ଡଳୀଙ୍କୁ କୋଶଳା ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମା'ଙ୍କ ଆଜ୍ଞାମାଳ ସହ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ ବାମୁର ଅଭିମୁଖେ ବିଦାୟ ଦିଆଯାଇଥିଲା। ମା' ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ସଭାପତି ତଥା ସରପଞ୍ଚ ଉଦିତ ପ୍ରଧାନ, ସମ୍ପାଦକ ବିଦ୍ୟାର୍ଥୀ ଶଙ୍କର ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବାବେଳେ ଗ୍ରାମବାସୀ ଓ ଟ୍ରଷ୍ଟ ବୋର୍ଡର ସଦସ୍ୟ ଉପସ୍ଥିତ ଥିଲେ।

## ଡାକ୍ତରଙ୍କ ଏକ ଘଣ୍ଟିଆ ଧାରଣା

ପାଲଲହଡ଼ା,୨୬।୧୨ (ଦିବ୍ୟଜ୍ୟୋତି ଦାଶ)

ବିଭିନ୍ନ ଦାବି ନେଇ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ (ଓମ୍‌ସା) ଡାକରାରେ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ଡାକ୍ତର ଏକ ଘଣ୍ଟା ପାଇଁ ବହିର୍ବିଭାଗକୁ ବନ୍ଦ କରି ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରି ଧାରଣାରେ ବସିଥିଲେ। ଯେ ପର୍ଯ୍ୟନ୍ତ ସରକାର ସମସ୍ତ ଦାବି ମାନିନାହାନ୍ତି ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତ୍ୟେକ ଦିନ ଏକ ଘଣ୍ଟା ଧାରଣା ଦିଆଯିବ ବୋଲି ଡାକ୍ତରଖାନା ଅଧିକାରୀ ବିଶ୍ୱନାଥ ମୁର୍ମୁ ପ୍ରକାଶ କରିଥିଲେ। ଡା. ମୁର୍ମୁଙ୍କ ନେତୃତ୍ୱରେ ଡା. ଦିଲୀପ କୁମାର ଭୋଇ, ଡା. ବିମଳେଶ ଓଝା, ଡା. ତରୁଣ କୁମାର ଭୂତିଆ, ଡା. ଶାନ୍ତନୁ ନାୟକ, ଡା. ନନିତା ଚୌଧୁରୀ, ଡା. ସାତି ସାହୁ ପ୍ରମୁଖ ଧାରଣାରେ ବସିଥିଲେ।

# ଜାଗ୍ରତ ରହିଲେ ଠକାମିରୁ ମୁକ୍ତି ପାଇପାରିବେ

**ବିଶ୍ୱ ଉପଭୋକ୍ତା ଦିବସ ପାଳିତ**

ଅନୁଗୋଳ,୨୬।୧୨ (ଦିବ୍ୟଶାନ୍ତନୁ ନାଥ)



ଜାତୀୟ ଉପଭୋକ୍ତା ଅଧିକାର ଦିବସ ପାଳନ ଅବସରରେ ଅତିଥିମାନେ।

ସାମାଜିକ ସଙ୍ଗଠନ ସ୍ପନ୍ଦନ ଏବଂ ଅନୁଗୋଳ ଜିଲା ବୈଧ ମାପ ଓଜନ ଯୁଗ୍ମ ନିୟନ୍ତ୍ରକ ବିଭାଗ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଅଧିକାର ଦିବସ ୨୦୨୫ ଶୁକ୍ରବାର ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟସ୍ଥିତ ସାରଦା ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିସହିତ ଚଳିତବର୍ଷର ବିଷୟବସ୍ତୁ 'ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ' ସମ୍ବନ୍ଧରେ ଆଲୋଚନା କରିବା ସହିତ ଯୁବ ସମାଜ ଜାଗ୍ରତ ହେଲେ ଗ୍ରାହକମାନେ ଠକାମିର ଶିକାରରୁ ମୁକ୍ତି ପାଇପାରିବେ ବୋଲି ଅଭିହିତ କରିଥିଲେ। ସାଧନ କର୍ମୀଭାବେ ଜିଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟିମାନଙ୍କ ବିଭିନ୍ନ ସମସ୍ୟା, ଅଧିକାର, ଆଇନ ଆଦି ସମ୍ବନ୍ଧରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଯୋଗାଣ ଅଧିକାରୀ ସନ୍ତୋଷିନୀ ପଣ୍ଡା ଯୋଗଦେଇ ଡିଜିଟାଲ ଯୁଗରେ ସମସ୍ତେ ସତର୍କତାର ସହିତ ଜିନିଷପତ୍ର କିଣିବା ଓ ଜାଗ୍ରତ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୁମରୁସିଙ୍ଗା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ଓଜନ ମାପ ବିଭାଗ ନିରୀକ୍ଷକ ସୌମ୍ୟରଞ୍ଜନ ଘୋଷ ପ୍ରମୁଖ ଯୋଗଦେଇ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ସ୍ପନ୍ଦନର ସଦସ୍ୟ ବିଜୁ ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ରାଣୀଗୋଡ଼ା ଗ୍ରାମରେ ମହିଳା ଏବଂ ବାଳିକାମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ଥିଲେ।

# ସୁଶାସନ ଦେବାରେ ଶ୍ରେଷ୍ଠତ୍ୱ ଅର୍ଜିଛି ବିଜେଡି

ଛେଣ୍ଡିପଦା,୨୬।୧୨(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର କୋଶଳା ମା' ରାମଚଣ୍ଡୀ ପୀଠ ନିକଟସ୍ଥ କଲ୍ୟାଣମଣ୍ଡପରେ ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବିଜୟ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଦସ୍ୟ ନଗେନ ପ୍ରଧାନ, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ପୂର୍ବତନ ବିଧାୟକ ବେହେରା କହିଥିଲେ, ବିଜେଡି ସରକାର ରାଜ୍ୟରେ ସୁଶାସନ ଦେବାରେ ଶ୍ରେଷ୍ଠତ୍ୱ ଅର୍ଜନ କରିଛି। ଆଜି ବି ଜନସାଧାରଣଙ୍କ ମନରେ ନବୀନ ପଟ୍ଟନାୟକ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତାଳିଗିଁ ସରପଞ୍ଚ ଅମରେଶ ନାଥ, କାଙ୍କଡ଼ଶର ସରପଞ୍ଚ ପ୍ରତାପ ସାହୁ, ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା, କଣଲୋଇ ସରପଞ୍ଚ ଜଗେଶ୍ୱର ମାଝୀ, କମ୍‌ସଲା ସରପଞ୍ଚ ବାବୁଲା ପ୍ରଧାନ, ବାଲିପଟା ପୂର୍ବତନ ସରପଞ୍ଚ ରାକେଶ ପ୍ରଧାନ, ସମିତି ସଭ୍ୟ କୁନ୍ତଳା ମାଝୀ, ଉପାଧ୍ୟକ୍ଷ ଝରଣା ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ପ୍ରଦୀପ କୁମାର ଗଡ଼ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

## ସେଣ୍ଟ ଜାଭିୟର୍ସ ସ୍କୁଲରେ କ୍ରିସ୍‌ମାସ୍ କାର୍ନିଭାଲ



ଅନୁଗୋଳ, ୨୬।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ସହର ମିଶ୍ରପଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲ ପରିସରରେ କ୍ରିସ୍‌ମାସ୍ କାର୍ନିଭାଲ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସାଣ୍ଟାକ୍ଲଜ କ୍ରିସ୍‌ମାସ୍ ଉପହାର ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଲଦୀପ ରଥ ସମସ୍ତଙ୍କୁ କ୍ରିସ୍‌ମାସ୍ ଓ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ।

# 'ବିଜେଡି ଅମଳରେ ଅନେକ ବିକାଶ ହୋଇଛି'


ନାକିଚିଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ନେତାମାନେ।

ବଇଣ୍ଡା, ୨୬।୧୨ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ନିକଟରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଜେଡି ସରକାର ଅମଳରେ ରାଜ୍ୟରେ ଅନେକ ବିକାଶ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ବବିତା କର୍ଣ୍ଣ, ବିଜେଡି ନେତା ନାରାୟଣ ମାଝୀ, ଚିତ୍ତରଞ୍ଜନ କର୍ଣ୍ଣ, ଲମ୍ବୋଦର ସାହୁ, ପ୍ରକାଶ ମିଶ୍ର, ଜଳଧର ସାହୁ, ଅର୍ଜୁନ କୁମାର ସାହୁ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ବିଜେଡି ତରଫରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଚିତ୍ତରଞ୍ଜନ କର୍ଣ୍ଣ, ବିଶ୍ୱମ୍ଭର ବେହେରା, କାଉନସିଲର ଇବ୍ରାହିମ ଖାଁ, ସିଲି ମୁଣ୍ଡା, ମଞ୍ଜରୀ ଦନ୍ତା, ଇନ୍ଦ୍ରାଣୀ ସାହୁ, ମହେନ୍ଦ୍ର ସାହୁ, ଦୁଃଖିଶ୍ୟାମ ରାଉଳ, ଦିନେଶ ସିଂ, କବିନ୍ଦ୍ର ଦାସ, ସୁବୋଧ ମହାକୁଡ଼, ଅଜିତ ଆଚାର୍ଯ୍ୟ, ନିରଞ୍ଜନ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ସନ୍ତ୍ରୀଛକ, ୨୬।୧୨ (ସନ୍ତୋଷ ପରିଡ଼ା)



ବଣ୍ଟଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ (୬୨)ଙ୍କ ଶୁକ୍ରବାର ପୂର୍ବାହ୍ନ ୧୨ ଘଟିକାରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ବଣ୍ଟଁରପାଳ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବୁଢ଼ାପଙ୍କସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଯୁବ ସାମାଜିକ କର୍ମୀ ପିଣ୍ଟୁ ଭୂତିଆ ଗାଁ ଶ୍ମଶାନରେ ପହଞ୍ଚି ସଂସ୍କାରର ସମସ୍ତ ବ୍ୟବସ୍ଥା କରିଥିଲେ।

## ବରିଷ୍ଠ ନାଗରିକଙ୍କ ପରଲୋକ

ତାଳଚେର, ୨୬।୧୨(ମନୋଜ ନନ୍ଦ)



ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ମଝିକା ଗ୍ରାମର ବରିଷ୍ଠ ନାଗରିକ ଦୁର୍ଲଭ ସ୍ୱାଇଁ (୯୦)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ରୁଦ୍ରମୋହନ ଓ ପ୍ରଫୁଲ୍ଲଙ୍କ ସମେତ ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଜଣେ ସରଳ, ଧାର୍ମିକ ତଥା ପରୋପକାରୀ ବ୍ୟକ୍ତି ଭାବରେ ସେ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍ ପାଇଁ ପ୍ରସ୍ତୁତି ବୈଠକ



ଅନୁଗୋଳ,୨୬।୧୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ହେବାକୁ ଥିବା ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟ ୩୨ଟି ଫୁଟ୍‌ବଲ ଟିମ୍ ଏଥିରେ ଅଂଶଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରତିଯୋଗିତାର ସ୍ୱଚ୍ଛତା ପାଇଁ ଲଟେରି ମାଧ୍ୟମରେ ଖେଳ ସୂଚୀ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବସନ୍ତ ଦାସ, ରମେଶ ଚନ୍ଦ୍ର ସାହୁ, ଯୁଧିଷ୍ଠିର ସେଠ, ମାନସ ସାମଲ ଓ ମଦନ ମୋହନ ରଥ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ପବନ କୁମାର ସାହୁ, ସମ୍ପାଦକ ଶୁଭାଂଶୁ ଶେଖର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ବିନୋଦ କୁମାର ସାହୁଙ୍କୁ ନିର୍ବାଚିତ କରାଯାଇଥିଲା।

## ପବିତ୍ରନଗର କପ୍ ନିମନ୍ତେ ପ୍ରସ୍ତୁତି ବୈଠକ

ପବିତ୍ରନଗର,୨୬।୧୨ (ନିରୋଜ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗରସ୍ଥିତ ପବିତ୍ରନଗର କ୍ଲବ ପକ୍ଷରୁ ଗୁରୁବାର ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସମସ୍ତ ପୁରାତନ ଏବଂ ବର୍ତ୍ତମାନ ସଦସ୍ୟ ଉପସ୍ଥିତ ରହି ଆଗାମୀ ଜାନୁଆରୀ ୪ରୁ ଆରମ୍ଭ ହେବାକୁ ଥିବା ଟୁର୍ନାମେଣ୍ଟ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। କ୍ଲବ ସଭାପତି ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ଜ୍ଞାନ ରଞ୍ଜନ ଜ୍ୟୋତିଷ, ସୁଶାନ୍ତ କୁମାର ପ୍ରଧାନ, ଚନ୍ଦନ କୁମାର ପ୍ରଧାନ, ପ୍ରତାପ କୁମାର ସାହୁ, ଅରୁଣ କୁମାର ସାହୁ, ସିପୁନ କୁମାର ସାହୁ, କାହ୍ନୁ ଚରଣ ସାହୁ, କାହ୍ନୁ ପ୍ରଧାନ, ସୁବ୍ରତ ବିଶ୍ୱାଳ, ଅକ୍ଷୟ ସାହୁ ଏବଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଜିଙ୍କ ସଶକ୍ତୀକରଣ ପାଇଁ ହାତ ବଢ଼ାଇଲା ବନ ବିଭାଗ

ଛେଣ୍ଡିପଦା,୨୬।୧୨(ଅଜିତ ଧଳ)



ଧନ୍ଦାମୂଳକ ଶିକ୍ଷା ଓ ତାଲିମ ଶିବିର ଅବସରରେ ମଞ୍ଚାସୀନ ଅତିଥିମାନେ।

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅନୁଗୋଳ ବନଖଣ୍ଡ ପକ୍ଷରୁ ଜରପଡ଼ା ବନାଞ୍ଚଳଠାରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଉପକରଣ ପ୍ରଦାନ କରାଯିବା ସହିତ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଏସିଏଫ୍ ସିଦ୍ଧାର୍ଥ ଜୈନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର, ଜରପଡ଼ା ଥାନା ଏସ୍‌ଆଇ ଶମ୍ଭୁନାଥ ପଲେଇ, ଭାଜପା ମଣ୍ଡଳ ସଭାପତି ଜୀବନାନନ୍ଦ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ନିର୍ମିତ ଶିକାର ବିରୋଧୀ ବାସଗୃହକୁ ଉଦ୍‌ଘାଟନ କରିଥିଲେ। ଏହାପରେ ବନବିଭାଗ ଦ୍ୱାରା ସ୍ୱାବଲମ୍ବୀ ହୋଇଥିବା ଜେରେଙ୍ଗ ଦେହୁରୀସାହି ରାଧାକୃଷ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ଜେରେଙ୍ଗ ମା' ବୁଢ଼ୀ ଓ ସାଇକୃପା ସ୍ୱୟଂ ସହାୟକ ଗୋଷ୍ଠୀ, କତଡା ବୃନ୍ଦାବତୀ, ମା' ପିତାବଳୀ ଓ ମା' ସନ୍ତୋଷୀ ଗୋଷ୍ଠୀ, ଲକ୍ଷ୍ମୀଧରପୁର ଗ୍ରାମର ୱାର୍ଡ ଶକ୍ତି ମା ବାଟ ବାୟାଣୀ, ଜେରେଙ୍ଗ ଦେହୁରୀସାହି ୱାର୍ଡ ଶିବାନୀ ଗୋଷ୍ଠୀ, ମା' ପାଟଣେଶ୍ୱରୀ ଗୋଷ୍ଠୀ, କିସିଣ୍ଡା ମା' ମାହେଶ୍ୱରୀ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ସମାଗ୍ରୀ ଷ୍ଟଲରେ ପ୍ରଦର୍ଶନ କରାଯାଇଥିଲା। ଅତିଥିମାନେ ଏହାକୁ ବୁଲି ଦେଖିବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ୨୭ଟି ଏସ୍‌ଏଚ୍‌ଜିର ମହିଳାମାନଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିସହିତ ବନାଞ୍ଚଳ ପକ୍ଷରୁ ୬୦ଟି ଏସ୍‌ଏଚ୍‌ଜିଙ୍କୁ ଚୌକି ଟେବୁଲ ଭଳି ଆସବାବ ପତ୍ର ବଣ୍ଟନ କରାଯାଇଥିଲା। ଜରପଡା ବନାଞ୍ଚଳ ଅଧିକାରୀ ମାଧବାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜରପଡା ବନାଞ୍ଚଳର ୫୨ଟି ବନ ସଂରକ୍ଷଣ ସମିତିର ୭୬ଟି ଏସ୍‌ଏଚ୍‌ଜିର ସଦସ୍ୟା ଅଂଶଗ୍ରହଣ କରିଥିଲେ।

## ଧାନଗଦା ଜଳିଗଲା

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଠାକୁରଗଡ଼ ଥାନା ହତାଶିମିଳି ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ରମେଶ ଚନ୍ଦ୍ର ସାହୁ, ବିଜୟ କୁମାର ସାହୁଙ୍କ ଧାନଗଦା ଜଳିଯାଇଛି। କିପରି ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ି ନ ଥିବାବେଳେ ଏହି ଅଗ୍ନିକାଣ୍ଡରେ ୨ଟି ଧାନଗଦା ସମ୍ପୂର୍ଣ୍ଣ ଜଳିଯାଇଛି। ଅଞ୍ଚଳବାସୀଙ୍କଠାରୁ ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



# ଶ୍ରୁତିରେ ବିଭୋର କଲା ନାଟକ 'ସିଡ଼ି-୨'

## ଆରତାର ପକ୍ଷରୁ ନାଟକ ପଠନ ସନ୍ଧ୍ୟାକୁ ବର୍ଷେ ପୂରିଲା




ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳର ନାଟ୍ୟାନୁଷ୍ଠାନ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ (ଆରତାର) ପକ୍ଷରୁ ସହରସ୍ଥିତ କୁଞ୍ଜକାନ୍ତଠାରେ ଅନୁଷ୍ଠାନର ନାଟ୍ୟ ଶିକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଥିବା ଭିନ୍ନ ପ୍ରୟାସ 'ନାଟକ ପଠନ ସନ୍ଧ୍ୟା' କାର୍ଯ୍ୟକ୍ରମ ଗୁରୁବାର ଏକବର୍ଷ ପୂରଣ କରିଛି। ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, କୈଳାଶଚନ୍ଦ୍ର ପୃଷ୍ଟି, ପିସିସି ସଦସ୍ୟ ସୁନୀଲ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନାଟକ ଏକ ଦୃଶ୍ୟକାବ୍ୟ ହୋଇଥିବା ବେଳେ ତାହାର ଦୃଶ୍ୟ ସଂରଚନା ଯେତିକି ଆକର୍ଷଣୀୟ, ତାହାର କାବ୍ୟ ବିଭବ ମଧ୍ୟ ସେତିକି ମର୍ମସ୍ପର୍ଶୀ। ତେଣୁ ନାଟକର ମଞ୍ଚନ ଅନେକ ସମୟରେ ହେଉଥିବା ବେଳେ ଢେଙ୍କାନାଳରେ ପ୍ରଥମ କରି ନାଟକ ପଠନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଶ୍ରୁତିରେ ନାଟକକୁ ସ୍ମୃତି କରି ରଖିବା ପାଇଁ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍‌ର ଏହା ଏକ ନିଆରା ପ୍ରୟାସ। ଦ୍ୱାଦଶ ନାଟକ ଭାବରେ ନାଟ୍ୟକାର ଦିନେଶ ଦାସଙ୍କ ଦ୍ୱାରା ରଚିତ ନାଟକ 'ସିଡ଼ି-୨'କୁ ଅନୁଷ୍ଠାନର ଶିଶୁ କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ସ୍ୱସ୍ତିକ ରଞ୍ଜନ ସାହୁ, ସାଇଚନ୍ଦନ ଦାସ, ଅଂଶିତ କୁମାର ନନ୍ଦ, ଆୟୁଷ ଦାସ, ନାନ୍‌ସୀ ମହାନ୍ତି, ଦୀପ୍ତାଂଶୁ ସାହୁ, ରିତେଶ ରଞ୍ଜନ ସେଣ୍ଠ, ଆଦିତ୍ୟାନନ୍ଦ ସାହୁ, ସାଲ୍‌ଭି ଦାସ, ରୁଦ୍ରାଂଶ, ଦୀଶା ଏବଂ କ୍ରୀଷ୍ଟା ପ୍ରମୁଖ ବାଚିକ ଅଭିନୟ ପରିବେଷଣ କରିଥିଲେ। ନାଟକ ପଠନ ପୂର୍ବରୁ ଜାତୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି)ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରଦୀପ କୁମାର ମହାନ୍ତି, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଡେପୁଟି ସେକ୍ରେଟାରୀ (ଡ୍ରାମା) ସୁମନ କୁମାର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରବୀଣ ନାଟ୍ୟନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରବୀଣ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଡଃ ସତ୍ୟବ୍ରତ ରାଉତ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଡଃ ରମେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଟ୍ୟକାର ମନ୍ମଥ ଶତପଥି, ବିଶିଷ୍ଟ ନାଟ୍ୟକାର ତଥା ଉପନ୍ୟାସକାର ମହେନ୍ଦ୍ର ଭୀଷ୍ମ, ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ଓ ଭାସ୍କର ମହାପାତ୍ରଙ୍କ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ଡଃ ପୁଷ୍ପଲତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ କଳାକାରମାନଙ୍କର ନାଟକ ପଠନ ଶୈଳୀକୁ ଶ୍ରୋତାମାନେ ଖୁବ୍ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କପିଳାସ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି

## ରାତି ୪ଟା ୨୦ରେ ମହାଦୀପ ଉଠାଣ କାର୍ଯ୍ୟ ଶେଷ ହେବ

ଢେଙ୍କାନାଳ,୨୬।୧୨(ରତନ ନାୟାର)




କପିଳାସ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ।

କପିଳାସ ପୀଠର ପ୍ରସିଦ୍ଧ ଜାଗର ଯାତ୍ରା ଆସନ୍ତା ଫେବୃଆରୀ ୧୫ ତାରିଖରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଜିଲା ପ୍ରଶାସନ ଓ ଦେବୋତର ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନ ୪ଟାରେ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆଧାତ୍ମିକ ପରିବେଶ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ଜାଗର ଯାତ୍ରାକୁ ସୁଚାରୁରୂପେ ଭାବେ ସମାପନ କରିବାକୁ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜିଲା ଦୋବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଜ ପୁରୋଧା ପଂଚାନନ ମିଶ୍ରଙ୍କ ନିତି ନିର୍ଘଣ୍ଟ ଅନୁଯାୟୀ ଜାଗର ଯାତ୍ରା ଦିବସରେ ରାତି ୩ଟା ୫୫ମିନିଟରୁ ବେଢାପୂଜା ଓ ରାତି ୪ଟା ୨୦ମିନିଟ ମଧ୍ୟରେ ପାଳିଆ ସେବକଙ୍କ ଦ୍ୱାରା ମହାଦୀପ ଉଠାଣ କାର୍ଯ୍ୟକ୍ରମ ଶେଷହେବ ବୋଲି ସ୍ଥିର ହୋଇଥିଲା। ଶ୍ରଦ୍ଧାଳୁ ମାନଙ୍କ ପାଇଁ ପାନିୟଜଳ ବ୍ୟବସ୍ଥା, ଅଗ୍ନି ନିରାପତା, ଆଲୋକ ସଜ୍ଜା, ଯାନବାହାନ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ଦୋକାନ ପାଇଁ ସ୍ଥାନର ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଆଶୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ, ବିଷଧର ସାପ ଧରିବା ପାଇଁ ଟିମ୍ ମୁତୟନ ଓ ଭଜନ ସମାରୋହ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ ଏବଂ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଭାଜପାର ଶୋକ

ଢେଙ୍କାନାଳ,୨୬।୧୨ (ରତନ ନାୟାର)

ଭାଜପାର ବରିଷ୍ଠ ନେତ୍ରୀ କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଢେଙ୍କାନାଳ ଭାଜପା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ସଭାପତି ରାସ ବିହାରୀ ବେହେରା, ଜିଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ ପ୍ରମୁଖ ଗଭୀର ଶୋକ ପ୍ରକଟ କରିବା ସହ ତାଙ୍କ ବିୟୋଗ ଓଡିଶା ଭାଜପା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବ୍ୟକ୍ତ କରିଥିଲେ।

# ଓଡ଼ିଶାବାସୀଙ୍କ ହକ୍ ପାଇଁ ଲଢ଼େଇ କରିବ ବିଜେଡି

କାମାକ୍ଷାନଗର,୨୬।୧୨ (ସୁଧୀର କୁମାର ପରିଡ଼ା)




କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅନନ୍ତପୁର ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜିଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦିବସରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ । ବିଗତ ୨୮ ବର୍ଷ ଧରି ବିଜେଡି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ଅନେକ କିଛି ଯୋଜନା କରିଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଶିକ୍ଷା, ଓ ଶିଳ୍ପ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଅନେକ କିଛି କାର୍ଯ୍ୟ କରିଯାଇଥିବା ବେଳେ ସମଗ୍ର ଦେଶରେ ଓଡିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବର୍ତ୍ତମାନ ଶାସନରେ ନ ଥିଲେ ମଧ ଓଡିଶାର ଉନ୍ନତି ତଥା ରାଜ୍ୟର ସାଢେ ଚାରି କୋଟି ଓଡ଼ିଆଙ୍କ ହକ ପାଇଁ ବିଜେଡି ସର୍ବଦା ଲଢେଇ କରିବ । ଆଗାମୀ ସମୟରେ ସମସ୍ତେ ଏକଜୁଟ ହୋଇ ଓଡିଶାର ସ୍ୱାର୍ଥ ପାଇଁ ତୃଣମୂଳ ସ୍ତରରୁ ମିଥ୍ୟାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ଦଳ ବିରୋଧରେ ଲଢେଇ ଜୋରଦାର ହେବା ନେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଭୁବନ ଏନଏସି ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ଏନଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ, ନାରିନେତ୍ରୀ ରଞ୍ଜିତା ବେହେରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଓ ପ୍ରତିଯୋଗିତା

ଭୁବନ, ୨୬।୧୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜର +୩ ବିଭାଗ ପକ୍ଷରୁ ଶୁକ୍ରବାର ବାର୍ଷିକ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ଡ଼. ପ୍ରଭାତ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବାବେଳେ ଓଡ଼ିଶାର ସୁନାମଧନ୍ୟ ଯାତ୍ରା ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କଳା ଓ କଳାକାରମାନଙ୍କର ସମାଜ ପାଇଁ ରହି ଥିବା ଅବଦାନ ଉପରେ ମାର୍ଗ ଦର୍ଶନ କରିବା ସହିତ ଏହି କଲେଜରେ ଅଧ୍ୟୟନ କରି ନିଜକୁ ଜଣେ ଶ୍ରେଷ୍ଠ ସ୍ଥାନରେ ସ୍ଥାନିତ କରିପାରି ନିଜକୁ ଧନ୍ୟ ମନେକରିଥିଲେ। କଲେଜର ଇତିହାସ ବଭାଗର ମୁଖ୍ୟ ପ୍ରଫୁଲ୍ଲ କୁମାର ଭୂୟାଁ, ଅଧ୍ୟାପକ ପ୍ରଭାତ କୁମାର ଜେନା ଓ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କଲେଜର ଛାତ୍ରୀଛାତ୍ରମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ବିକଶିତ ପାଇବା ସହିତ କଲେଜର ପରିଚୟକୁ ଆଗକୁ ନେବାରେ ସହାୟକ ହେଉଥିବା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ନାଟ୍ୟସଂସଦର ଉପସଭାପତି ଅଧ୍ୟାପକ ପାର୍ଥ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଓଡ଼ିଆ ବିଭାଗ ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ସଂସଦର ବରିଷ୍ଠ ସଦସ୍ୟ ନନ୍ଦକିଶୋର ଧୀର ମଞ୍ଚପରିଚାଳନା କରିବା ସହିତ ଛାତ୍ରୀଛାତ୍ରମାନଙ୍କ ପ୍ରେରଣା ପାଇ ନିଜେ ଭଜନ ପରିବେଷଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଚୟନ ପାଇଁ ବିଚାରକ ଭାବେ କଲେଜର ଅଧ୍ୟାପିକା କ୍ଷୀରାବ୍ଧୀମନ୍ଦା ସାହୁ, ରତ୍ନପର୍ଣ୍ଣା ପୃଷ୍ଟି, ଇନ୍ଦୁରେଖା ସାହୁ, ମନସ୍ମିତା ମହାପାତ୍ର, ଅଧ୍ୟାପକ ନିରଞ୍ଜନ ରାଉତ, ସଞ୍ଜୟ କୁମାର ସାହୁ, ପଦ୍ମନାଭ ହେରା ଏବଂ ଡ. ହରେକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ ।

# ଓପିଏସ୍ ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ପାଠଚକ୍ର

ଓଡ଼ାପଡ଼ା, ୨୬।୧୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅର୍ଥନୀତିବିଭାଗରେ 'ମୁଦ୍ରାସ୍ଫୀତି ଓ ବେକାରୀ ମଧ୍ୟରେ ଥିବା ବିପରୀତ ସମ୍ପର୍କ' ଶୀର୍ଷକ ଏକଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗମୁଖ୍ୟ ଅଧ୍ୟାପକ ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ 'ଯୁବଶକ୍ତି ଆତ୍ମନିର୍ଭରଶୀଳ ହେଲେ ବେକାରୀ ସମସ୍ୟା ଦୂର ହୋଇପାରିବ' ବୋଲି ନିଜର ବକ୍ତବ୍ୟରେ କହିଥିଲେ। ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମୁଦ୍ରାସ୍ଫୀତି ହ୍ରାସ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ସଭାପତି ସାହୁ ମୁଦ୍ରାସ୍ଫୀତି ଓ ବେକାରୀ ମଧ୍ୟରେ ଥିବା ବିପରୀତ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ନୟନା ବରାଳ ବିଷୟ ପ୍ରବେଶ କରାଇଥିଲେ। ଛାତ୍ରୀ ଜ୍ୟୋତିପ୍ରିୟା ସାହୁ ଓ ପ୍ରଜ୍ଞାସେନୀ ସାହୁ ପ୍ରବନ୍ଧପାଠ କରିଥିଲେ। ପାଠଚକ୍ର ସହସମ୍ପାଦକ ସମ୍ବିତ ରାଉଳ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଶୁଭଶ୍ରୀ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।


**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ନଂ.: ବିଆର୍-ଏଚ୍‌କ୍ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୧୩; କାର୍ଯ୍ୟର ବର୍ଣ୍ଣନା:** "ରାଞ୍ଚି ଆଦ୍ରା ମଣ୍ଡଳ" – ନିମ୍ନଲିଖିତ ସ୍ଥାନରେ @୧୦୦ କିମି/ପ୍ରତି ଘଣ୍ଟାରେ ୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର ଚଳାଚଳ ପାଇଁ ବିଦ୍ୟମାନ ସେତୁଗୁଡ଼ିକୁ କମ୍ପୋଜିଟ୍ ଗିର୍ଡର/ବାଲାଷ୍ଟେଡ୍ ଡେକ୍‌ରେ ରୂପାନ୍ତରିତ କରିବା (କ) ଓର୍ଗା-ହାତିଆ ସେକ୍ସନର ସେତୁ ନଂ. ୩୯୮ (୩x୧୮.୩ ମି) (ଖ) ହାତିଆ-ମୁରି ସେକ୍ସନର ସେତୁ ନଂ. ୩୭୮ ଡିଏନ୍ (୪x୧୮.୩ ମି) (ଗ) ବୋକାରୋ ଷ୍ଟିଲ ସିଟି-କୋଟଶିଲା ଜଙ୍କସନ୍ ସେକ୍ସନର ସେତୁ ନଂ. ୮୩ଡିଏନ୍ (୩ x ୧୮.୩ ମି) ୮୯ ଡିଏନ୍ (୧x୧୮.୩ ମି) ଏବଂ ୯୮ ଡିଏନ୍ (୨ x ୧୮.୩ ମି) (ଘ) ତଳଗରିଆ-ବୋକାରୋ ଷ୍ଟିଲ୍ ସିଟି ସେକ୍ସନର ସେତୁ ନଂ. ୧୯ (୨ x ୬.୧ ମି + ୫ x ୧୮.୩ ମି) ଏବଂ ୩୧ (୧ x ୧୮.୩ ମି) (ଙ) ଆଦ୍ରା ଗୋମୋ ସେକ୍ସନର ସେତୁ ନଂ. ୪୦୩ ୟୁପି (୨ x ୬.୧୦ ମି + ୨ x ୧୨.୨ ମି + ୧ x ୧୮.୩ ମି)"; **ଟେଣ୍ଡର ମୂଲ୍ୟ:** ₹୫୦,୯୯,୮୮,୩୪୮.୯୮; **ଅମାନତ ରାଶି:** ₹୨୭,୦୦,୦୦୦.୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୩୦।୦୧।୨୦୨୬ – ୧୧.୩୦ ଘଟିକା; **ସମାପ୍ତି ଅବଧି:** ୧୮ (ଅଠର) ମାସ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଏହି ଟେଣ୍ଡରର ସ୍ଥିତି ଜାଣିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-999)

**WANTED**
SECURITY POSTS AT BHUBANESWAR, GOPALPUR, GIRISOLA, JAJPUR, DAMANJODI, CHANDIKHOLE & BALASORE.
Contact:
Mob.: 8885039625 in 10 Days.

**WANTED**
ଭୁବନେଶ୍ୱରରେ ରୋଗୀ ସେବା ଓ ଘରକାମ ପାଇଁ ଝିଅପିଲା ଆବଶ୍ୟକ । (ବୟସ ୩୦ ଭିତରେ) ।
Mobile- 6371887781

**ଆବଶ୍ୟକ**
ପ୍ରତିଷ୍ଠିତ ଭାଇଭାଇ ରସଗୋଲା ଆଣ୍ଡ୍ ଟିଫିନ ସେଣ୍ଟର, ଲୁଇସ୍ ରୋଡ, ଭୁବନେଶ୍ୱର, ମେନ୍‌ରୋଡ, କେଦାର ଗୌରୀ ମନ୍ଦିର ନିକଟ ପାଇଁ ପିଲା ଦରକାର।
୧. ମ୍ୟାନେଜର, ୨. Billing & Accounting - ପୁଅ/ଝିଅ,
୩. ଦୋସା, ଛଣାଛଣି ଓ ଖାରା ମିସ୍ତ୍ରି,
୪. ସପ୍ଲାୟର, ୫. ରେଷ୍ଟୁରାଣ୍ଟ ମଜା ସଫା କରିବା ପିଲା ଆବଶ୍ୟକ।
ଯୋଗାଯୋଗ: 9861941304, 6371316767

**LEPRA SOCIETY requires**
Male ORW for Target Intervention (IDU) project, Bhubaneswar.
Qualification & Experience:- 8th standard or above having 2yrs of experience in social sector.
Salary :- Rs.10, 500/-(PM)
Apply to hrd@leprahealthinaction.in by 31st December 2025. For apply detail visit www.leprasociety.in (Careers column)

**Admission Open! Admission Open!!**
From Play Group to Class-8
**St.Xaviers Public School**
Mundeilo, Parjang, Dkl.
Urgent requirement for CBSE Pattern
Principal-01.
Med BEd (2-5 yr. Experience)
Teacher-04. (Bsc Bed./Msc/Bsc)
Contact : 8260211012/7477211012

**ଶେଫ୍/ହେଲ୍ପର ଆବଶ୍ୟକ**
ଇଣ୍ଡିଆନ୍। ଚାଇନିଜ୍। ତନ୍ଦୁର। କଣ୍ଟିନେଣ୍ଟାଲ୍
ଦରମା : 12,000 ରୁ 15,000 + ଇନ୍‌ସେଣ୍ଟିଭ୍
**ରାନ୍ଧୁଣୀ/ହେଲ୍ପର ଆବଶ୍ୟକ**
ରୋଟି। ପରଠା। ରୋଲ୍ସ। ରାଉଣ୍ଡ ମିଲ୍
ଦରମା : 7,000 ରୁ 10,000 + ଇନ୍‌ସେଣ୍ଟିଭ୍
ସ୍ଥାନ : ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଯୋଗାଯୋଗ : 8144327308/9861244466

**ODISHA HYDRO POWER CORPORATION LTD.**
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E. PROJECT
AT/P.O.: BARINIPUT, DISTRICT: KORAPUT, PIN - 764006, PHONE: (06854) 242001, FAX: (06854) 242038
REGD. OFFICE: ODISHA HYDRO POWER CORPORATION LTD.
JANPATH, BHOINAGAR, BHUBANESWAR - 751022
TELEPHONE: 0674-2542802, 3542826, 2545536, FAX: 0674-2542102
CIN: U40101OR1995SGC003963

**NOTICE INVITING TENDER No. 41/25-26 Date: 22.12.2025**

No. CAD-2826: Sealed tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers/Authorized Dealers/Channel Partners from L.K./L&T/other reputed make for "Supply of 08 Nos. ACBs of different ratings (800A, 1600A, 2000A) including installation, testing & commissioning of 03 Nos. supplied 800A ACBs at UKHEP" as per Technical Specifications and Dimensions.

| Sl. No. | Description | Cost of Tender Paper (Rs.) | EMD amount (in Rs.) |
|---|---|---|---|
| 01 | "Supply of 08 Nos. ACBs of different ratings (800A, 1600A, 2000A) including installation, testing & commissioning of 03 Nos. supplied 800A ACBs at UKHEP" | Rs.7080/- (Rs.6000/- + GST @ 18%) | Rs.27,000/- |

Sale of tender paper : From 29.12.2025 to 11.00 hrs. of 12.01.2026
Last date of submission of tender : Upto 12.00 hrs. of 12.01.2026
Date & time of opening of tender : At 12.30 hrs. of 12.01.2026
For details of the tender documents, terms and conditions & corrigendum please visit our website **www.ohpcltd.com**.
OIPR-04002/11/0135/2526 Sd./- C&P HEAD, UKHEP, Bariniput

**कार्यपालक अभियंता का कार्यालय, लघु सिंचाई प्रमण्डल, लोहरदगा।**
(E -MAIL ID – midloh632@gmail.com)

**शुद्धि पत्र**

इस कार्यालय के पत्रांक 832 लोहरदगा, दिनांक 06.12.2025 निविदा आमंत्रण सूचना सं0 WRD/MID/LOHARDAGA/F2-26/2025-26 Date 06.12.2025 जो दैनिक समाचार पत्रों में PR NO. 367989 (Lohardaga) 25-26 (D) में प्रकाशित है को अपरिहार्य कारणें से निम्न प्रकार संशोधित किया जाता है :–

| क्र0सं0 | विवरण | पूर्व में अंकित निविदा की तिथि एवं समय | संशोधित निविदा की तिथि एवं समय |
|---|---|---|---|
| 1. | वेबसाइड में ई–निविदा प्रकाशन की तिथि/समय | दिनांक 24.12.2025 अपराह्न 5.00 बजे तक। | दिनांक 27.12.2025 अपराह्न 2.00 बजे तक। |
| 2. | ई–निविदा प्राप्त करने की अंतिम तिथि/समय | दिनांक 01.01.2026 अपराह्न 5.00 बजे तक। | दिनांक 02.01.2026 अपराह्न 5.00 बजे तक। |
| 3. | ऑनलाइन ई–निविदा शुल्क एवं EMD जमा करने की अंतिम तिथि/समय | दिनांक 01.01.2026 अपराह्न 5.00 बजे तक। | दिनांक 02.01.2026 अपराह्न 5.00 बजे तक। |
| 4. | ई–निविदा खोलने की तिथि/समय | दिनांक 03.01.2026 अपराह्न 2.00 बजे तक। | दिनांक 05.01.2026 अपराह्न 2.00 बजे तक। |

अन्य शर्त्ते यथावत् रहेगा।
कार्यपालक अभियंता, लघु सिंचाई प्रमण्डल, लोहरदगा।
PR 369445 (Lohardaga) 25-26 (D)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

**CORRIGENDUM - 3**

This is to inform all prospective bidders that certain provisions of the Request for Proposal (RFP) have been modified and are indicated in Corrigendum, published on the e-Procurement website of the Government of Jharkhand for the subject tender.
Bidders are advised to take due note of these modifications, along with the Date Corrigendum, while preparing and submitting their bids against this tender.
**Note:** All other terms and conditions of the RFP remain unchanged.
Sd/- Project Director (Technical) JUIDCO Ltd.
PR 369456 (Urban Development) 25-26 (D)

झारखण्ड सरकार
**कार्यालय:– असैनिक शल्य चिकित्सक सह मुख्य चिकित्सा पदाधिकारी, धनबाद।**
दूरभाष सं0 9431711098 ई–मेल:– cs.dhanbad@gmail.com

**Bidding Document No:- 3341** **Date:- 26-12-2025**

1. Civil Surgeon, Dhanbad (Tender inviting Authority-TIA) invites sealed Bids in two part systems for "**Selection of Agency for Providing Nursing Services, Paramedical Staffs & Other Technical Staffs in Sadar Hospital and CHCs** through e-tender as detailed in the Bidding Document under section Scope of work.
2. **Brief Scope of Work:-** The aim and objective is to provide Nursing Services, **Paramedical Staffs & Other Technical Staffs** in the Health Units of the **Sadar Hospital and CHCs of Dhanbad** detailed under the section Scope of work.
3. **Award Methodology**:- Bidder shall be awarded considering least cost to **Sadar Hospital and CHCs** i.e. L1 (Lowest Bidder). Bidder qualifying the Technical bid and meeting the pre-Qualifying criteria shall only be considered for opening of Price Bids. For details regarding "Methodology for selection of Contractor" refer section No. E on **Instruction to Bidders (ITB).**
4. **Salient Features of Bidding Document:-**

| Sl. No. | Details | Timelines/other Particulars |
|---|---|---|
| a. | **Bidding Document Fee (Non-Refundable)** | **Rs. 5,000/- (Rupees Five Thousand)** in the form of crossed demand draft in favor of " Civil Surgeon Cun CMO, Dhanbad", payable at - Dhanbad should be deposited before uploading the bid in the e-procurement portal of the Tender Inviting Authority. |
| b. | **Bid Security/Earnest Money Deposit (EMD)** | **Rs. 1550000 (Fifteen Lakh Fifty Thousand)** in the form of demand draft in favour of Civil Surgeon Cum CMO, Dhanbad , payable at DHANBAD should be deposited before opening of the technical bid. |
| c. | **Pre-Bid Conference** | 05-01-2026 at 3:00 P.M. in the office of the Civil Surgeon, Seminar Hall, Dhanbad. |
| d. | **Last Date and time for submission of Bids** | 19-01-2026 till 5:00 P.M. |
| e. | **Opening of Technical Bid-PART A** | 21-01-2026 at 3:00 P.M. in the office of the Civil Surgeon Office, Dhanbad. |

Sd/- Civil Surgeon Cum CMO, Dhanbad.
PR 369469 (Health Med Edu and Family Welfare) 25-26 (D)

**यूनियन बैंक ऑफ इंडिया Union Bank of India** भारत सरकार का उपक्रम A Government of India Undertaking
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।
ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୦୧.୨୦୨୬ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ /** **ରଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ,** ସା: କୁଞ୍ଜକଣ୍ଠା, ସଦର ଆର୍‌ଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ /**ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଠା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୫,୦୭,୩୩୧.୪୪** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର ୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ | ଟ.୮,୬୭,୦୦୦/- / ଟ.୮୬,୭୦୦/- / ଟ.୮,୬୭୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ଶର୍ମା ଛକ ତାଳଚେର ଶାଖା, ମୋ.: ୯୫୫୮୮୫୫୯୫୮ /** **ରଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, **୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୦୩ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୬,୮୭,୦୧୯.୧୭** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚତୁଇତା ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ | ଟ.୫,୧୪,୦୦୦/- / ଟ.୫୧,୪୦୦/- / ଟ.୫,୧୪୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୦୧.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପଡ୍ କରି ଦାଖଲ କରିବେ
ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ
ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com & https://www.unionbankofindia.bank.in/auction-property/view-auction-property.aspx** ଦେଖନ୍ତୁ।
ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।
ସ୍ଥାନ: କଟକ, ତାରିଖ: ୨୬.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପା ସରକାରରେ ଅପରାଧ ବଢ଼ିଛି, ନ୍ୟାୟ ମିଳୁନି: ବିଜେଡି

ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ସହରସ୍ଥିତ ଆରଟିଓ କାର୍ଯ୍ୟାଳୟ ନିକଟସ୍ଥ ପୌର ପରିଷଦ ଅଡିଟୋରିୟମରେ ବିଜେଡି ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ ଯେ, କଂଗ୍ରେସ ସରକାରଙ୍କ ସମୟରେ ଓଡିଶାର ଋଣଭାର ୭୮ହଜାର କୋଟି ରହିଥିଲା । ସବୁଥିରେ ଆମେ ପଛୁଆ ଥିଲେ। ୨୦୦୦ ପରେ ନବୀନ ପଟ୍ଟନାୟକଙ୍କ ସରକାର ଆସିଥିଲା। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବ୍ୟକ୍ତି ଓ ମହିଳାମାନଙ୍କ ବିକାଶକୁ ନବୀନ ପଟ୍ଟନାୟକଙ୍କ ସରକାର ଅଗ୍ରାଧିକାର ଦେଇଥିଲେ। ଏକ ଟଙ୍କାରେ ଚାଉଳ ଯୋଗାଣ ପ୍ରଥମେ ଆରମ୍ଭ କରିବା ସହିତ ଅଙ୍ଗନୱାଡି ଚାକିରି ସୃଷ୍ଟି କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିଥିଲେ ଏବଂ ଋଣ ପ୍ରଦାନ କରି ସେମାନଙ୍କୁ ଉଦ୍ୟୋଗୀ କରିବାର ବାଟ ଫିଟାଇଥିଲେ ।




ଫଳରେ ସୁଶାସନ ଚାଲିଥିଲା। ନୂତନ ସରକାର ଆସିବାର ୧୮ମାସ ବିତିଲା । ୧୮ମାସରେ କ'ଣ ହୋଇଛି, ସମସ୍ତେ ଦେଖି ସାରିଲେଣି । ଅପରାଧ ବଢ଼ିବାରେ ଲାଗିଛି । ଲୋକଙ୍କୁ ନ୍ୟାୟ ମିଳୁନି। ବିଜୁ ଜନତା ଦଳ ସବୁବେଳେ ଏକ୍‌ହୋଇ ରହିବ । ସମସ୍ତେ ସୁସଂଗଠିତ ହୋଇ ଦଳକୁ ସୁଦୃଢ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଯୁବନେତା ଡା. ଅବିନାଶ ସାମଲ କହିଲେ ଯେ, ଡବଲ ଇଞ୍ଜିନ ସରକାରର ଗୋଟିଏ ବଡ଼ ଇଞ୍ଜିନ ଗୁଜୁରାଟକୁ ଯାଇଛି । ଓଡିଶାର ଖଣି, ଖାଦାନ ଗୁଜୁରାଟକୁ ରପ୍ତାନୀ ହେଉଛି, ଯେଉଁଥିରେ କି ଆଦାନୀ, ଅମ୍ବାନୀ ଲାଭବାନ ହେଉଛନ୍ତି। ବିଜେଡି ସମୟରେ ଆମର ଖଣି, ଖଦାନରୁ ମିଳୁଥିବା ରାଜସ୍ୱକୁ ନବୀନ ପଟ୍ଟନାୟକ ଓଡିଶାରେ ସ୍ୱାସ୍ଥ୍ୟସେବା, କ୍ରୀଡା, ଯୁବଗୋଷ୍ଠୀଙ୍କ ବିକାଶ ଓ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଥିଲେ । ଆଜି ରାଜ୍ୟର ଖଣି, ଖଦାନରୁ ଆସୁଥିବା ରାଜସ୍ୱ ବାହାରକୁ ଯାଉଥିବା ବେଳେ ଆଉକିଛି ନେତାଙ୍କ ପକେଟରେ ପଶୁଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ କହିଲେ ଯେ, ଗତ ବିଜେଡି ସରକାର ସମୟରେ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଥିଲା । ବର୍ତ୍ତମାନ ମହିଳାମାନଙ୍କ ଉପରେ ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦିପ କୁମାର ଷଡଙ୍ଗୀ, ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଆଇନସେଲ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନାରା ଓ ଅଶୋକ ପରିଡାଙ୍କ ସମେତ ବ୍ରହ୍ମାନନ୍ଦ ସାହୁ, ଅଖିଳ କୁମାର ଲେଙ୍କା, ପ୍ରଦୀପ ରାଉତ, ସୁକାନ୍ତ କୁମାର ମିଶ୍ର, ଯେଶସେ ସାହୁ, ଶୁଭଦର୍ଶିନୀ ପରିଡା, ଲିପିକା ଦାସ ଓ ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ । ନଗର ବିଜେଡି ସଭାପତି ବିନୋଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦେବାଶିଷ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ନରୋତ୍ତମ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗଙ୍ଗାଧର ରାଉତ, ଶ୍ରୀକାନ୍ତ ଧଳ, ଅଜୟ ଭଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓମ୍‌ସା ଡାକ୍ତରଙ୍କ ଆନ୍ଦୋଳନ ତେଜିଲା

ଢେଙ୍କାନାଳ,୨୬।୧୨ (ରତନ ନାୟାର)



ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦିବା ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଢେଙ୍କାନାଳ ଜିଲା ଡାକ୍ତର ସଂଘ ପକ୍ଷରୁ ଓଡିଶା ମେଡିକାଲ୍ ସର୍ଭିସ୍ ଆସୋସିଏଶନ୍ (ଓଏମ୍‌ସା)ର ନିର୍ଦ୍ଦେଶ କ୍ରମେ ସମସ୍ତ ବର୍ହିବିଭାଗ ବନ୍ଦ କରାଯାଇଛି । କିନ୍ତୁ ଜରୁରୀକାଳୀନ ସେବା ଯୋଗାଇ ଦିଆଯାଇଥିଲା। ଯେ ପର୍ଯ୍ୟନ୍ତ ସରକାର ଡାକ୍ତରମାନଙ୍କ ୧୩ଦଫା ଦାବି ପୂରଣ ନ କରିଛନ୍ତି ଓମ୍‌ସାର ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ଚାଲୁ ରହିବ । ଏହି ଆନ୍ଦୋଳନରେ ଡା. ନୀଳମଣି ଦିଲ୍ଲୀପଚାନ୍ଦ ବେହେରା, ଡା. ରଞ୍ଜନ କୁମାର ସାମଲ, ଡା. ସତ୍ୟ ନାରାୟଣ ମହାପାତ୍ର, ଡା. ପ୍ରଦ୍ୟୋତ ବେହେରା, ଡା. ଅଭିମନ୍ୟୁ ଆଚାର୍ଯ୍ୟ, ଡା. ନମିତା ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ପୁସ୍ତକ 'ବିବାହ ବିଧି'ର ଲୋକାର୍ପଣ ଉତ୍ସବ

ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ରାଜବାଟି ରାଜ ଉଦ୍ୟାନଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓ ଓ ରାଣୀ ସାବିତ୍ରୀ ଦେବୀଙ୍କ କରକମଳରେ ନାରୀକବି ସୁମିତା ରାୟ ପଟ୍ଟନାୟକଙ୍କ ପୁସ୍ତକ ବିବାହ ବିଧି ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି । ଏ ଅବସରରେ ରାଜା ସାହାବ ତାଙ୍କର ବାଲ୍ୟ ଜୀବନର ଗୁରୁ କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ସ୍ମୃତିକୁ ଆଣିବା ସହ ତାଙ୍କର ପୁତ୍ରବଧୂ ସୁମିତାଙ୍କର ନୀତିନିୟ ବିଧିବିଧାନକୁ ନେଇ ବିବାହ ବିଧିର ଭୂୟସୀ ପ୍ରଶଂସା କରିଥିଲେ । ଏ ଅବସରରେ କବି ଭୂଷଣ ସ୍ମୃତି ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ, ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ତପନ କୁମାର ଶତପଥୀ, ସଂସଦର ଉପସଭାପତି ଡ. ପ୍ରମୋଦ କୁମାର ନାୟକ, ଶିବାନନ୍ଦ ଆଶ୍ରମ ସପ୍ତଶଯ୍ୟାସ୍ଥିତ ରାମ ଶରଣ, ସପ୍ତଶଯ୍ୟାସ୍ଥିତ ଜଗନ୍ନାଥ ମଠର ଅଧ୍ୟକ୍ଷ ସ୍ୱାମୀ ବୈରାଗ୍ୟାନନ୍ଦ, କବି ଅଥୟ କୁମାର ସାହୁ, ସୌମ୍ୟବ୍ରତ ସାହୁ, କବି ଆଲୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।


ଢେଙ୍କାନାଳ ରାଜବାଟି ରାଜ ଉଦ୍ୟାନ ପରିସରରେ 'ବିବାହ ବିଧି' ପୁସ୍ତକକୁ ଲୋକାର୍ପଣ କରାଯାଉଛି।

# ଭାଜପା ନଗର ମଣ୍ଡଳ ପକ୍ଷରୁ ବନ ମହୋତ୍ସବ

ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ଭାଜପା ନଗରମଣ୍ଡଳ ତରଫରୁ ସ୍ଥାନୀୟ ସିମିଳିଆସ୍ଥିତ ଯତନ ନଗରଠାରେ ନଗର ମଣ୍ଡଳ ସଭାପତି ବିକାଶ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବନ ମହୋତ୍ସବ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜନ ହୋଇଥିଲା। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ଏମ୍‌ପି ରୁଦ୍ର ନାରାୟଣ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ନଗର ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୌରାଞ୍ଚଳରେ ୪ବର୍ଷ ଭିତରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ବରିଷ୍ଠନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ କୁମାର ମହାନ୍ତି, ସୁରେଶ ପାଣିଗ୍ରାହୀ, ପୂର୍ବତନ ଜିଲା ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରହ୍ଲାଦ ତ୍ରିପାଠୀ, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୪ନଂ ୱାର୍ଡର ବିଜେଡିର ବରିଷ୍ଠ ନେତା ଅଶୋକ କୁମାର ଦାଶ ଓ ରତ୍ନପ୍ରଭା ଆଇଚ୍ ଭାଜପାରେ ସାମିଲ ହେବାପରେ ସେମାନଙ୍କୁ ଦଳୀୟ ଟୋପି ଓ ଉତରୀୟ ଦେଇ ମନ୍ତ୍ରୀ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ରାଜ୍ୟ ପରିଷଦ ସଦସ୍ୟା ଭାରତୀ ସ୍ୱାଇଁ, ଜିଲା ସାଧାରଣ ସଂପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ ଓ ଜ୍ଞାନ ରଞ୍ଜନ ନାୟକ, ଜିଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ, ବରିଷ୍ଠ ନେତା ସତ୍ୟବାନ ପାତ୍ର, ସୁଚିତ୍ର ବେହେରା, ରଞ୍ଜନ କୁମାର ସାହୁ, ମମତା ସାହୁ, ମଧୁସ୍ମିତା ପୁହାଣ, ସମରେନ୍ଦ୍ର ଶତପଥୀ, ଦେବାଶିଷ ପାଣି, ଦୀପକ ପଟ୍ଟନାୟକ, ଜିଲା ସମ୍ପାଦିକା ପ୍ରଣତି ସାହୁ, କାଉନ୍‌ସିଲର ବଳରାମ ସେଠୀ, ମମତା ସାହୁ, ଲକ୍ଷ୍ମୀପ୍ରିୟା ଦଳେଇ, ସୂର୍ଯ୍ୟପ୍ରତାପ ରାଉତ, ଅନିତା ମଲ୍ଲିକ, ପ୍ରତାପ ନାଏକ, ସୁଚିତ୍ରା ମଲ୍ଲିକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।





# Classified Everyday
0674-2580101, 9692975378




REAL ESTATE

**SALE**

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/- ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟ 200ଫୁଟ ରାସ୍ତାପାଖରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2958

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

ROJALINI PANDIA, W/o.- GANESH KUMAR PANDIA, At- Mendhasala, P.O.- Mendhasala, P.S.- Chandaka, Bhubaneswar, Dist.- Khordha, PIN- 752054, Odisha, I do declare by this affidavit No.- 77AA 666563 dated on 28.11.2025 Rojalini Pandia and Rojalin Pandia same and one person. I shall be known as Rojalini Pandia for all purposes. D-2953

By virtue of an affidavit sworn before Notary Public, Rayagada, dated- 23.12.2025, I, Mousami Pattnaik, Address- Brahmin Street, Near DWO Office, Rayagada, P.S./Tahsil/ District- Rayagada, PIN- 765001 declare that I have changed my name from Masumi Patnayak to Mousami Pattnaik. Henceforth, I shall be known as new name Mousami Pattnaik for all purpose.
Mousami Pattnaik D-2955

By virtue of an affidavit sworn before (Executive Magistrate), RAYAGADA, dated- 20.12.2025, I, RITA BIDIKA, Address: AT- JAGANNATHPUR, P.O.- PITAMAHAL, P.S.- SESHKAL, DIST.- RAYAGADA, ODISHA- 765002 declare that I have changed the name of my daughter from PRACHI JAKAKA to RESHMA JAKAKA. Henceforth, she shall be known as RESHMA JAKAKA for all purposes.
Rita Bidika D-2954

By virtue of an affidavit sworn before the Executive Magistrate, Belpada, No. 786, Dtd.- 11.08.25, I, Pabitra Meher, R/o. At/P.O.- Kapani, P.S.- Belpada, Dist.- Balangir, Odisha, PIN- 767026 declare that I have changed the name of my son from Bhutesh Meher to Sanjit Meher. Henceforth, he shall be known as Sanjit Meher for all purposes.
Pabitra Meher D-2956

I, Anup Agrawal, S/o.- Gobind Ram Agrawal, resident of Balika School Pada, Ward No.8, P.O./P.S.- Khariar, Dist.- Nuapada, PIN- 766107, Odisha declare by this Affidavit No.7547, Dtd.- 10.11.2025 that now onwards I shall be known as Anup Kumar Agrawal for all future purposes. D-2957

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ବିଷ୍ଣୁପ୍ରିୟା ସିଂହ
ଶାସନ ପଡିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୭।୦୪।୧୯୫୨
ତିରୋଧାନ: ୨୯।୧୨।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ
ଧ-୨୯୫୧

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

୰ମୃତ୍ୟୁଞ୍ଜୟ ପାଢ଼ୀ (ବାବାଜୀ)
ମାଟିମଣ୍ଡପ ସାହି, ପୁରୀ
ଆବିର୍ଭାବ: ୧୯୫୦
ତିରୋଭାବ: ୧୮.୧୨.୨୦୨୫
ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ରବି ନାରାୟଣ ପାଢ଼ୀ (ବାବୁ) ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୯୫୩

୧୮ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ରତ୍ନପ୍ରଭା ଧଳ
ଜଗନ୍ନାଥରୋଡ, ଢେଙ୍କାନାଳ
ସ୍ୱାମୀ- ସୁଧାକର ଧଳ
ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କର ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୯୫୨

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## LEGAL NOTICE

Letter No. 4041, 26.12.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୫୫୩/୨୦୨୩
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସୁଧାଂଶୁ ଶେଖର ଦାସ ....... ବାଦୀ
ବନାମ
ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ ......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୪. ଅର୍ଜୁନ ସ୍ୱାଇଁ, ପିତା- ସ୍ୱର୍ଗତ ଭଗବାନ ସ୍ୱାଇଁ, ୧୩. ପଞ୍ଚେଇ ସ୍ୱାଇଁ, ପିତା- ସ୍ୱର୍ଗତ ଶୈଳେନ୍ଦ୍ର ସ୍ୱାଇଁ, ୧୮. ମଇନି ସ୍ୱାଇଁ, ସ୍ୱାମୀ- ସ୍ୱର୍ଗତ ଶୈଳେନ୍ଦ୍ର ସ୍ୱାଇଁ, ୧୯. ରବୀନ୍ଦ୍ର ସ୍ୱାଇଁ, ୨୦. ଗଜେନ୍ଦ୍ର ସ୍ୱାଇଁ, ୨୧. ଭଜେନ୍ଦ୍ର ସ୍ୱାଇଁ, ପ୍ରତିବାଦୀ ନଂ. ୧୯ରୁ ୨୧ ପିତା- ସ୍ୱର୍ଗତ ପୁରୁଷୋତ୍ତମ ସ୍ୱାଇଁ, ପ୍ରତିବାଦୀ ନଂ.ଙ୍କ ଠିକଣା: ଗ୍ରାମ- ପାଣ୍ଡରା ସାମିଲ, ଚକେଇସିଆନି ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୩।୦୨।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ସହିଦ ନଗର, ମୌଜା- ଗାଡ଼କଣା
ସାବକ: ଖାତା ନମ୍ବର- ୫୩୮, ପ୍ଲଟ୍ ନମ୍ବର- ୩୦୧୧, କିସମ- ବିଆଳି ଦୋଫସଲ, ରକବା- ଏ୦.୩୦୦ ଡେସିମିଲରୁ ଏ୦.୧୫୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍। ହାଲ୍: ଖାତା ନମ୍ବର- ୮୦, ପ୍ଲଟ୍ ନମ୍ବର- ୬୨୨୩, କିସମ- ଶାରଦ ଅଣଜଳସେଚିତ ଏକ, ରକବା- ଏ୦.୧୨୦ ଡେସିମିଲରୁ ଏ୦.୧୨୦ ଡେସିମିଲ, ପ୍ଲଟ୍ ନମ୍ବର- ୬୨୪୬, ରକବା- ଏ୦.୧୮୦ ଡେସିମିଲରୁ ଏ୦.୦୩୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା: ୨୬।୧୨।୨୦୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୯୫୯

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟା: ନିନ୍ଦାକଲା ଭାରତ

ନୂଆଦିଲ୍ଲୀ,୨୬।୧୨

ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ହିଂସାକାଣ୍ଡ ବଢ଼ିଥିବାରୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର କଡ଼ା ଶବ୍ଦରେ ଏହାର ନିନ୍ଦା କରିଛି। ଏହାକୁ ଗଣମାଧ୍ୟମର ଅତିଶୟୋକ୍ତି କିମ୍ବା ରାଜନୈତିକ ହିଂସା କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ମନ୍ତ୍ରଣାଳୟ ଚେତାବନୀ ଦେଇଛି। ବାଂଲାଦେଶରେ ଇତିମଧ୍ୟରେ ୨ ଜଣ ହିନ୍ଦୁଙ୍କୁ ପିଟି ହତ୍ୟା କରାଗଲାଣି। ଏନେଇ ଆମେ ବାଂଲାଦେଶର ମିଛ ବର୍ଣ୍ଣନାକୁ ପ୍ରତ୍ୟାଖ୍ୟାନ କରି ମନ୍ତବ୍ୟ ଜାରି କରିଥିଲୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

ଗତ ୧୮ ତାରିଖରେ ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ବୁଧବାର ରାତିରେ ଅମ୍ରିତ୍ ମଣ୍ଡଳ ନାମକ ଅନ୍ୟ ଜଣେ ହିନ୍ଦୁଙ୍କୁ ପିଟି ମାରିଦିଆଯାଇଛି। ସେଠାରେ କେବଳ ହିନ୍ଦୁ ନୁହନ୍ତି, ଖ୍ରୀଷ୍ଟିଆନ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ମଧ୍ୟ କଠୋରପନ୍ଥୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ହିନ୍ଦୁଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଆଇନର କାଠଗଡ଼ାକୁ ଅଣାଯାଉ ବୋଲି ଜୟସ୍ୱାଲ ଦାବି କରିଛନ୍ତି। ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ସଂଖ୍ୟାଲଘୁଙ୍କୁ ହତ୍ୟା, ସେମାନଙ୍କ ଗୃହଦାହ ଏବଂ ଜମି ଦଖଲ ଆଦି ୨,୯୦୦ ହିଂସା ଘଟଣା ଘଟିଲାଣି। ଏଗୁଡ଼ିକୁ ଗଣମାଧ୍ୟମର ଅତ୍ୟଧିକ ବର୍ଣ୍ଣନା କିମ୍ବା ରାଜନୈତିକ ହିଂସା କହି ଏଡାଇ ଦିଆଯାଇ ନ ପାରେ ବୋଲି ବହିର୍ବ୍ୟାପାର ମୁଖପାତ୍ର କହିଛନ୍ତି।

## ବାଂଲା ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଆଗରେ ହିନ୍ଦୁଙ୍କ ରାଲି

କୋଲକାତା,୨୬।୧୨(ପି.ଟି.)

ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ ବିରୋଧରେ ହିନ୍ଦୁ ସଂହତି ସଂଗଠନର କର୍ମୀମାନେ କୋଲକାତାସ୍ଥିତ ବାଂଲାଦେଶ ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ବାହାରେ ଶୁକ୍ରବାର ବିକ୍ଷୋଭ ରାଲି କରିବା ସହ ୬ ସୂତ୍ରୀ ଦାବିପତ୍ର ଦେଇଛନ୍ତି। ସଂଗଠନର ୩ ଜଣ ପ୍ରତିନିଧି କୂଟନୈତିକ ମିଶନର ଜଣେ ବରିଷ୍ଠ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୮ ତାରଖରେ ମେମେନ୍‌ସିଂରେ ଦୀପୁଚନ୍ଦ୍ର ଦାସଙ୍କୁ ହତ୍ୟା ଘଟଣାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ଦାବି କରାଯିବା ସହ ସଂଖ୍ୟାଲଘୁ ଓ ସେମାନଙ୍କ ଧର୍ମୀୟ ଅନୁଷ୍ଠାନଗୁଡ଼ିକର ସୁରକ୍ଷା ପାଇଁ ଦାବି ଉକ୍ତ ସ୍ମାରକପତ୍ରରେ ରହିଛି। ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ବିରୋଧରେ ଗୁଜବ ପ୍ରଚାର ବନ୍ଦ କରାଯିବାକୁ ମଧ୍ୟ ହିନ୍ଦୁ ସଂହତି ସଂଗଠନ ଦାବି କରିଛି।

## ଜାପାନ ଫ୍ୟାକ୍ଟ୍ରିରେ ଆକ୍ରମଣ: ୧୫ ଆହତ

ଟୋକିଓ,୨୬।୧୨

କେନ୍ଦ୍ରୀୟ ଜାପାନର ମିଶିମା ସହରରେ ଥିବା ଏକ ରବର ଫ୍ୟାକ୍ଟ୍ରିରେ ଶୁକ୍ରବାର ଛୁରାମାଡ଼ ଓ ଏକ ତରଳ ପଦାର୍ଥ ସ୍ପ୍ରେ ଯୋଗୁ ୧୫ ଜଣ ଆହତ ହୋଇଛନ୍ତି। ଛୁରାମାଡ଼ରେ ଆହତ ୮ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳ ତରଳପଦାର୍ଥ ସ୍ପ୍ରେରେ ଆହତ ୭ ଜଣଙ୍କୁ ଚିକିତ୍ସା ପାଇଁ ନିଆଯାଇଛି। ଆକ୍ରମଣରେ ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ତେବେ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଆକ୍ରମଣର କାରଣ ଜଣାପଡ଼ିନାହିଁ। ସେହିପରି ସ୍ପ୍ରେ କରାଯାଇଥିବା ତରଳ ପଦାର୍ଥ କ'ଣ ତାହା ମଧ୍ୟ ସ୍ପଷ୍ଟ ହୋଇ ନଥିବାବେଳେ ତାହା ବ୍ଲିଚ୍ ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ ବୋଲି ବିଶ୍ୱାସ କରାଯାଉଛି। କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି।

## ଶିକ୍ଷକଙ୍କୁ ଗୁଳିକରି ହତ୍ୟା

ଆଲିଗଡ଼,୨୬।୧୨

ଉତ୍ତରପ୍ରଦେଶର ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଜଣେ ସ୍କୁଲ୍ ଶିକ୍ଷକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଡାନିସ୍ ରାଓ ୧୧ବର୍ଷ ହେଲା ଏବିକେ ହାଇସ୍କୁଲ୍‌ରେ କମ୍ପ୍ୟୁଟର ସାଇନ୍ସ ପଢ଼ାଉଥିଲେ। ରାତିରେ ରାଓ ୨ ସହକର୍ମୀଙ୍କ ସହ ଭ୍ରମଣରେ ଯାଇଥିବାବେଳେ ୨ ଜଣ ସ୍କୁଟରରେ ଆସି ତାଙ୍କୁ ଗୁଳି ଚଳାଇବା ସହ ଏଥର ଆମକୁ ଚିହ୍ନିପାରିବ ବୋଲି କହିଥିଲେ।

ଦିଲ୍ଲୀରେ ଆଜି



ଉନ୍ନାଓ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ କୁଲ୍‌ଦୀପ ସିଂ ସେନ୍‌ଗାରଙ୍କୁ ଦିଲ୍ଲୀ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବାରୁ ଏହାର ପ୍ରତିବାଦରେ ହାଇକୋର୍ଟ ଗେଟ୍ ନଂ ୫ ବାହାରେ ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି। (ଫଟୋ : ଚମନ ଗୌତମ)

# କୋଭିଡ୍ ପରେ ପ୍ରଦୂଷଣ ସବୁଠୁ ବିପଦ

ନୂଆଦିଲ୍ଲୀ,୨୬।୧୨(ପି.ଟି.)

ଭାରତରେ କୋଭିଡ୍-୧୯ ମହାମାରୀ ବୃହତ୍ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଥିଲା। ଏହା ପରେ ବର୍ତ୍ତମାନ ବାୟୁ ପ୍ରଦୂଷଣ ଜନସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼ ବିପଦ ରୂପେ ଉଭା ହୋଇଛି। ଜରୁରୀ ପଦକ୍ଷେପ ନିଆ ନ ଗଲେ ଏହା ପ୍ରତିବର୍ଷ ଆହୁରି ଖରାପ ସ୍ଥିତି ଉପୁଜାଇବ ବୋଲି ବ୍ରିଟେନ୍‌ରେ ଥିବା ଜଣେ ଭାରତୀୟ ବଂଶୋଦ୍ଭବ ଡାକ୍ତର ସତର୍କ କରାଇଛନ୍ତି।

ପ୍ରଦୂଷଣ ବଢ଼ିଚାଲିଥିବାବେଳେ ବାହୁବାହକ ରୋଗଗୁଡ଼ିକର ଉପଯୁକ୍ତ ନିଦାନ ହୋଇପାରୁ ନ ଥିବାରୁ ଚିକିତ୍ସା ମଧ୍ୟ କରାଯାଉନାହିଁ। ଏଥିଯୋଗୁ ଆଗକୁ ଲୋକେ ଶ୍ୱାସ ଓ ହୃତ୍ ସମ୍ପର୍କିତ ନାନା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦିଲ୍ଲୀରେ ୪୦% ପ୍ରଦୂଷଣ ପରିବହନ କ୍ଷେତ୍ର ଯୋଗୁ ହେଉଥିବା ବିଷୟ ମଙ୍ଗଳବାର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ସ୍ୱୀକାର କରିଥିଲେ। ଜୀବାଶ୍ମ ଇନ୍ଧନ ବ୍ୟବହାର ଯୋଗୁ ଅଙ୍ଗାରକାମ୍ଳ ବୃଦ୍ଧି ପାଉଛି। ତେଣୁ ଜୈବ ଇନ୍ଧନକୁ ବିକଳ୍ପ ରୂପେ ବ୍ୟବହାର କରାଯିବା ଉପରେ ଗଡ଼କରୀ ଗୁରୁତ୍ୱ ଦେଇଥିଲେ। ପାର୍ଲାମେଣ୍ଟର ସଦ୍ୟ ସମାପ୍ତ ଶୀତ ଅଧିବେଶନ ବେଳେ ସରକାର ସୂଚନା

### ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଥିବା ନେଇ ସତର୍କ କରାଇଲେ ବିଶେଷଜ୍ଞ



ଦେଇଥିଲେ, ପ୍ରଦୂଷଣ ଯୋଗୁ ଶ୍ୱାସଗତ ରୋଗ ବଢ଼ୁଥିବା ନେଇ ସମସ୍ତେ ଅବଗତ। ତେବେ ଉଚ୍ଚ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ଏବଂ ଫୁସ୍‌ଫୁସ୍ ରୋଗର ସମ୍ପର୍କ ଥିବା ନେଇ କୌଣସି ନିଷ୍କର୍ଷ ବାହାରିଥିବା ତଥ୍ୟ ନାହିଁ। ଏନେଇ ଲିଭରପୁଲ୍ ପୁଲମୋନୋଜିଷ୍ଟ ତଥା ଭାରତ ସରକାରଙ୍କ କୋଭିଡ୍-୧୯ ପରାମର୍ଶଦାତା କମିଟିର ପୂର୍ବତନ ସଦସ୍ୟ ମନୀଷ ଗୌତମ କହିଛନ୍ତି, ସରକାର ବାୟୁ ପ୍ରଦୂଷଣ ରୋକିବା ଉପରେ ଅଧିକ ଫୋକସ୍ କରିବା ଉଚିତ। ଏହା ଅପ୍ରିୟ ସତ୍ୟ ଯେ, ଉତ୍ତର ଭାରତରେ ବସବାସ କରୁଥିବା ଅନେକ ନିୟୁତ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଲେଣି। ବର୍ତ୍ତମାନ ସରକାର ଯାହାକିଛି ମ୍ୟାନେଜ କରୁଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ। ବାୟୁ ପ୍ରଦୂଷଣଜନିତ ଏକ ବିସ୍ତୃତ ଲୁକ୍କାୟିତ ବୋଝକୁ ବର୍ତ୍ତମାନ ସୁଦ୍ଧା ଠାବ କରାଯାଇପାରି ନାହିଁ। ଅନେକ ବର୍ଷ ଧରି ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସିଲେ ଫୁସ୍‌ଫୁସ୍ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ତେଣୁ ନୀତି ପ୍ରଣେତାମାନେ ଏହାର ଆଗୁଆ ନିଦାନ ଓ ଚିକିତ୍ସା ପାଇଁ 'ଲଙ୍ଗ୍ ହେଲ୍‌ଥ ଟାସ୍କ ଗ୍ରୁପ୍' ପ୍ରତିଷ୍ଠା କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଡିସେମ୍ବରରେ ଦିଲ୍ଲୀ ହସ୍ପିଟାଲଗୁଡ଼ିକରେ ଶ୍ୱାସଜନିତ ରୋଗୀଙ୍କ ସଂଖ୍ୟା ୨୦ରୁ ୩୦% ପର୍ଯ୍ୟନ୍ତ ବଢ଼ୁଛି। ସେହି ରୋଗୀଙ୍କ ମଧ୍ୟରେ ଅନେକ ଛୋଟପିଲା ଓ ପ୍ରଥମ ଥର ସଂକ୍ରମିତ ବ୍ୟକ୍ତି ରହିଛନ୍ତି।

### ଏୟାର ପ୍ୟୁରିଫାୟର ଉପରେ ଜିଏସ୍‌ଟି ହ୍ରାସ ପାଇଁ ହାଇକୋର୍ଟଙ୍କ ପରାମର୍ଶ

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଥିବାବେଳେ ସାଧାରଣ ଲୋକେ ଯେପରି ଉଚିତ ମୂଲ୍ୟରେ ଏୟାର ପ୍ୟୁରିଫାୟର କିଣିପାରିବେ ତା' ଉପରେ ଦିଲ୍ଲୀ ହାଇକୋର୍ଟ ଜୋର୍ ଦେଇଛନ୍ତି। ବାୟୁ ବିଶୋଧକ ଉପରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ହ୍ରାସ କରିବା ପାଇଁ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ସରକାର ଏହାକୁ ବିରୋଧ କରିଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଓକିଲ ଅତିରିକ୍ତ ସଲିସିଟର ଜେନେରାଲ ଏନ୍. ଭେଙ୍କଟରମଣ ହାଇକୋର୍ଟରେ ଯୁକ୍ତି ବାଢ଼ିଛନ୍ତି, ଜିଏସ୍‌ଟି କାଉନ୍‌ସିଲ ଏକ ବୈଧାନିକ ସଂସ୍ଥା, ଯାହାକି ସାରା ଦେଶର ୩୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନିଷ୍ପତ୍ତି ନେଇଥାଏ। କେବଳ ଦିଲ୍ଲୀ ପାଇଁ ଏକତରଫା ନେବା ଅନୁଚିତ ହେବ। ତେବେ ଦିଲ୍ଲୀରେ ଏୟାର ପ୍ୟୁରିଫାୟର ଜିଏସ୍‌ଟି ହ୍ରାସ କରିବାକୁ ହେଲେ କାଉନ୍‌ସିଲରେ ଭୋଟିଂ କରାଇବାକୁ ପଡ଼ିବ। ତେଣୁ ସରକାର ଏହା ଉପରେ ଜବାବୀ ସତ୍ୟପାଠ କରିବେ ବୋଲି ଭେଙ୍କଟରମଣ କହିଛନ୍ତି। ଜଷ୍ଟିସ୍ ବିକାଶ ମହାଜନ ଓ ବିନୋଦ କୁମାରଙ୍କ ଅବକାଶକାଳୀନ ଖଣ୍ଡପୀଠ ଏଥିଲାଗି କେନ୍ଦ୍ରକୁ ୧୦ ଦିନ ସମୟ ଦେଇଛନ୍ତି। ଜାନୁଆରୀ ୯ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ହେବ।

## ଉନ୍ନାଓ ବଳାତ୍କାରୀଙ୍କୁ ଜାମିନ ବିରୋଧରେ ଦିଲ୍ଲୀ ହାଇକୋର୍ଟ ବାହାରେ ବିକ୍ଷୋଭ

ନୂଆଦିଲ୍ଲୀ,୨୬।୧୨(ପି.ଟି.)

ବହୁଚର୍ଚ୍ଚିତ ଉନ୍ନାଓ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ପୂର୍ବତନ ଭାଜପା ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗାରଙ୍କୁ ଦିଲ୍ଲୀ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବାରୁ ଏହାର ପ୍ରତିବାଦରେ ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ଶୁକ୍ରବାର ହାଇକୋର୍ଟର ଗେଟ୍ ନଂ ୫ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ପୀଡ଼ିତାଙ୍କ ମାଆ କହିଛନ୍ତି। ବିକ୍ଷୋଭରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଂଗଠନର ସଦସ୍ୟାମାନଙ୍କ ସମେତ ଆକ୍ଟିଭିଷ୍ଟ ଯୋଗିତା ଭୟାନା ଏବଂ ପୀଡ଼ିତାଙ୍କ ମା' ସାମିଲ ହୋଇଥିଲେ। ବହିଷ୍କୃତ ଭାଜପା ବିଧାୟକ ସେନ୍‌ଗାରଙ୍କ ଜାମିନ୍ ଖାରଜ ପାଇଁ ସେମାନେ ଦାବି କରିଥିଲେ। ପୀଡ଼ିତାଙ୍କ ମା' କହିଛନ୍ତି, ସେ ସମ୍ପୂର୍ଣ୍ଣ ହାଇକୋର୍ଟକୁ ଦୋଷ ଦେଉନାହାନ୍ତି। କେବଳ ୨ ଜଣ ବିଚାରପତିଙ୍କ ନିଷ୍ପତ୍ତି ଆମ ଆସ୍ଥାକୁ ଭାଙ୍ଗିଦେଇଛି। ପୂର୍ବରୁ ବିଚାରପତି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିଥିଲେ। ଏବେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ଆମ ପରିବାର ପ୍ରତି ଅନ୍ୟାୟ । ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିବେ ବୋଲି ପୀଡ଼ିତାଙ୍କ ମା' କହିଛନ୍ତି। ସେନ୍‌ଗାରଙ୍କ ଆଜୀବନ ଜେଲଦଣ୍ଡ କାଏମ୍ ରଖିବା ପାଇଁ ବିକ୍ଷୋଭକାରୀ ଦାବି କରିଥିଲେ।

## ଟରଣ୍ଟୋ ୟୁନିଭର୍ସିଟି କ୍ୟାମ୍ପସ୍ ନିକଟରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ଟରଣ୍ଟୋ,୨୬।୧୨

କାନାଡାର ୟୁନିଭର୍ସିଟି ଅଫ ଟରଣ୍ଟୋର ସ୍କାରବୋରୋ କ୍ୟାମ୍ପସ୍ ନିକଟରେ ଜଣେ ୨୦ ବର୍ଷୀୟ ଭାରତୀୟ ଡାକ୍ତରୀ ଛାତ୍ରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ କାନାଡା ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ଛାତ୍ରଙ୍କ ନାମ ଶିବାଙ୍କ ଅୱସ୍ତି ବୋଲି ଜଣାପଡ଼ିଛି। ପୋଲିସ ପହଞ୍ଚିବା ପୂର୍ବରୁ ହତ୍ୟାକାରୀ ଖସି ପଳାଇଥିଲେ। ଡାକ୍ତରୀ ଛାତ୍ର ହତ୍ୟା ଘଟଣାରେ ଟରଣ୍ଟୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଗଭୀର ଦୁଃଖପ୍ରକାଶ କରିଛି। ଦୂତାବାସ ଅଧିକାରୀମାନେ ମୃତକଙ୍କ ପରିବାର ସହ ଯୋଗାଯୋଗ କରି ସମସ୍ତ ଆବଶ୍ୟକ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।


ଶିବାଙ୍କ ଅୱସ୍ତି

## ଭାଜପା ନେତା ଭି.ଭି. ରାଜେଶ ଥିରୁଭାନନ୍ତପୁରମ୍ ମେୟର

କୋଚି,୨୬।୧୨

ବରିଷ୍ଠ ଭାଜପା ନେତା ଭି.ଭି. ରାଜେଶ ଥିରୁଭାନନ୍ତପୁରମ୍ ମହାନଗର ନିଗମ ମେୟର ନିର୍ବାଚିତ ହୋଇଛନ୍ତି। ଏହି ମହାନଗର ନିଗମକୁ ବାମ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍) ୪୯ ବର୍ଷ ଧରି ଶାସନ କରିଆସୁଥିବାବେଳେ ତାହାର ଅନ୍ତ ଘଟିଛି। ରାଜେଶ ଭାଜପାରୁ ପ୍ରଥମ ମେୟର ନିର୍ବାଚିତ ହୋଇଛନ୍ତି। ଶପଥଗ୍ରହଣ ଉତ୍ସବରେ ଅନେକ ହଜାର ଭାଜପା କର୍ମୀ ସାମିଲ ହୋଇଥିଲେ। ନିକଟରେ ଅନୁଷ୍ଠିତ ଥିରୁଭାନନ୍ତପୁରମ୍ ମହାନଗର ନିଗମ ନିର୍ବାଚନରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ୧୦୧ ଆସନରୁ ୫୦ ଆସନରେ ଜିତିଥିଲା। ଏଲ୍‌ଡିଏଫ୍ ଏବଂ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଯଥାକ୍ରମେ ୨୯ ଓ ୧୯ ଆସନରେ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଭିଝିଞ୍ଜାମ୍ ଆସନରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା।


ଭି.ଭି. ରାଜେଶ

## ତ୍ରିଶା ମୁଖାର୍ଜୀଙ୍କୁ ରୁପେର୍ଟ କର୍ନଓ୍ୱେଲ୍ ପୁରସ୍କାର

ନ୍ୟୁୟର୍କ,୨୬।୧୨

ନ୍ୟୁୟର୍କର ଫ୍ରିଲାନ୍ସ ଜର୍ନାଲିଷ୍ଟ ତ୍ରିଶା ମୁଖାର୍ଜୀଙ୍କୁ ଚଳିତ ବର୍ଷ ୫ମ ରୁପେଟ୍ କର୍ନଓ୍ୱେଲ୍ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଯୁବ ଖବରଦାତାମାନଙ୍କୁ ସେମାନଙ୍କ କ୍ୟାରିୟର ଆରମ୍ଭରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଆମେରିକା-ମେକ୍ସିକୋ ସୀମାକୁ ନେଇ ଅନେକ ପ୍ରସ୍ତାବିତ ନିବନ୍ଧ ସହ ତ୍ରିଶା ଅସାଧାରଣ ମେଧାବୀ ଆବେଦନକାରୀମାନଙ୍କୁ ପଛରେ ପକାଇଦେଇଥିଲେ। ଖ୍ୟାତନାମା ବିଦେଶୀ ସାମ୍ବାଦିକ ତଥା ଲେଖକ ରୁପେର୍ଟ କର୍ନଓ୍ୱେଲଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଛି। ୨୦୧୭ରେ ରୁପେର୍ଟଙ୍କ ପରଲୋକ ହୋଇଥିଲା। ସେ ତାଙ୍କ ଖବରଦାତା ଜୀବନର ଅଧିକାଂଶ ସମୟ ଉତ୍ତର ଆମେରିକା, ୟୁରୋପ ଏବଂ ସୋଭିଏଟ୍ ୟୁନିୟନର ଖବର ପ୍ରକାଶନରେ ବିତାଇଥିଲେ। ସେଥିମଧ୍ୟରୁ ଯେକୌଣସି ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକ ଦିଗ୍‌ଦର୍ଶନକୁ ପ୍ରୋତ୍ସାହନ କରିବା ପାଇଁ ପାଣ୍ଠି ଯୋଗାଣ ହେଉଛି ଏହି ପୁରସ୍କାରର ଲକ୍ଷ୍ୟ। ୫,୦୦୦ ପାଉଣ୍ଡ ମୂଲ୍ୟର ଏହି ପୁରସ୍କାର ପାଇଁ ଦି ଇଣ୍ଡିପେଣ୍ଡେଣ୍ଟ ସହାୟତା କରୁଥିବାବେଳେ ରୁପେର୍ଟ କର୍ନଓ୍ୱେଲ ଟ୍ରଷ୍ଟ ଏହାକୁ ପ୍ରଦାନ କରିଥାଏ। ଚଳିତ ବର୍ଷର ରୁପେର୍ଟ କର୍ନଓ୍ୱେଲ ପୁରସ୍କାର ପାଇବା ମୋ ପାଇଁ ପ୍ରକୃତ ସମ୍ମାନ ବୋଲି ତ୍ରିଶା କହିବା ସହ କର୍ନଓ୍ୱେଲଙ୍କ ଦୃଢ଼ ଓ ତୀକ୍ଷ୍ଣ ସାମ୍ବାଦିକତାରେ ଅନୁପ୍ରାଣିତ ବୋଲି ପ୍ରତିକ୍ରିୟାରେ କହିଛନ୍ତି।



## ଧୁରନ୍ଧର @ ୧,୦୦୦ କୋଟି

ବକ୍ସ ଅଫିସରେ ଧୂଆଁଧାର କଲେକ୍ସନ




ନୂଆଦିଲ୍ଲୀ/ ମୁମ୍ବାଇ, ୨୬।୧୨

ପ୍ରଯୋଜକ ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ସଦ୍ୟ ସିନେମା 'ଧୁରନ୍ଧର' ବିଶ୍ୱବ୍ୟାପୀ ଧମାଲ ମଚାଇ ବକ୍ସ ଅଫିସ ଆୟ ୧,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ରଣବୀର ସିଂ, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ ରାମପାଲ, ସାରା ଅର୍ଜୁନ, ଆର୍. ମାଧବନ୍ ଓ ରାକେଶ ବେଦୀ ଅଭିନୀତ ଏହି ଫିଲ୍ମକୁ ଆଦିତ୍ୟ ଓ ତାଙ୍କ ଭାଇ ଲୋକେଶ ଧର ନିର୍ମାଣ କରିଛନ୍ତି। ଏହା ସେମାନଙ୍କ ବି୬୨ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ହୋଇଥିବାବେଳେ ସହପ୍ରଯୋଜକ ଅଛନ୍ତି ଜିଓ ଷ୍ଟୁଡିଓଜ୍‌ର ଜ୍ୟୋତି ଦେଶପାଣ୍ଡେ। ନିର୍ମାତାମାନେ ଶୁକ୍ରବାର ଇନ୍‌ଷ୍ଟାଗ୍ରାମ୍‌ରେ ବକ୍ସ ଅଫିସ କଲେକ୍ସନ ସମ୍ପର୍କରେ ଶେୟାର କରିଛନ୍ତି। ୧,୦୦୦ କୋଟି କ୍ଲବ୍‌ରେ ପ୍ରବେଶ କରିବା ଗର୍ବର ବିଷୟ ବୋଲି କ୍ୟାପ୍‌ସନ୍‌ରେ ଲେଖିଛନ୍ତି। ଡୋମେଷ୍ଟିକ୍ ବକ୍ସ ଅଫିସରେ ଧୁରନ୍ଧର ୭୮୯.୮ କୋଟି ଆୟ କରିଥିବାବେଳେ ସାରା ବିଶ୍ୱରେ କଲେକ୍ସନ ୧,୦୦୬.୭ କୋଟି ରହିଛି। ପାକିସ୍ତାନର କରାଚୀରେ ଆପରାଧିକ ନେଟ୍‌ୱର୍କକୁ ନେଇ ଏହି ଫିଲ୍ମର କାହାଣୀ ଗତିଶୀଳ ହୋଇଛି। ଡିସେମ୍ବର ୫ରେ ଥିଏଟରରେ ମୁକ୍ତିଲାଭ କରିଥିବା ଧୁରନ୍ଧର ନିର୍ମାତା ଏହାର ଦ୍ୱିତୀୟ ଭାଗ ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରିଛନ୍ତି। ଧୁରନ୍ଧର ପାର୍ଟ-୨ ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବ।

ଫୁରସତ୍

## ପାଣି ବଦଳାଏ ଫୁଲର ରୂପ

ନୂଆଦିଲ୍ଲୀ

ଏମିତି ଏକ ଫୁଲ ଅଛି, ଯାହାକୁ ଦେଖିଲେ ତା' ଉପରୁ ଆଖି ଫେରାଇ ପାରିବେନି। ଏହି ଫୁଲର ନାଁ ହେଉଛି 'ଡିଫିଲ୍ଲେୟା ଗ୍ରେ'। ସବୁ ଫୁଲଠାରୁ ଏହା ନିଆରା। ଏହି ଫୁଲର ବିଶେଷତ୍ୱ ହେଉଛି ପାଣି ସଂସ୍ପର୍ଶରେ ଆସିଲେ ଏହାର ରୂପ ବଦଳିଯାଏ। କୋଷିକା ସଂରଚନା କାରଣରୁ ଫୁଲର ପାଖୁଡ଼ା ଢିଲା ହୋଇଯାଏ। ପାଖୁଡ଼ା ଉପରେ ପାଣି ପଡ଼ିଲେ ଏହି ଫୁଲ ଜଳଛାୟା ପରି ଦେଖାଯାଇଥାଏ। ଏପରି ଫୁଲ ଜାପାନର ପାହାଡ଼ିଆ ଅଞ୍ଚଳରେ ବହୁଳମାତ୍ରାରେ ଦେଖିବାକୁ ମିଳିଥାଏ। ସେଠାକାର ଲୋକେ ଏହାକୁ ସ୍କେଲିଟନ ଫ୍ଲାୱାର ବି କହିଥାନ୍ତି।



# ଫରେଷ୍ଟରଙ୍କ ଘରୁ ମିଳିଲା କେଜିଏ ସୁନା

## ୩ ଜିଲାର ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

- ୩ କୋଠା, ୭ ବହୁମୂଲ୍ୟ ପ୍ଲଟ୍ ଠାବ
- ବିଭିନ୍ନ ବିଦେଶୀ ନୋଟ, ନଗଦ ୯.୨୮ ଲକ୍ଷ ଟଙ୍କା ଜବତ



ଜବତ ଅଳଙ୍କାର, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।



ନିରଞ୍ଜନ ଶତପଥୀ

ସୁନାବେଡା/ ସେମିଳିଗୁଡା/ଭୁବନେଶ୍ୱର, ୨୬।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ/ସତ୍ୟଜିତ ରାଉତ)

କୋରାପୁଟ ବନଖଣ୍ଡ ଅଧୀନ ସେମିଳିଗୁଡା ଫରେଷ୍ଟର ନିରଞ୍ଜନ ଶତପଥୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ନିରଞ୍ଜନଙ୍କ ଘର ସମେତ ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଝାରପଡ଼ାସ୍ଥିତ ପ୍ଲଟ ନଂ.୪୦୮/୨୩୯୦/୬୨୭୪ରେ ଥିବା ୩ ମହଲା କୋଠା ଓ ପ୍ଲଟ ନଂ.୪୦୮/୨୩୯୦/୬୩୮୮ରେ ଥିବା ଅନ୍ୟ ଏକ ୩ ମହଲା କୋଠା, ଜଗତ୍‌ସିଂହପୁର ଜିଲା ମୁକୁନ୍ଦପୁର ବିଲ ଗ୍ରାମସ୍ଥିତ ପୈତୃକ ଘର, ସେମିଳିଗୁଡାସ୍ଥିତ ଅଫିସ୍ ଓ ସରକାରୀ ବାସଭବନ ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ୬ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ନିରଞ୍ଜନଙ୍କ ଘରୁ କେଜିଏ ସୁନା ଅଳଙ୍କାର ମିଳିଥିବା ବେଳେ ବହୁ କୋଟି ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ନିରଞ୍ଜନଙ୍କର ଭୁବନେଶ୍ୱର ଝାରପଡ଼ାରେ ୨ କୋଠା ସମେତ ସେମିଳିଗୁଡ଼ାରେ ୧୨୫୦ ବର୍ଗଫୁଟରେ ଅନ୍ୟଏକ କୋଠା ଠାବ କରାଯାଇଛି। ସେହିପରି ୭ ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବା ବେଳେ ଏହାମଧ୍ୟରେ ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି, ଜଗତ୍‌ସିଂହପୁରରେ ୪ଟି ଓ ସେମିଳିଗୁଡାରେ ଗୋଟିଏ ରହିଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ କରୁଛି। ସେହିପରି ନିରଞ୍ଜନଙ୍କ ଘରୁ ୧ କେଜି ସୁନା ଅଳଙ୍କାର ଓ ୨୫୦ ଗ୍ରାମ ରୁପା ଅଳଙ୍କାର ମଧ୍ୟ ମିଳିଛି। ଏଥିସହ ଘରୁ ନଗଦ ୯ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଓ କେତେକ ବିଦେଶୀ ନୋଟ୍ ମଧ୍ୟ ମିଳିଛି। ବିଦେଶୀ ନୋଟ୍ ମଧ୍ୟରୁ ୩ ଆମେରିକୀୟ ଡଲାର, ୨ ଇଣ୍ଡୋନେସିଆନ୍ ରୁପିୟାହ, ୪ଟି ମକାଉ ପଟାକା, ୮ ଥାଇଲାଣ୍ଡ ଭାଟ୍, ୪ ହଂକଂ ଡଲାର, ୬ ଭିଏତ୍‌ନାମ ଡଙ୍ଗ୍ ଓ ୪ଟି ମାଲେସିଆନ୍ ରିଙ୍ଗିଟ୍ ରହିଛି। ସେହିପରି ନିରଞ୍ଜନ ବିଟ୍ କଏନରେ ୧.୬୬ ଲକ୍ଷ ଟଙ୍କା ଓ ଜୀବନବୀମାରେ ୬୬.୪୨ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ଘରୁ ୨୮.୭୫ ଲକ୍ଷ ଟଙ୍କାର ଗୋଟିଏ କାର (ଟାଟା ହାରିଅର୍) ଓ ୩ଟି ଦୁଇ ଚକିଆ ଯାନ ଏବଂ ୩୦.୭୫ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରାଯାଇଛି। ତେବେ ଚଢ଼ାଉ ଜାରି ରହିଥିବାରୁ ନିରଞ୍ଜନଙ୍କ ନିକଟରୁ ଆହୁରି ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ୬୨୫ ଟଙ୍କାରେ ଚାକିରି ଆରମ୍ଭ, କୋରାପୁଟ ଜିଲାରେ ୩୭ ବର୍ଷ

୧୯୮୮ ଜାନୁଆରୀ ୨୨ରେ ନିରଞ୍ଜନ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ସେତେବେଳେ ସେ ମାସିକ ମାତ୍ର ୬୨୫ ଟଙ୍କା ପାଉଥିଲେ। ୨୦୧୪ରେ ନିରଞ୍ଜନ ଫରେଷ୍ଟର ଭାବେ ପଦୋନ୍ନତି ପାଇ ସେମିଳିଗୁଡ଼ାରେ ଅବସ୍ଥାପିତ ହୋଇଥିଲେ। ତେବେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଲା, ନିରଞ୍ଜନ ୩୭ ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ କୋରାପୁଟରେ ହିଁ ରହିଛନ୍ତି। ନେତା ମନ୍ତ୍ରୀ ଓ ବଡ଼ ଅଧିକାରୀଙ୍କୁ ହାତରେ ରଖି ସେ ଗୋଟିଏ ଜିଲାରେ ଏହି ବିପୁଳ ବେଆଇନ ସମ୍ପତ୍ତି ଠୁଳ କରିଥିବା ଚର୍ଚ୍ଚା ହେଉଛି।

# ମହିଳାଙ୍କୁ ହତ୍ୟା ମାମଲା: ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ ଜେଲ

ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ସହରରେ ଜଣେ ମହିଳାଙ୍କୁ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତି ସାହା ମାମଲାର ଅଭିଯୁକ୍ତ ପୂର୍ବତନ ସାମରୀକ କର୍ମଚାରୀ ତଥା ମୃତ ମହିଳାଙ୍କ ସ୍ୱାମୀ ସତ୍ୟବ୍ରତ ମହାଲିକଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୨୦୧୧ ମସିହାରେ ବାଜିଚୌକର ପଙ୍କଜ ବେହେରାଙ୍କ ଝିଅ ମମତା ମହାଲିକ ସେହି ସମୟରେ ସାମରୀକ କର୍ମଚାରୀ ଥିବା ସତ୍ୟବ୍ରତ ମହାଲିକଙ୍କୁ ବୈଦିକ ରୀତିରେ ସିମିଳିଆ ଶିବ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ କିଛିବର୍ଷ ଉଭୟ ଭଲରେ ଚଳୁଥିଲେ। ସେମାନଙ୍କର ଦୁଇଟି ପୁତ୍ର ସନ୍ତାନ ରହିଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଏପରିକି ଅଭିଯୁକ୍ତ ମମତାଙ୍କୁ ମାରିବାକୁ ଉଦ୍ୟମ କରିବାରୁ ମମତା ଢେଙ୍କାନାଳ ହାଉସିଂବୋର୍ଡ ଠାରେ ଥିବା ନିଜର ବାପାଙ୍କ ଭଡାଘରେ ଆସି ରହୁଥିଲେ। ଗତ ୨୧.୦୭.୨୦୨୧ ଭୋର ସାଢେ ୫ଟା ସମୟରେ ଅଭିଯୁକ୍ତ ସତ୍ୟବ୍ରତ ଶ୍ୱଶୁର ଘରକୁ ଆସି ଏକ ଷ୍ଟାଣ୍ଡଫ୍ୟାନ ପାଇପରେ ଜୋରରେ ମମତାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ମମତାଙ୍କ ବାପା ଛଡାଇବାକୁ ଉଦ୍ୟମ କରିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ସେହି ପାଇପରେ ଆକ୍ରମଣ କରି ଗୁରୁତର କରିଦେଇଥିଲେ। ଏହାପରେ ଅଭିଯୁକ୍ତ ଘଟଣା ସ୍ଥଳରେ ଫେରାର ହୋଇଯାଇଥିଲେ। ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ମମତାଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ପରବର୍ତ୍ତି ସମୟରେ ସତ୍ୟବ୍ରତ ଟାଉନ ଥାନାରେ ନିଜର ସ୍କୁଟି ସହ ଆତ୍ମସମର୍ପଣ କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ସେହି ସମୟରେ କେସ୍ ନଂ. ୨୯୪/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ମମତାଙ୍କୁ ମାରିବା ଘଟଣା ମମତାଙ୍କ ବାପାମା, ଭଉଣୀ ଓ ଦୁଇପୁଅ ସ୍ୱଚକ୍ଷୁରେ ଦେଖିଥିଲେ। ଏହି ମାମଲାର ସିଟି ସେସନ୍ସ କେସ୍ ନଂ. ୧୦୪/୨୧ର ବିଚାର କରି ଏବଂ ସମସ୍ତ ସାକ୍ଷପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ଭିତିକରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା, ଅଭିଯୁକ୍ତ ସ୍ୱାମୀ ସତ୍ୟବ୍ରତ ମହାଲିକଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦୟେ ୬ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ମାମଲା ପରିଚାଳନା କରିଥିଲେ।

# ନିଖୋଜ ରାତ୍ର ଜଗୁଆଳିଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ କଲେ ପରିବାର ଲୋକେ**

ଥୁଆମୂଳ ରାମପୁର,୨୬।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଧୀନ ଗୁଣ୍ଡୁପୁର ସାଇସୁରୁଣି ଛକ ନିକଟ ପୋଲ ତଳୁ ଶୁକ୍ରବାର ନିଖୋଜ ଥିବା ଜଣେ ରାତ୍ର ଜଗୁଆଳିଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ସାଇସୁରୁଣି ଗ୍ରାମର ବିଭୀଷଣ ଗୌଡ଼ (୪୩)। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବିଭୀଷଣ ଗୁଣ୍ଡୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାତ୍ର ଜଗୁଆଳି ଭାବେ କାମ କରୁଥିବାବେଳେ ଗତ ୧୭ ତାରିଖରୁ ନିଖୋଜ ଥିଲେ।

# ଷଣ୍ଢକୁ ଟାଙ୍ଗିଆରେ ହାଣି ଯୁବକ ଗିରଫ

ଛେଣ୍ଡିପଦା,୨୬।୧୨(ଅଜିତ ଧଳ)

ଅନୁଗୋଳ ଜିଲା ବାଗଡିଆ ଥାନା କଣଲୋଇ ଗାଁରେ ଷଣ୍ଢକୁ ଟାଙ୍ଗିଆରେ ହାଣି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ କଣଲୋଇ ଗ୍ରାମର ପଦ୍ମଲୋଚନ ପଳେଇ। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ କଣଲୋଇ ଗାଁରେ ଏକ ଷଣ୍ଢ ବୁଲୁଥିବା ବେଳେ ପଦ୍ମଲୋଚନଙ୍କ ବାଡ଼ିରେ ପଶି ଫସଲ ଖାଇଦେଉଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପଦ୍ମଲୋଚନ ଏକ ଟାଙ୍ଗିଆରେ ଷଣ୍ଢର ପିଠିକୁ ହାଣି ଦେଇଥିଲେ। ଷଣ୍ଢଟି ଗୁରୁତର ଅବସ୍ଥାରେ ଗାଁ ଛକରେ ପଡ଼ିରହିଥିବା ବେଳେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗ୍ରାମବାସୀ ଘଟଣା ସମ୍ପର୍କରେ ବାଗଡିଆ ଥାନାକୁ ଖବର ଦେଇଥିଲେ। ପୋଲିସ ଗାଁରେ ପହଞ୍ଚି ପଦ୍ମଲୋଚନକୁ ଗିରଫ କରିବା ସହିତ ଟାଙ୍ଗିଆକୁ ଜବତ କରିଥିଲା।

# ଭିଜିଲାନ୍ସ ଜାଲରେ ମାଲକାନଗିରି ବ୍ଲକ୍ କନିଷ୍ଠ ଯନ୍ତ୍ରୀ

ମାଲକାନଗିରି,୨୬।୧୨ (ଦୁର୍ଯ୍ୟୋଧନ ପାତ୍ର)



ନୀହାର ରଞ୍ଜନ ସରକାର

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲା ସଦର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କ ଘରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ଚଢ଼ାଉ କରିଛି। ଜୟପୁର ସ୍ୱତନ୍ତ୍ର ଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରୁ ସ୍ୱତନ୍ତ୍ର ଟିମ୍ ମିଳିତ ଭାବେ ଚଢ଼ାଉ କରିଛନ୍ତି। ନୀହାରଙ୍କ ମାଲକାନଗିରି ପୌର ପରିଷଦ ଅଧୀନ ଏମ୍‌ଭି-୪୨ ଜୟନଗରସ୍ଥିତ ୩ ମହଲା ଘର, କାଳିମେଳା ଥାନା ଏମ୍‌ପିଭି-୧୦ସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ସମେତ ନବରଙ୍ଗପୁର ଜିଲା ରାଇଘରସ୍ଥିତ ତାଙ୍କ ଶ୍ୱଶୁରଘରେ ମଧ୍ୟ ଚଢାଉ କରାଯାଇଛି। ମାଲକାନଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ କକ୍ଷରେ ଚଢ଼ାଉ କରି ଯାଞ୍ଚ କରାଯାଉଛି। ଏମ୍‌ଭି-୪୩ସ୍ଥିତ ତାଙ୍କ ବାସଭବନରୁ ୨,୧୧,୮୦୦ ଟଙ୍କା, ମାଲକାନଗିରି ସହରରେ ୬ଟି ପ୍ଲଟ, ମାଥିଲି ବ୍ଲକରେ ୨ ପ୍ଲଟ, ବିଭିନ୍ନ ବ୍ୟାଙ୍କରେ ଜମା ଖାତା, ଚେକ୍ ବୁକ୍, ୪ଟି ପାସ୍‌ପୋର୍ଟ ଆଦି ଜବତ ହୋଇଛି। ସୂଚନାନୁଯାୟୀ, ନୀହାର ୨୦୧୫ରେ ମାଥିଲି ବ୍ଲକ୍‌ରେ ପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ(ଅସ୍ଥାୟୀ)ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୨ରେ କନିଷ୍ଠ ଯନ୍ତ୍ରୀ ଭାବେ ସେ ସ୍ଥାୟୀ ନିଯୁକ୍ତି ପାଇଥିଲେ। ୨୦୨୪ ଡିସେମ୍ବରରେ ସେ ମାଲକାନଗିରି ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗଦେଇଥିଲେ। ଏହି ଚଢାଉରେ ଭିଜିଲାନ୍ସ ବିଭାଗର ୪ ଡିଏସ୍‌ପି, ୭ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ସାମିଲ ରହିଥିଲେ। ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

# ଚୋରା ଶାଗୁଆନ କାଠ ଜବତ

ବନ୍ତଳା,୨୬।୧୨ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ବନାଞ୍ଚଳ କଞ୍ଜା ସେକ୍ସନ ମହୀଧରପୁର ଗାଁରୁ ଶୁକ୍ରବାର ବନ୍ତଳା ବନ କର୍ମଚାରୀମାନେ ଚୋରା ଶାଗୁଆନ କାଠ ଓ ପଟା ଜବତ କରିଛନ୍ତି। ସୂଚନା ଅନୁଯାୟୀ, ମହୀଧରପୁର ଗାଁର ଏକ ବୁଦାମୂଳରେ କେହି ଦୁର୍ବୃତ୍ତ ଚୋରା ଚାଲାଣ ପାଇଁ ୪ଟି ଶାଗୁଆନ ଗଣ୍ଡି ଓ ୧୮ ପିସ୍ ଶାଗୁଆନ ଏବଂ ଆକାଶିଆ ପଟା ରଖିଥିବା ବନ୍ତଳା ବନ ବିଭାଗକୁ ଖବର ମିଳିଥିଲା। ଖବରପାଇ ବନ୍ତଳା ବନାଞ୍ଚଳ ଅଧିକାରୀ ପ୍ରଶ୍ନ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ମୋଟ ୧୦.୮୯୫ ସିଏଫଟି କାଠ ଜବତ କରିଥିଲେ। ଏହି ଚଢ଼ାଉ ବେଳେ ବନପାଳ ଶ୍ରୀନିବାସ ସାହୁ, ରଶ୍ମିରଞ୍ଜନ ସେଠୀ,



ଗାର୍ଡ ଲିପକ ବେହେରା, ସିତୁ ବେହେରା ଓ ଦୁର୍ଗା ଶତପଥୀ ସାମିଲ ଥିଲେ।

## Business

# ପଣ୍ୟ ପରିବହନ ପାଇଁ 'ଇଞ୍ଜିନ-ଅନ୍-ଲୋଡ୍' ଯୋଜନା

**ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ-ପାରାଦୀପ ପୋର୍ଟ ଚୁକ୍ତି**

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)




ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ପୋର୍ଟ ରେଳ୍ ସମନ୍ୱୟ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ପ୍ରାଧିକାରୀଙ୍କ ମଧ୍ୟରେ 'ଇଞ୍ଜିନ-ଅନ୍-ଲୋଡ୍ (ଇଓଏଲ୍)' ଅଧୀନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଯୋଜନା ଅନୁଯାୟୀ, ପଣ୍ୟ ବୋଝେଇ ଓ ନିଷ୍କାସନ ସମୟରେ ଲୋକୋମୋଟିଭ୍‌ଗୁଡ଼ିକୁ ର୍‌ୟାକ୍ ସହ ଲଗାଇ ରଖାଯିବ, ଯାହାଦ୍ୱାରା ଇଞ୍ଜିନ ଖୋଲିବା ଓ ପୁନଃ ସଂଯୋଗ କରିବାର ଆବଶ୍ୟକତା ପଡ଼ିବ ନାହିଁ। ଏହାଦ୍ୱାରା ସମୟ ସଞ୍ଚୟ, ଲୋକୋମୋଟିଭ୍‌ର ଉତ୍ପାଦକତା ବୃଦ୍ଧି ଏବଂ ୱାଗନ ଓ ଟ୍ରେନ୍ ର୍‌ୟାକ୍‌ର ଦ୍ରୁତ ଟର୍ନ-ଆରାଉଣ୍ଡ ସମ୍ଭବ ହୋଇପାରିବ। ଏହି ଯୋଜନା ୟାର୍ଡ ଓ ସାଇଡିଂରେ ଭିଡ଼ କମେଇ ପଣ୍ୟ ପରିଚାଳନାକୁ ଅଧିକ ସୁଗମ କରିବ। 'ଇଞ୍ଜିନ-ଅନ୍-ଲୋଡ୍' ଯୋଜନା ଦ୍ୱାରା ପଣ୍ୟ ପରିବହନର ଦ୍ରୁତ ନିଷ୍କାସନ, ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ନିର୍ଭରଯୋଗ୍ୟ ଓ ସୁନିଶ୍ଚିତ ପଣ୍ୟ ସେବା ସୁନିଶ୍ଚିତ ହୋଇପାରିବ। ପାରାଦୀପ ପୋର୍ଟ ଅଧ୍ୟକ୍ଷ ପି.ଏଲ. ହରାନ୍ଧଙ୍କ ଉପସ୍ଥିତିରେ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଓ ପାରାଦୀପ ପୋର୍ଟ ଟ୍ରାଫିକ୍ ମ୍ୟାନେଜର ଜି. ଏଡିଶନ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

# ସୁଧ ହାର ୭.୧୫%କୁ ହ୍ରାସ କଲା ଏଲଆଇସି ହାଉସିଂ ଫାଇନାନ୍ସ

ଭୁବନେଶ୍ୱର,୨୬।୧୨ (ଅନୁରାଧା ମହାରଣା)

ଏଲଆଇସି ହାଉସିଂ ଫାଇନାନ୍ସ ଏହାର ଗୃହ ଋଣ ସୁଧ ହାରକୁ ହ୍ରାସ ଘୋଷଣା କରିଛି, ଯାହା ଗୃହ କ୍ରେତାଙ୍କୁ ନୂତନ ଆଶ୍ୱସ୍ତି ପ୍ରଦାନ କରିଛି। ଋଣଦାତା ନୂତନ ଗୃହ ଋଣର ପ୍ରାରମ୍ଭିକ ହାରକୁ ୭.୧୫%କୁ ହ୍ରାସ କରିଛି। ସଂଶୋଧିତ ହାରଗୁଡ଼ିକ ଋଣଗ୍ରହୀତାଙ୍କ ସିବିଲ୍ ସ୍କୋର ସହିତ ଜଡିତ, ୮୨୫ କିମ୍ବା ତା'ଠାରୁ ଅଧିକ ସ୍କୋର ଥିବା ଗ୍ରାହକମାନେ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପରିମାଣର ସର୍ବନିମ୍ନ ହାର ପାଇଁ ଯୋଗ୍ୟ। ଏଲଆଇସି ହାଉସିଂ ଫାଇନାନ୍ସ କହିଛି ଯେ, ହାର ଗଠନ ଋଣଗ୍ରହୀତାଙ୍କ ଏକ ଦୃଢ଼ କ୍ରେଡିଟ ପ୍ରୋଫାଇଲ ସହିତ ଲାଭପ୍ରଦାନ ଏବଂ ଗୃହ ଆର୍ଥିକ ସହାୟତାକୁ ଅଧିକ ସୁଲଭ କରିବା ପାଇଁ ଡିଜାଇନ କରାଯାଇଛି।

# ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ପିପିଏ ସ୍ୱାକ୍ଷରିତ




ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)

ଗ୍ରୀନ୍ ଏନର୍ଜି ଡେଭେଲପ୍‌ମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ୍ ଏବଂ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ସେଲ୍)ର ଏକ ମିଳିତ ଉଦ୍ୟମ କମ୍ପାନୀ, ଗେଡ୍‌କଲ୍ ସେଲ୍ ପାୱାର କର୍ପୋରେଶନ ଲିମିଟେଡ୍(ଜିଏସ୍‌ପିସିଏଲ) ଓଡ଼ିଶାର ମନ୍ଦିରା ଡ୍ୟାମ୍ ଠାରେ ଏକ ୧୦ ମେଗାୱାଟ୍ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରୁଛି। ଏନେଇ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ଜିଏସ୍‌ପିସିଏଲ ଏବଂ ସେଲ୍ ମଧ୍ୟରେ ବିଦ୍ୟୁତ୍ କ୍ରୟ ଚୁକ୍ତିନାମାସ୍(ପିପିଏ) ସ୍ୱାକ୍ଷରିତ ହୋଇଛି। ଏହି ପିପିଏ ସ୍ୱାକ୍ଷର କାର୍ଯ୍ୟକ୍ରମରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ସ୍ୱାଧୀନ ନିର୍ଦ୍ଦେଶକ ବି.ସି. ଜେନା, ସ୍ୱାଧୀନ ନିର୍ଦ୍ଦେଶକ ଆର.ସି. ତ୍ରିପାଠୀ, ଅତିରିକ୍ତ ସଚିବ ନିବେଦିତା ମିଶ୍ର, ଶ୍ୟାମଳୀ ମହାପାତ୍ର, ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଶକ୍ତି ବିଭାଗର ଓଏଫ୍ଏସ୍ ଡ. ଦେବୀଦତ୍ତ ତ୍ରିପାଠୀ, ଓଏଚ୍‌ପିସି ନିର୍ଦ୍ଦେଶକ(ଅର୍ଥ) ପି.କେ. ମହାନ୍ତି, ଓଏଚ୍‌ପିସି ଏବଂ ଗେଡ୍‌କଲର ନିର୍ଦ୍ଦେଶକ(ଅପରେଶନ) ଏ.କେ. ମହାନ୍ତି, ଜିଏସ୍‌ପିସିଏଲ୍‌ର ସିଏଫ୍‌ଓ ଗଗନ ବିହାରୀ ମହାରଣା, ଜିଏସ୍‌ପିସିଏଲ୍‌ର ବୈଷୟିକ ମୁଖ୍ୟ ମଳୟକାନ୍ତ ସ୍ୱାଇଁ, ରାଉରକେଲା ଇସ୍ପାତ କାରଖାନାର ପ୍ରତିନିଧି ଦୀପକ ରାୟ ଏବଂ ଆର.କେ. ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଚୁକ୍ତିନାମା ଅନୁଯାୟୀ, ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବ୍ୟବହୃତ ହେବ ଏବଂ କୁଆଁରମୁଣ୍ଡା ଗ୍ରୀଡ୍ ସବ୍‌ଷ୍ଟେଶନ ମାଧ୍ୟମରେ ବିଦ୍ୟୁତ୍ ନିଷ୍କାସନ କରାଯିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପ୍ତ କରିବାକୁ ବିଶାଳ ଦେବ ପରାମର୍ଶ ଦେଇଥିଲେ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୨ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୬।୧୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା ଗଞ୍ଜାମ ଜିଲାର ହୁମାଠାରେ ଉଦଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଗଞ୍ଜାମ ଜିଲାରେ ମୋଟ୍ ଶାଖା ସଂଖ୍ୟା ୬ରେ ପହଞ୍ଚିଛି। ଏହି ନୂତନ ଶାଖା ସହିତ ରାଜ୍ୟରେ ବ୍ୟାଙ୍କର ମୋଟ୍ ଶାଖା ସଂଖ୍ୟା ୬୨ରେ ପହଞ୍ଚିଛି। ଏହି ନୂତନ ଶାଖା ଓଡିଶା ଡିଜେଲ ପ୍ରା. ଲି.ର ପରିଚାଳନା ନିର୍ଦ୍ଦେଶକ ଅଲି କିଶୋର ପଟ୍ଟନାଏକଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ହୁମା ଶାଖାର ଶାଖା ପ୍ରବନ୍ଧକ ଜି. ସାଇ ଶଙ୍କରଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଥିଲା। ଏହି ଅବସରରେ ଅଲି କିଶୋର ପଟ୍ଟନାଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାର ପ୍ରଶଂସା କରିଥିଲେ। ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ଏହି ଶାଖା ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିବ।

# ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇ, ଫୋର୍ଟିସ୍ କେମିକାଲ୍ସ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)



ଫୋର୍ଟିସ୍ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ନୂଆଦିଲ୍ଲୀର ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇ ମଧ୍ୟରେ ସଡ଼କ ମରାମତି ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। 'ଟୁ-ପ୍ୟାକ୍ ଅନ୍-ସାଇଟ୍ ପାଥ୍‌ହୋଲ ଫିଲିଂ ମିଶ୍ରଣ' ପାଇଁ ହୋଇଥିବା ଏହି ଚୁକ୍ତିପତ୍ର ସାକ୍ଷର କାର୍ଯ୍ୟକ୍ରମରେ ସିଏସ୍‌ଆଇଆରର ମହାନିର୍ଦ୍ଦେଶକ ଏବଂ ଡିଏସ୍‌ଆଇଆରର ସଚିବ ଡ. ଏନ୍. କଲାଇସେଲ୍‌ଭ, ସିଏସ୍‌ଆଇଆର୍-ସିଆରଆରଆଇର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡ଼ା ଏବଂ ସିଏସ୍‌ଆଇଆର୍-ସିଆରଆରଆଇର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡ. ଶିକ୍ଷାସ୍ୱରୂପ କର ପ୍ରମୁଖ ଉପସ୍ଥିତ ଥିଲେ। ପେଟେଣ୍ଟ ହୋଇଥିବା, ଏମଲ୍ସନ-ଆଧାରିତ, ଦ୍ରାବକ-ମୁକ୍ତ ଥଣ୍ଡା-ମିଶ୍ର ପ୍ରଯୁକ୍ତିବିଦ୍ୟା ଦ୍ରୁତ, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଗର୍ତ୍ତ ମରାମତି କରିଥାଏ। ପାରମ୍ପରିକ ଗରମ-ମିଶ୍ର ପଦ୍ଧତି ତୁଳନାରେ କାର୍ବନ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରେ। ଫୋର୍ଟିସେ କେମିକାଲ୍ସକୁ ସମଗ୍ର ଭାରତରେ ଏହି ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଏବଂ ବଜାର କରିବାର ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯାଇଛି। ଫୋର୍ଟିସେ କେମିକାଲ୍ସ ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ୮୪ତମ ଭାରତୀୟ ସଡ଼କ କଂଗ୍ରେସ(ଆଇଆରସି) ବାର୍ଷିକ ଅଧିବେଶନରେ ମଧ୍ୟ ଅଂଶଗ୍ରହଣ କରିଥିଲା, ଯେଉଁଠାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଓଡ଼ିଶା ଗସ୍ତ କରିଥିଲେ ଏବଂ ଓଡ଼ିଶା ପାଇଁ ୧,୦୦୦ କୋଟି ମୂଲ୍ୟର ସଡ଼କ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ସହଯୋଗ ସ୍ଥାୟୀ ଏବଂ ମୂଲ୍ୟ-ପ୍ରଭାବଶାଳୀ ସଡ଼କ ରକ୍ଷଣାବେକ୍ଷଣକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

# ରାଜ୍ ଇଲେକ୍ଟ୍ରୋନିକ୍ସର ଏସି ମହାସେଲ୍ ଅଫର୍

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)




ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଏସି ମହାସେଲ ଘୋଷଣା କରାଯାଇଛି। ଭୋଲଟାସ୍, ଏଲ୍‌ଜି, ବ୍ଲୁଷ୍ଟାର, କ୍ୟାରିଅର୍, ସାମସଙ୍ଗ, ହୁଇଲପୁଲ, ହାୟର, ପାନାସୋନିକ, ଗୋଦରେଜ୍, ହିତାଚି, ଆଇଏଫ୍‌ବି ଏବଂ ଲୟଡ୍ ଆଦି ବ୍ରାଣ୍ଡେଡ୍ କମ୍ପାନୀର ଏସି ଏଠାରେ ଉପଲବ୍ଧ ହେଉଥିବାବେଳେ କମ୍ ଡାଉନପେମେଣ୍ଟ, ଶୂନ ପ୍ରତିଶତ ସୁଧ ଏବଂ ସହଜ କିସ୍ତିରେ ଏସି କିଣିପାରିବେ। ଏହି ଅବସରରେ ରାଜ ଇଲେକ୍ଟ୍ରୋନିକ୍ସର ସ୍ୱତ୍ତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି, ରାଜ୍ ଇଲୋକ୍ଟ୍ରୋନିକ୍ସ ପାଖରେ ସମସ୍ତ ପ୍ରତିଷ୍ଠିତ କମ୍ପାନୀର ଏସି ରହିଛି। କେଉଁ ଘର ପାଇଁ କି ପ୍ରକାର ଏସି ଆବଶ୍ୟକ ସେ ସମ୍ପର୍କରେ ଗ୍ରାହକଙ୍କୁ ସଚେତନ କରାଯାଉଛି।

ସୂଚନା ଥାଉକି, ୨୦୨୬ ଆରମ୍ଭରେ ଏୟାର କଣ୍ଡିଶନର(ଏସି) ମୂଲ୍ୟ ପ୍ରାୟ ୫-୮% ବୃଦ୍ଧି ପାଇବାକୁ ଯାଉଛି, ୨୦୨୫ ଶେଷ ଭାଗରୁ କିଛି ମୂଲ୍ୟ ସଂଶୋଧନ ଆରମ୍ଭ ହୋଇସାରିଛି। ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ, ମୁଦ୍ରା ପରିବର୍ତ୍ତନ ଓ ଯୋଗାଣ ଶୃଙ୍ଖଳା ସମସ୍ୟା ଯୋଗୁଁ ମୂଲ୍ୟ ବୃଦ୍ଧି ପାଉଛି। ଏହା ମଧ୍ୟରେ ଶିଳ୍ପ ବିଶେଷଜ୍ଞମାନଙ୍କ ମତରେ, ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ। ଗ୍ରାହକ ଥରେ ଏସି କିଣିଲେ ୮ରୁ ୧୦ ବର୍ଷ ଯାଏଁ ବ୍ୟବହାର କରିଥା'ନ୍ତି। ତେଣୁ ସମ୍ଭାବ୍ୟ ଉଚ୍ଚମୂଲ୍ୟ ଏବଂ ସୀମିତ ଉପଲବ୍ଧତାକୁ ଏଡାଇବା ପାଇଁ ଗ୍ରୀଷ୍ମ ଋତୁ ପାଇଁ ଅପେକ୍ଷା କରିବା ଅପେକ୍ଷା ପୂର୍ବରୁ ଏକ ଏସି କିଣିନେବା ଲାଭଦାୟକ ହୋଇଥାଏ।

ବର୍ଷକର ଯାତ୍ରା ଚାଲୁଚାଲୁ ସରିଗଲା। ବିଦାୟ ନେଉଛି ୨୦୨୫ ଓ ପୃଥିବୀରେ ପାଦ ଥାପୁଛି ନୂଆବର୍ଷ ୨୦୨୬। ନବୀନ ଓ ପ୍ରବୀଣ କେତେ ଲେଖିକାଲେଖକ, ଓଡ଼ିଶାର ଏ ପ୍ରାନ୍ତରୁ ସେ ପ୍ରାନ୍ତ, ପୁଣି କେତେ ପ୍ରବାସୀ- 'ସାହିତ୍ୟାୟନ'କୁ ସମୃଦ୍ଧ କରିଗଲେ ସ୍ୱତଃ, ନାନା ଭାବେ। ଆମ ଭାଷା-ସାହିତ୍ୟର ବର୍ଷ-ପୂରାଣିର ଗୌରବ-ପାତ୍ର ହେଲା 'ଧରିତ୍ରୀ'- 'ସାହିତ୍ୟାୟନ'। ଜାତୀୟ ଓ ଅନ୍ତର୍ଜାତୀୟ ନାନା ସାରସ୍ୱତ ଘଟଣାବଳୀର ହେଲା ଅକ୍ଷର-ସାକ୍ଷୀ। ନିଜର ଅମୂଲ୍ୟ ଅବଦାନ ପାଇଁ ରାଜ୍ୟ ଏବଂ ଜାତୀୟସ୍ତରରେ ବହୁ ସ୍ରଷ୍ଟା ପୁରସ୍କୃତ ଓ ସମ୍ମାନିତ ହେଲେ। ସେମାନଙ୍କ ସଫଳତା ପ୍ରତି ନିବେଦିତ ରହିଲା ଆମ ଶ୍ରଦ୍ଧା ଓ ଆଦର। ଯେଉଁ ଯଶସ୍ୱୀ ସାରସ୍ୱତ ସାଧିକାସାଧକମାନେ କାଳବଶରେ ଆମକୁ ସଂସର୍ଗ-ବଞ୍ଚିତ କରି ବିଦାୟ ନେଲେ, ସେମାନଙ୍କର ଗୋଟିଗୋଟି ସ୍ମୃତି ଅନେକ ଦିନଯାଏ ଆମର ପ୍ରେରଣା ହୋଇ ରହିଲା ଓ ରହିଥିବ। 'ସାହିତ୍ୟାୟନ'ର ସମସ୍ତ ପାଠିକାପାଠକ ଓ ଲେଖିକାଲେଖକଙ୍କୁ ଆମର ନୂଆବର୍ଷ ୨୦୨୬ର ଅନେକ ଅନେକ ଶୁଭେଚ୍ଛା!

## ଶତବର୍ଷ ଶ୍ରଦ୍ଧାଞ୍ଜଳି...



୨୨ ଡିସେମ୍ବର ୨୦୨୫ରୁ ଆରମ୍ଭ ହେଲା ଓଡ଼ିଆ କଥା-ସାହିତ୍ୟର ପିତାମହ ମହାପାତ୍ର ନୀଳମଣି ସାହୁଙ୍କର ଜନ୍ମ ଶତବର୍ଷ। ୧୯୨୬ର ଏହି ଦିନରେ ସେ କଟକ ଜିଲ୍ଲା ନିଆଳିରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୧ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ', ୧୯୮୩ରେ 'ଶାରଳା ପୁରସ୍କାର', ୧୯୮୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୦୬ରେ 'ସାହିତ୍ୟ ଭାରତୀ' ଓ ୨୦୦୮ରେ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'ରେ ସେ ସମ୍ମାନିତ ହୋଇଥିଲେ। 'ଧରିତ୍ରୀ' ପ୍ରକାଶନ ଦିନଠାରୁ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ସେ ଥିଲେ 'ଧରିତ୍ରୀ'ର ପରମ ଶୁଭାକାଂକ୍ଷୀ।


ପ୍ରତିଭା ଶତପଥୀ


ରାଜକିଶୋର ପାଢ଼ୀ


ସୁବ୍ରତ କୁମାର ସେନାପତି


ଦେବଦାସ ଛୋଟରାୟ


ଶୈଳଜ ରବି

# କଲମ ଚଳାଇ କୀର୍ତ୍ତିମାନ ହେଲେ ଯେଉଁମାନେ...

୨୦୨୫ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି କବୟିତ୍ରୀ ପ୍ରତିଭା ଶତପଥୀ। ସାହିତ୍ୟ ଅକାଦେମୀ 'ବାଲ୍ ସାହିତ୍ୟ ପୁରସ୍କାର' ଓ 'ଯୁବ ପୁରସ୍କାର' ପାଇଛନ୍ତି ଯଥାକ୍ରମେ କବି ରାଜକିଶୋର ପାଢ଼ୀ ଓ କଥାକାର ସୁବ୍ରତ କୁମାର ସେନାପତି। ମାର୍ଚ୍ଚ ୨୦୨୫ରେ ଘୋଷିତ ୨୦୨୪ର ଅନୁବାଦ ପୁରସ୍କାର ୨୪ ଅକ୍ଟୋବରରେ ପ୍ରଦାନ କରାଯାଇଛି ଅନୁବାଦକ ସୁଭାଷ ଶତପଥୀଙ୍କୁ। 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ' ପକ୍ଷରୁ ପ୍ରଦତ୍ତ ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର'ରେ ଅଭିନନ୍ଦିତ ହୋଇଛନ୍ତି କଥାସ୍ରଷ୍ଟା ଦେବଦାସ ଛୋଟରାୟ। 'ଗଙ୍ଗାଧର ରଥ ଫାଉଣ୍ଡେଶନ' ପ୍ରଦତ୍ତ ଅଭିଜାତ 'ସାହିତ୍ୟ–ଭାରତୀ' ପୁରସ୍କାର ଲାଭ କରିଛନ୍ତି କବି ଶୈଳଜ ରବି ଓ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ପାଇଛନ୍ତି କବି ସୂର୍ଯ୍ୟ ମିଶ୍ର। ଯଶୋୱନ୍ତରାଓ ଚୌହାନ୍ ମହାରାଷ୍ଟ୍ର ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦତ୍ତ 'କୁସୁମାଗ୍ରଜ ଜାତୀୟ ପୁରସ୍କାର'ରେ ପୁରସ୍କୃତ ହୋଇଛନ୍ତି କବି ହରପ୍ରସାଦ ଦାସ। 'ପ୍ରଜାତନ୍ତ୍ର ପ୍ରଚାର ସମିତି' ପ୍ରଦତ୍ତ 'ବିଷୁବ ପୁରସ୍କାର' ମିଳିଛି କବୟିତ୍ରୀ ଅପର୍ଣ୍ଣା ମହାନ୍ତିଙ୍କୁ। 'ଝଙ୍କାର' କବିତା ପୁରସ୍କାର ଓ ଗଳ୍ପ ପୁରସ୍କାର ପ୍ରାପ୍ତ ହୋଇଛନ୍ତି ଯଥାକ୍ରମେ କବୟିତ୍ରୀ ରଂଜିତା ନାୟକ ଓ ଗାଳ୍ପିକ କ୍ଷୀରୋଦ ଦାସ। ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ ହୋଇଛନ୍ତି ଔପନ୍ୟାସିକା ଲୋପାମୁଦ୍ରା ମିଶ୍ର 'ଅକ୍ଷୟ ଉପନ୍ୟାସ ସମ୍ମାନ'ରେ। 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ପ୍ରଥମ ଥର ପାଇଁ ପ୍ରବର୍ତ୍ତିତ 'ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ'ରେ ଭୂଷିତ ହୋଇଛନ୍ତି ସମାଲୋଚକ ଦାଶରଥି ଦାସ। ଏହି ଅନୁଷ୍ଠାନ ପ୍ରଦତ୍ତ 'ଜେମାସାମନ୍ତ ସୃଜନୀ ପୁରସ୍କାର'ର ଅଧିକାରୀ ହୋଇଛନ୍ତି ଅଧ୍ୟାପକ ବିଶ୍ୱରଂଜନ। ଏ ସମସ୍ତ ପ୍ରତିଭାଦୀପ୍ତ ଲେଖିକାଲେଖକଙ୍କୁ 'ଧରିତ୍ରୀ'ର ଉଷ୍ମ ଅଭିନନ୍ଦନ!


ସୂର୍ଯ୍ୟ ମିଶ୍ର


ହରପ୍ରସାଦ ଦାସ


ଅପର୍ଣ୍ଣା ମହାନ୍ତି


ରଂଜିତା ନାୟକ


କ୍ଷୀରୋଦ ଦାସ


ଲୋପାମୁଦ୍ରା ମିଶ୍ର


ଦାଶରଥି ଦାସ


ସୁଭାଷ ଶତପଥୀ


ଅଧ୍ୟାପକ ବିଶ୍ୱରଞ୍ଜନ

# କଲମ ଥୋଇ ଆମ ଗହଣରୁ ଚାଲିଗଲେ ଯେଉଁମାନେ...


ରମାକାନ୍ତ ରଥ


ସୁରେନ୍ଦ୍ର ନାଥ ମହାରଣା


ବିନୋଦ କୁମାର ପଶାୟତ


ଧରଣୀଧର ସାହୁ


ରାଜେନ୍ଦ୍ର କିଶୋର ପଣ୍ଡା


ସୁକାନ୍ତ ସୁବୁଦ୍ଧି


ଦେବପ୍ରିୟ ଦାଶ


ଶଙ୍କର୍ଷଣ ପରିଡ଼ା

୨୦୨୫ରେ ଆମକୁ ବିମର୍ଷ କରି ଯେଉଁମାନେ ଇହଲୀଳା ସମ୍ବରଣ କଲେ, ସେମାନଙ୍କ ଶୂନ୍ୟସ୍ଥାନ ପୂରଣ ହେବାକୁ ଲାଗିଯିବ ବହୁ ବର୍ଷ। ଆମ ଗହଣରୁ ୧୬ ମାର୍ଚ୍ଚରେ ବିଦାୟ ନେଇଛନ୍ତି 'ଶ୍ରୀରାଧା'ର କବି ରମାକାନ୍ତ ରଥ, ସେହିଦିନ ବନ୍ଧୁ, ପରିଜନଙ୍କୁ ଠକି ପରଲୋକକୁ ବାଟ କାଟିଛନ୍ତି ଗବେଷକ ଓ ଅନୁବାଦକ ଦେବପ୍ରିୟ ଦାଶ। ଗବେଷକ ସୁରେନ୍ଦ୍ର ନାଥ ମହାରଣା(ଅଧ୍ୟାପକ) ୧୩ ଜୁଲାଇରେ ଓ ସମ୍ବଲପୁରୀ-ଲୋକଗୀତିକାର ବିନୋଦ କୁମାର ପଶାୟତ(ପଦ୍ମଶ୍ରୀ) ୨୦ ଅଗଷ୍ଟରେ ଇହଧାମରୁ ବିଦାୟ ନେଇଛନ୍ତି। ୨୧ ଅକ୍ଟୋବରରେ ଔପନ୍ୟାସିକ ଧରଣୀଧର ସାହୁ, ୨୪ ଅକ୍ଟୋବରରେ 'ଶୈଳକଳ୍ପ'ର କବି ରାଜେନ୍ଦ୍ର କିଶୋର ପଣ୍ଡା, ୨୫ ଅକ୍ଟୋବରରେ କବି ସୁକାନ୍ତ ସୁବୁଦ୍ଧି ଓ ୩୦ ଅକ୍ଟୋବରରେ କବି ଶଙ୍କର୍ଷଣ ପରିଡ଼ାଙ୍କ ଜୀବନ-ଦୀପ ଲିଭିଯାଇଛି। ଓଡ଼ିଆ ଭାଷା ପ୍ରତି ସମର୍ପିତ ଥିଲେ ଏଇ ସବୁ ସାହିତ୍ୟ-ରଥୀ। ଶେଷନିଃଶ୍ୱାସ ଯାଏ ହାତରେ ଥିଲା କଲମ, ଅବଲୀଳାକ୍ରମେ ଚାଲିଗଲେ ଅଫେରା ରାଇଜକୁ କଲମ ଥୋଇ। 'ଧରିତ୍ରୀ'ର ଯାତ୍ରାପଥରେ ଏମାନେ ଥିଲେ ଉଣାଅଧିକେ ଆମର ସହଗାମୀ ପଥିକ। ଏମାନଙ୍କ ସ୍ମୃତି ପ୍ରତି 'ସାହିତ୍ୟାୟନ'ର ଗଭୀର ଶ୍ରଦ୍ଧାଞ୍ଜଳି...

## କାଳକାଳକୁ


"ଯହିଁରେ ଭାବ ନାହିଁ, ଯାହା ରସହୀନ;
ତାହା ହୃଦୟ ନୁହେଁ, ପଥର ।"
– ମୈଥିଳୀ ଶରଣ ଗୁପ୍ତ


"ଆକ୍ରମଣ କରୁଥିବା ଶତ୍ରୁଙ୍କୁ ଡର ନାହିଁ,
ଡର ତୋଷାମଦି କରୁଥିବା ବନ୍ଧୁଙ୍କୁ ।"
– ଡେଲ୍ କାର୍ନେଗୀ


"ସେଇ ବହିଟି ମହତ୍ତ୍ୱପୂର୍ଣ୍ଣ, ଯାହା
ଆପଣଙ୍କ ପାଇଁ କିଛି ଅର୍ଥ ରଖେ ।"
– ୱିଲିୟମ୍ ସମରସେଟ୍ ମମ୍


"ପ୍ରଥମ ପ୍ରେମ ଯଥାର୍ଥ ପ୍ରେମ,
ତା'ପର ପ୍ରେମ ଆପଣାକୁ
ଭୁଲାଇବା ଓ ଭ୍ରମିତ କରିବା ।"
– ମନ୍ନୁ ଭଣ୍ଡାରୀ


"ହସ କୌତୁକଠୁଁ ବଳି ସଂକ୍ରାମକ
ପୃଥିବୀରେ ଆଉ କିଛି ନାହିଁ ।"
– ଚାର୍ଲସ୍ ଡିକେନ୍ସ


"ପୃଥିବୀରେ ଆମର ପ୍ରତି ପଦପାତ
ଆମକୁ ଏକ ନୂଆ ଦୁନିଆକୁ ନେଇଯାଏ ।"
– ଫେଡେରିକୋ ଗାର୍ସିଆ ଲୋର୍କା


"ପୁରୁଷ ଏଯାଏଁ ନାରୀ ସହ
ଶୋଇବା ଶିଖିଛି, ବଞ୍ଚିବା ଶିଖିନାହିଁ ।"
– ଅମ୍ରିତା ପ୍ରୀତମ୍


"ଶବ୍ଦସବୁ ହେଉଛନ୍ତି
ଗୁଳିଭରା ପିସ୍ତଲ ।"
– ଜାଁ ପଲ୍ ସାର୍ତ୍ରେ


"ଅନ୍ତର୍ଲୋକକୁ ଯାତ୍ରା ହିଁ
ଜୀବନର ଏକମାତ୍ର ଯାତ୍ରା ।"
– ରାଇନର ମାରିଆ ରିଲ୍କେ


"ଏକ ଶାନ୍ତ ମନ
ସବୁ ପ୍ରତିକୂଳତାକୁ ଜୟ କରେ ।"
– ଆର୍.କେ. ନାରାୟଣ


"ମଣିଷ ଜନ୍ମତଃ ଅଜ୍ଞାନ,
ମୂର୍ଖ ନୁହେଁ;
ଶିକ୍ଷା ତାକୁ ମୂର୍ଖ ବନାଏ ।"
–ବର୍ଟ୍ରାଣ୍ଡ ରସେଲ୍


"ସଂଘର୍ଷରୁ ଆରମ୍ଭ ପୁରୁଷର
ଜୀବନ, ସ୍ତ୍ରୀର ସମର୍ପଣରୁ ।"
– ମହାଦେବୀ ବର୍ମା


"ନିଜକୁ ସର୍ବଜ୍ଞ ମଣୁଥିବା ବ୍ୟକ୍ତି ନିର୍ବୋଧ,
ଜିଜ୍ଞାସାରେ ନିହିତ ଥାଏ ପ୍ରଜ୍ଞା ।"
– ମିଲାନ୍ କୁନ୍ଦେରା


"ଯଦି ଅନ୍ୟର ଗପ ତମ ମନକୁ
ପାଉନାହିଁ, ତେବେ ତମ ଗପ
ତମେ ନିଜେ ଲେଖ ।"
– ଚିନୁଆ ଆଚେବି


"ଥିଲାବାଲାଙ୍କର ନୈତିକତା,
ଆଉ ନ ଥିଲାବାଲାଙ୍କର ଧର୍ମ ।"
– ଖୁସ୍‌ୱନ୍ତ ସିଂହ


ଯୋଗାଯୋଗ: E-mail:dharitrisahityayana@gmail.com

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୭/୨୦୨୫ Bhubaneswar, Saturday, December 27/ 2025





# ରାଜେଶଙ୍କ ହ୍ୟାଟ୍ରିକ୍: ଓଡ଼ିଶାର ପ୍ରଥମ ବିଜୟ

**ଆଲୁର,୨୬।୧୨**

ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ରାଜେଶ ମହାନ୍ତିଙ୍କ ହ୍ୟାଟ୍ରିକ ଓ ସମ୍ବିତ ଏସ୍ ବରାଳଙ୍କ ଘାତକ ବୋଲିଂ ବଳରେ ଓଡ଼ିଶା ୪ ଉଇକେଟରେ ସର୍ଭିସେସକୁ ପରାସ୍ତ କରିଛି। ଏହା ଓଡ଼ିଶା ଦଳର ପ୍ରଥମ ବିଜୟ। ଏହି ବିଜୟ ଯୋଗୁ ଓଡ଼ିଶା ୨ ମ୍ୟାଚ୍‌ରେ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହିତ ୪ ପଏଣ୍ଟ ଅର୍ଜନ କରି ଏଲିଟ୍ ଗ୍ରୁପ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ମ୍ୟାଚ୍‌ରେ ହ୍ୟାଟ୍ରିକ୍ ନେଇଥିବା ରାଜେଶଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଓଡ଼ିଶା ଦଳ ଆସନ୍ତା ୨୯ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଆନ୍ଧ୍ରକୁ ଭେଟିବ।

ଟସ୍ ଜିତି ଓଡ଼ିଶା ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ ରାଜେଶ ମହାନ୍ତି ଇନିଂସର ୭ମ ଓଭରରେ ସଠିକ୍ ପ୍ରମାଣ କରି ଦେଖାଇଥିଲେ। ସେ ଓଭରର ପ୍ରଥମ ବଲରେ ସାଗର ଦାହିୟା (୯)ଙ୍କୁ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ରାଜେଶ ମହାନ୍ତି।

କ୍ଲିନ ବୋଲ୍ଡ କରିଥିବା ବେଳେ ଦ୍ୱିତୀୟ ବଲରେ ଅମିତ ଶୁକ୍ଳା(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିଲେ। ତୃତୀୟ ବଲରେ ରବି ଚୌହ୍ୱାନ(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି ରାଜେଶ ହ୍ୟାଟ୍ରିକ ପୂରଣ କରିଥିଲେ। ସେ ଓଡ଼ିଶାର ପ୍ରଥମ ବୋଲର ଭାବେ ଲିଷ୍ଟ-ଏ କ୍ରିକେଟରେ ହ୍ୟାଟ୍ରିକ ନେଇଛନ୍ତି। ଏହାପରେ ସମ୍ବିତ କ୍ରମାଗତ ଓଭରରେ ୪ ଉଇକେଟ ନେଇ ସର୍ଭିସେସ୍‌ର ବ୍ୟାଟିଂ ଲାଇନଅପ୍‌ର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ୧୧.୨ ଓଭର ସୁଦ୍ଧା ସର୍ଭିସେସ ୩୫ ରନରେ ୭ ଉଇକେଟ ହରାଇ ଅତ୍ୟନ୍ତ ସଙ୍କଟରେ ଥିଲା। ଏଭଳି ପରିସ୍ଥିତିରେ ପୁନମ ପୁନିଆ ଓ ଅର୍ଜୁନ ଶର୍ମା ଅଷ୍ଟମ ଉଇକେଟରେ ୨୯ ରନ ଯୋଡ଼ି ଦଳୀୟ ସ୍କୋରକୁ ୬୪ ରନରେ ପହଞ୍ଚାଇଥିଲେ। କ୍ରମାଗତ ବ୍ୟବଧାନରେ

## ବିଜୟ ହଜାରେ ଟ୍ରଫି

ଅନ୍ତିମ ଦୁଇ ଉଇକେଟ ପଡ଼ିବାରୁ ସର୍ଭିସେସ ୨୧.୫ ଓଭରରେ ୮୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶା ପାଇଁ ରାଜେଶ ଓ ସମ୍ବିତ ୪ ଲେଖାଏ ଉଇକେଟ ନେଇଥିବା ବେଳେ ବାଦଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ପ୍ରଥମ ଦୁଇ ଓଭରରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ଗତ ମ୍ୟାଚ୍‌ରେ ଦ୍ୱିଶତକୀୟ ପାଳି ଖେଳିଥିବା ସ୍ୱସ୍ତିକ ସାମଲ ଖାତା ଖୋଲି ପାରି ନଥିବା ବେଳେ ଓମ୍ ଟି ମୁଣ୍ଡେ ୧ ରନ କରି ଆଉଟ୍ ହୋଇଥିଲେ। ଏହାପରେ ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଡିଫେନ୍ସିଭ ବ୍ୟାଟିଂ କରି ତୃତୀୟ ଉଇକେଟରେ ୩୭ ରନ ଯୋଡ଼ି ଦଳୀୟ ସ୍କୋରକୁ ୪୦ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଗୋବିନ୍ଦ ପୋଦ୍ଦାର (୧୧), ସମ୍ବିତ (୭), ଅଧିନାୟକ ବିପ୍ଳବ (୪) ଓ ରାଜେଶ (୧୨)ଙ୍କ ଉଇକେଟ ହରାଇଥିଲା। ପ୍ରୟାସ ସିଂ (୯ ରନ, ୧ ଚୌକା)ଙ୍କ ସହ ମିଶି ସନ୍ଦୀପ (୩୨ ରନ, ୪ ଚୌକା) ମ୍ୟାଚ୍ ଫିନିଶ୍ କରିଥିଲେ। ଓଡ଼ିଶା ୨୪.୩ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସର୍ଭିସେସ ପାଇଁ ପୁନମ ପୁନିଆ ୪ ଓ ନୀତୀନ ଯାଦବ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସର୍ଭିସେସ: ୨୧.୫ ଓଭରରେ ୮୩/ଅଲଆଉଟ୍ (ପୁନମ ପୁନିଆ-୨୫, ରାଜେଶ ମହାନ୍ତି-୪/୨୫, ସମ୍ବିତ ଏସ୍ ବରାଳ-୪/୨୧)। ଓଡ଼ିଶା: ୨୪.୩ ଓଭରରେ ୮୪/୬(ସନ୍ଦୀପ ପଟ୍ଟନାୟକ-୩୨*, ପୁନମ ପୁନିଆ-୪/୨୭, ନୀତୀନ ଯାଦବ-୨/୨୦)।

# ସେମିରେ ରାମେଶ୍ୱର

**ଭୁବନେଶ୍ୱର,୨୬।୧୨(ଅନାଦି କର)**

ଚଳିତ ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ୯ ଉଇକେଟରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ୍ (ଆଇଆଇସି)କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।

## ମୁକ୍ତେଶ୍ୱର କପ୍

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଇଆଇସି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପାଇଁ ଏସ୍ କେ ରମଜାନ ୪୪, ସାଇ ସ୍ୱରୂପ ୩୫ ଓ ଫର୍ହାନ ଅଖତର ୩୩ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ସ୍ୱସ୍ତିକ ଘୋଷାଲ ୨ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ୨୨.୫ ଓଭରରେ ୧ ଉଇକେଟ ହରାଇ ୧୫୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଲିଓନିଲ ମେହେର ୬୩ ବଲରେ ୮୪ ଓ କୁମାର ଆର୍ଯ୍ୟନ ସ୍ୱାଇଁ ୩୩ ରନ କରି ଅପରାଜିତ ରହିଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିବା ଆଲୋକ


ଲିଓନିଲ ମେହେର ପୁରସ୍କାର ଗ୍ରହଣ କରୁଛନ୍ତି।

ମଙ୍ଗରାଜ ବିଜୟୀ ଦଳର ଲିଓନିଲ ମେହେରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ କଟକର ରାଇଜିଂ ଷ୍ଟୁଡେଣ୍ଟସ ଓ କ୍ଲବ ଦି ରେଡ୍ ଷ୍ଟାର ପରସ୍ପରକୁ ଭେଟିବେ।

# ସୂର୍ଯ୍ୟବଂଶୀଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

**ନୂଆଦିଲ୍ଲୀ, ୨୬।୧୨ (ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ୧୪ ବର୍ଷୀୟ କ୍ରିକେଟ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କୁ ସମ୍ମାନଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରରେ ସମ୍ମାନିତ କରିଛନ୍ତି। ସମ୍ମାନିତ ହୋଇଥିବା ଅନ୍ୟ ଶିଶୁ ପ୍ରତିଭାଙ୍କ ମଧ୍ୟରେ ଅଛନ୍ତି ୭ବର୍ଷୀୟା ଚେସ୍ ପ୍ରତିଭା ଭାକା ଲକ୍ଷ୍ମୀ ପ୍ରାଗ୍ନିକା ଓ ସୁଇମିଂ ପ୍ରତିଭା ଧିନିଧି ଦେସିଙ୍ଗୁ। ଖେଳ, ସାହସ, ସମାଜସେବା ଏବଂ ପରିବେଶ କ୍ଷେତ୍ରରେ ଅସାଧାରଣ ସଫଳତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। କିଛିଦିନ ପୂର୍ବେ ରାଞ୍ଚିଠାରେ ଅରୁଣାଚଳ ପ୍ରଦେଶ ବିପକ୍ଷ ବିଜୟ ହଜାରେ ଟ୍ରଫି ପ୍ଲେଟ ଗ୍ରୁପ୍ ମ୍ୟାଚରେ ବିହାର ତରଫରୁ ଖେଳୁଥିବା ବେଳେ ମାତ୍ର ୮୪ ବଲ୍‌ରେ ସେ ୧୯୦ ରନ ସଂଗ୍ରହ କରିଥିଲେ। ସେଥିରେ ତାଙ୍କର ୧୬ ଚୌକା ଓ ୧୫ ଛକା ସାମିଲ ଥିଲା। ଫଳତଃ ମାତ୍ର ୧୪ ବର୍ଷ ଓ ୨୭୨ ଦିନ ବୟସରେ ଏକ ଲିଷ୍ଟ 'ଏ' ମ୍ୟାଚରେ ଶତକ ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ସୂର୍ଯ୍ୟବଂଶୀ ମାତ୍ର ୩୬ ବଲ୍‌ରେ ଶତକ ହାସଲ କରିଥିଲେ। ସୂର୍ଯ୍ୟବଂଶୀଙ୍କ ଅଭୂତପୂର୍ବ ବ୍ୟାଟିଂ ଯୋଗୁ ବିହାରର ସ୍କୋର ୫୭୪/୬ ହୋଇପାରିଥିଲା।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବୈଭବ ସୂର୍ଯ୍ୟବଂଶୀ।

ଲିଷ୍ଟ 'ଏ' କ୍ରିକେଟରେ ଏହା ହେଉଛି ସର୍ବୋଚ୍ଚ ସ୍କୋର। ଚଳିତବର୍ଷ ପ୍ରାରମ୍ଭରେ ସୂର୍ଯ୍ୟବଂଶୀ ପୁରୁଷ ଟି୨୦ କ୍ରିକେଟରେ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର ହେବାର ଗୌରବ ଅର୍ଜନ କରିଥିଲେ। ଜୟପୁରରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ଏକ ଆଇପିଏଲ୍ ଗେମ୍‌ରେ ରାଜସ୍ଥାନ ରୟାଲ୍ସ ତରଫରୁ ଖେଳୁଥିବା ବେଳେ ମାତ୍ର ୩୮ ବଲ୍‌ରେ ସେ ୧୦୧ରନ ସଂଗ୍ରହ କରିଥିଲେ। ଆଇପିଏଲ୍ ଇତିହାସରେ ଏହା ଥିଲା ଦ୍ୱିତୀୟ ଦ୍ରୁତତମ। ଏହି ୧୯ବର୍ଷରୁ କମ୍ ଭାରତ କ୍ରିକେଟର ଚଳିତବର୍ଷ ଭ୍ରମଣକାରୀ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ ବିପକ୍ଷ ଏକ ୪ ଦିନିଆ ମ୍ୟାଚରେ ଶତକ ହାସଲ କରିଥିଲେ।

# ହାର୍ଦ୍ଦିକ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ ଅଧିନାୟକ

**ନୂଆଦିଲ୍ଲୀ, ୨୬।୧୨ (ପି.ଟି.)**

ଜାନୁଆରୀ ୩ରୁ ଚେନ୍ନାଇରେ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଆରମ୍ଭ ହେବାକୁଥିବା ବେଳେ ଭାରତର ଷ୍ଟାର ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ଦଳ ଜାନୁଆରୀ ୫ରେ ଚେନ୍ନାଇସ୍ଥିତ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଏସ୍‌ଜି ପାଇପର୍ସ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଦଳରେ ଲଳିତ ଉପାଧ୍ୟାୟ, ସାମ୍ ୱାର୍ଡ, ସୁରେନ୍ଦର କୁମାର ଓ କେନ୍ ରସେଲଙ୍କ ଭଳି ଅଭିଜ୍ଞ ଷ୍ଟଲୱାର୍ଟ ଖେଳାଳିମାନେ ରହିଛନ୍ତି। ନିକଟରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ଦଳର ଗୁରଜୋତ୍ ସିଂ, ମନମିତ ସିଂ ଟାଲେମ ପ୍ରିୟବ୍ରତ ପ୍ରମୁଖ ମଧ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ ଦଳରେ ସ୍ଥାନ ପାଇଛନ୍ତି।

# ସନ୍ତୋଷ ଟ୍ରଫି: ଓଡ଼ିଶାର ହ୍ୟାଟ୍ରିକ ବିଜୟ


ଛତିଶଗଡ଼ ବିପକ୍ଷ ମ୍ୟାଚ ପୂର୍ବରୁ ଓଡ଼ିଶା ଦଳ।

**ଭୁବନେଶ୍ୱର,୨୬।୧୨ (ଅନାଦି କର)**

ଛତିଶଗଡ଼ର ନରେନପୁରରେ ଚାଲିଥିବା ୭୯ତମ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଶୁକ୍ରବାର ଖେଳାଯାଇଥିବା ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଓଡ଼ିଶା ୩-୧ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ଏହି ବିଜୟ ସହ ଓଡ଼ିଶା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଏହି ଉପଲବ୍ଧି ଲାଗି ଦଳୀୟ ଖେଳାଳିଙ୍କୁ ଝାରସୁଗୁଡ଼ା ବିଧାୟକ ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ଆସୋସିଏଶନର ଅନ୍ୟ ପଦାଧିକାରୀ ଅଭିନନ୍ଦନ ଜଣାଇଛନ୍ତି।

ମ୍ୟାଚ୍ ଆରମ୍ଭରୁ ଓଡ଼ିଶା ଆଟାକିଂ ରଣନୀତି ଆପଣେଇଥିଲା। ୩୨ତମ ମିନିଟ୍‌ରେ ଜିତୁ ମୁଦୁଲିଙ୍କ ଗୋଲ ବଳରେ ଓଡ଼ିଶା ଖାତା ଖୋଲିଥିଲା। ଏହାର ୫ ମିନିଟ୍ ପରେ ଚନ୍ଦ୍ର ମୋହନ ମୁର୍ମୁ (୩୭ତମ) ଦଳ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ଏହି ଦୁଇ ଗୋଲ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଓଡ଼ିଶା ୨-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟ୍‌ରେ ଅଭିଷେକ କୁନଜାମ ଛତିଶଗଡ଼ ପାଇଁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହାପରେ ଓଡ଼ିଶାର ଅଧିନାୟକ କାର୍ତ୍ତିକ ହାନ୍ତଲ ୬୪ତମ ମିନିଟ୍‌ରେ ଓଡ଼ିଶା ପାଇଁ ତୃତୀୟ ଗୋଲ କରିଥିଲେ।

# ବାମଣ୍ଡା କପ୍ କ୍ରିକେଟ୍: ୟୁନିଅନ ସ୍ପୋର୍ଟିଂ ବିଜୟୀ

**ଦେବଗଡ଼,୨୬।୧୨**
**(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଇନ୍ଦ୍ରାଗାନ୍ଧି ଷ୍ଟାଡିୟମରେ ଚାଲିଥିବା ୩୫ତମ ବାମଣ୍ଡା କପ କ୍ରିକେଟ୍ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ କଟକର ୟୁନିଅନ ସ୍ପୋର୍ଟିଂ ୬୨ ରନରେ ଇଷ୍ଟ କୋଷ୍ଟ ରେଲୱେ ଭାଇଜାଗକୁ ପରାସ୍ତ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ୟୁନିଅନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ଆତିଫ ଅସଲମ ୫୮, ତାପସ ରାଉତ ୪୩, ରାଜୀବ ଲୋଚନ ସାହୁ ୪୨ ଓ ବିନାୟକ ସାହୁ ୩୮ ରନ କରିଥିବା ବେଳେ ଭାଇଜାଗ ଦଳର ବି. ଏନ. ରାଜୀବ ଓ ଏମ. ସାଇ ୱାସ୍ୱନ୍ତ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଭାଇଜାଗ ଦଳ ବ୍ୟାଟିଂ କରି ୧୭.୩ ଓଭରରେ ୧୫୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ହ୍ରିତିକ ଭର୍ମା ୪୩ ଓ ଏସ. ଶ୍ରୀ ଭର୍ଦନ ୨୭ ରନ ସଂଗ୍ରହ କରିଥିଲା ବେଳେ କଟକ ଦଳର ଗଣେଶ ତମାର ୫ଟି ଓ ଏମ. ଡ଼ି. ନଦୀମ ଖାନ ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡନାଏକ ଓ ଦିଲୁ ଦସଭାୟା ଧାରାବିବରଣୀ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚରେ କଟକ ଦଳର ଗଣେଶ ତମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ ଆରମ୍ଭରୁ ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ତଥା ଓକିଲ ପ୍ରଭାସ ଚନ୍ଦ୍ର ମିଶ୍ର, କାଉନସିଲର ଇତିଶ୍ରୀ ମିଶ୍ର, ପିଙ୍କି ସାହୁ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ମହନ୍ତ ଓ ଜିଲ୍ଲା ଓକିଲ ସଂଘ ସଂପାଦକ ସିଦ୍ଧେଶ୍ୱର ଗୁରୁ ଅତିଥି ଭାବେ ଯୋଗ ଦେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଗଣେଶ ତମାରଙ୍କୁ ପୁରସ୍କୃତ କରାଯାଉଛି।

# ପ୍ରଥମ ଦିନରେ ୨୦ ଉଇକେଟ ପତନ


**ମେଲବୋର୍ନ,୨୬।୧୨(ଏପି)**

ସ୍ଥାନୀୟ ଏମ୍‌ସିଜି ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଆଶେସ ଟେଷ୍ଟ କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ୭୫.୧ ଓଭରରେ ଉଭୟ ଦଳର ୨୦ ଉଇକେଟ ପତନ ଘଟିଛି। ଘରୋଇ ଅଷ୍ଟ୍ରେଲିଆ ୧୫୨ ରନରେ ଅଲଆଉଟ୍ ହେବା ପରେ ମଧ ପ୍ରଥମ ଇନିଂସରେ ୪୨ ରନର ଅଗ୍ରଣୀ ହାସଲ କରିଛି। ଏହି ମ୍ୟାଚ୍ ଲାଗି ୯୪,୧୯୯ ସଂଖ୍ୟାରେ ଦର୍ଶକ ଯୋଗ ଦେଇଥିଲେ, ଯାହାକି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ ଇତିହାସରେ

## ଚତୁର୍ଥ ଆଶେସ ଟେଷ୍ଟ

ସର୍ବାଧିକ। ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ୨୦୧୫ ଦିନିକିଆ ବିଶ୍ୱକପ୍ ଫାଇନାଲ ଲାଗି ୯୩,୦୧୩ ସଂଖ୍ୟକ ଦର୍ଶକ ଯୋଗ ଦେଇଥିଲେ, ଯାହାକି ପୂର୍ବରୁ ରେକର୍ଡ ଥିଲା। ଅଷ୍ଟ୍ରେଲିଆ ତା'ର ଦ୍ୱିତୀୟ ଇନିଂସରେ ବିନା କ୍ଷତିରେ ୪ ରନ କରିଛି। ମ୍ୟାଚ୍‌ରେ ଆହୁରି ୪ ଦିନ ବାକି ଥିବା ବେଳେ ଅଷ୍ଟ୍ରେଲିଆ ହାତରେ ୧୦ ଉଇକେଟ ରଖି ୪୬ ରନ ଆଗରେ ରହିଛି। ବକ୍ସିଂ ଡେ'ର ଟେଷ୍ଟର ପ୍ରଥମ ଦିନରେ ୨୦ ଉଇକେଟ ପଡ଼ିବା ମଧ ଏକ ରେକର୍ଡ। ପୂର୍ବରୁ ୧୯୯୮ ବକ୍ସିଂ ଡେ' ଆଶେସ ଟେଷ୍ଟରେ ପ୍ରଥମ ଦିନରେ ୧୮ ଉଇକେଟ ପଡ଼ିଥିଲା। ତେବେ ଲର୍ଡ୍ସଠାରେ ଖେଳାଯାଇଥିବା ୧୮୮୮ ଆଶେସ ଟେଷ୍ଟର ପ୍ରଥମ ଦିନ ସର୍ବାଧିକ ୨୭ ଉଇକେଟର ପତନ ଘଟିଥିଲା।

ପେସରଙ୍କୁ ସୁହାଉଥିବା ପିଚ୍‌ରେ ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୧ ରନରେ ୬ ଉଇକେଟ ହରାଇ ଅତ୍ୟନ୍ତ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ମାଇକେଲ ନେସର (୩୫) ଓ କାମେରନ ଗ୍ରୀନ (୨୦) ସପ୍ତମ ଉଇକେଟରେ ୫୨ ରନ ଯୋଡ଼ିଥିଲେ। ଗ୍ରୀନ ଦୁର୍ଭାଗ୍ୟବଶତଃ ଭାବେ ରନ ଆଉଟ୍ ହେବା ପରେ ଅନ୍ୟ କୌଣସି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ଛିଡ଼ା ହୋଇପାରି ନ ଥିଲେ। ଫଳରେ ଅଷ୍ଟ୍ରେଲିଆ ୪୫.୨ ଓଭରରେ ୧୫୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଟପ୍ ଅର୍ଡରରେ ଉସ୍ମାନ ଖ୍ୱାଜା (୨୯)ଙ୍କ ବ୍ୟତୀତ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଇଂଲଣ୍ଡ ପାଇଁ ଜୋଶ ଟଙ୍ଗ ୪୫ ରନ ଦେଇ ୫ ଉଇକେଟ ସଫଳତା ହାସଲ କରିଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ଜବାବରେ ଘରୋଇ ପେସରଙ୍କ ଘାତକ ବୋଲିଂ ଆଗରେ ଇଂଲଣ୍ଡ ୨୯.୫ ଓଭରରେ ମାତ୍ର ୧୧୦ ରନରେ ଅଲଆଉଟ୍ ହୋଇଯାଇଥିଲା।



ଉଇକେଟ ହାସଲ ପରେ ଉଲ୍ଲସିତ ଜୋଶ ଟଙ୍ଗ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୫୨/ଅଲଆଉଟ୍ (ମାଇକେଲ ନେସର-୩୫, ଉସ୍ମାନ ଖ୍ୱାଜା-୨୯, ଜୋଶ ଟଙ୍ଗ-୫/୪୫, ଗସ୍ ଆଟକିନସନ-୨/୨୮)। ଇଂଲଣ୍ଡ ପ୍ରଥମ ଇନିଂସ: ୧୧୦/ଅଲଆଉଟ୍ (ହ୍ୟାରୀ ବ୍ରୁକ-୪୧, ଗସ୍ ଆଟକିସନ-୨୮, ମାଇକେଲ ନେସର-୪/୪୫, ସ୍କଟ ବୋଲାଣ୍ଡ-୩/୩୦, ମିଚେଲ ଷ୍ଟାର୍କ-୨/୨୩)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୪/୦।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ